ବୋଲିଂ ଶୀର୍ଷରେ ଜାକବ୍ ଡଫି

ପୃଷ୍ଠା ୬

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 14 | ଭାଗ ୩୩ | ସଂଖ୍ୟା ୧୪ | Bhubaneswar | Saturday 5 April 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୫ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ସବୁ ସାରିଦେଲେ ମାୟାବୀ ନବୀନ

- ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କଲେ ସାଂସଦ
- ଆଭିମୁଖ୍ୟ ପରିବର୍ତ୍ତନ ନେଇ କ୍ଷୁବ୍ଧ ବରିଷ୍ଠ ନେତା
- ରାଜନୈତିକ ଅସ୍ତିତ୍ୱ ହରାଇବ କି ବିଜେଡି
- ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଅସ୍ପଷ୍ଟ ଆଭିମୁଖ୍ୟ ନେତା ଓ କର୍ମୀଙ୍କୁ ବିପଦ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ୱାକପ୍ (ସଂଶୋଧନ) ବିଲରେ ବିଜେଡିର ଦୋମୁହାଁ ଆଭିମୁଖ୍ୟ ଏବେ ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏଥିସହିତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ୱାକଫ ବିଲ୍‌ରେ ବିଜେଡିର ଆଭିମୁଖ୍ୟ ହଠାତ କାହିଁକି ବଦଳିଲା, ତାକୁ ନେଇ ଆଜି ଦିନତମାମ ବିଜେଡିର କିଛି ବରିଷ୍ଠ ନେତା ମାନସ ମଢନ କରିଛନ୍ତି। ପୂର୍ବାହ୍ନରେ ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରି ପାତ୍ର, ଶଶିଭୂଷଣ ବେହେରା ଆଦି ନେତା ସିଂହ ଭଳି ଗର୍ଜନ କରି ନବୀନଙ୍କଠାରୁ ଉତ୍ତର ମାଗିବେ ବୋଲି ଗଲେ। ହେଲେ ସନ୍ଧ୍ୟାରେ ନବୀନ ନିବାସରୁ ଫେରିବା ବେଳକୁ ଗର୍ଜନ ଧର୍ମନିରପେକ୍ଷତାରେ ପରିବର୍ତ୍ତନ ହୋଇଗଲା।

ନବୀନ ପଟ୍ଟନାୟକ ସିନା ବରିଷ୍ଠ ନେତାଙ୍କୁ ବୁଝେଇସୁଝେଇ ହେଉ କି ନାଲି ଆଖି ଦେଖେଇ ବିଦା କରିଦେଲେ। ହେଲେ ଏହି ଘଟଣାରେ ବିଜେଡିରେ ଅସନ୍ତୋଷ ସ୍ପଷ୍ଟ ହୋଇଗଲା। ୱାକଫ ଆଲୋଚନାକୁ ଖୋଲାଖୋଲି ବିରୋଧ କରି ସାଂସଦ ମୁନା ଖାଁ ସଂସଦରେ ନିଜ ବିବୃତ୍ତି ରଖିଲେ ଆଉ ବିଲ ବିରୋଧରେ ଭୋଟ ଦେଇଥିଲେ। ସସ୍ମିତ ପାତ୍ର ବିଲ୍ ସପକ୍ଷରେ ଭୋଟ ଦେଇଥିବା ବେଳେ ଦେବାଶିଷ ସାମନ୍ତରାୟ ପରିବର୍ତ୍ତିତ ଆଭିମୁଖ୍ୟକୁ ବିରୋଧ କରି ଭୋଟ ପ୍ରକ୍ରିୟାରେ ସାମିଲ ହୋଇନାହାଁନ୍ତି। ନବୀନଙ୍କ ନିଷ୍ପତ୍ତିକୁ ଯେ ଦଳ ଭିତରେ ଚ୍ୟାଲେଞ୍ଜ କରାଯାଉଛି, ତାହା ମଧ୍ୟ ଜଳ ଜଳ ହୋଇ ଦିଶୁଛି।

ସାଂସଦ ସସ୍ମିତ ପାତ୍ରଙ୍କ ଟ୍ୱିଟ୍‌କୁ ନେଇ ଏହି ବିବାଦ ଦେଖା ଦେଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଜେଡି ବିଧାୟକ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ। ଏନେଇ ସେ ସଭାପତିଙ୍କୁ ଏକ ଚିଠି ଲେଖିଛନ୍ତି।

ଏମିତିକି ପରିବର୍ତ୍ତିତ ଆଭିମୁଖ୍ୟ ପଛରେ କିଛି ଖେଳ ହୋଇଥିବା ନେଇ ଦଳର ବରିଷ୍ଠ ନେତା ବଦ୍ରି ପାତ୍ରଙ୍କ ଆଶଙ୍କା ବି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ଏ ସମ୍ପର୍କରେ ଦଳ ସଭାପତିଙ୍କୁ ପଚାରିବେ ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଥିବା ବେଳେ ପୂରା ପ୍ରସଙ୍ଗରେ ତେରଛା ବାଣ ଛାଡ଼ି ବିଜେପି କହିଛି ଯେ ପୃଷ୍ଠା-୬

ତୃତୀୟ ୱିକେଟ୍ ପାଇଁ ଅବଗଣନା ଆରମ୍ଭ

ଯୁବ ସାଂସଦଙ୍କ ଉପରେ ନଜର
ରାଜ୍ୟସଭାରେ ସଂଖ୍ୟା ୬କୁ ଖସିପାରେ

ଭୁବନେଶ୍ୱରଃ ବିଜେଡିର ଆଉ ଜଣେ ରାଜ୍ୟସଭା ସାଂସଦ ଦଳ ଛାଡିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ସେନେଇ ଅବଗଣନା ଆରମ୍ଭ ହୋଇଛି। କେଉଁ ସାଂସଦ ଦଳ ଛାଡିବେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନଥିଲେ ମଧ୍ୟ ଦଳଡିଆଁ ଧାଡ଼ିର ଆଗରେ ଦଳର ଜଣେ ଯୁବ ସାଂସଦ ଥିବା ଚର୍ଚ୍ଚା ଜୋର ଧରିଛି। ସଂସଦ ଅଧିବେଶନ ପରେ ବିଜେଡିର ଜଣେ ସାଂସଦ ଦଳ ଛାଡ଼ିବା ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଏବେ ଏହାକୁ ଖୋରାକ ଯୋଗାଇଛି ରାଜ୍ୟସଭାରେ ୱାକଫ୍ ବିଲ୍‌କୁ ବିଜେଡିର ସମର୍ଥନ। ବିଲ୍‌କୁ ନେଇ ବିଜେଡିର ବାରମ୍ବାର ମତ ପରିବର୍ତ୍ତନ ଦଳରେ ଏବେ ବିସ୍ଫୋରଣ ଅବସ୍ଥା ସୃଷ୍ଟି କରିଛି। ଦଳରେ କେଉଁ ସମୟରେ କ'ଣ ଘଟିବ, ତାହାକୁ ନେଇ ସମସ୍ତେ ଆଶଙ୍କାରେ ରହିଛନ୍ତି। ଦଳର ବରିଷ୍ଠ ନେତାମାନେ ସଭାପତିଙ୍କ ଆଡକୁ ଅଙ୍ଗୁଳି ଦେଖାଇବାକୁ ବି ପଛାଉନାହାନ୍ତି।ତେଣୁ ପୂର୍ବରୁ ଚର୍ଚ୍ଚା ଚାଲିଥିବା ତୃତୀୟ ୱିକେଟଟି ଶୀଘ୍ର ପଡିବା ନେଇ ଆକଳନ କରାଯାଉଛି। ଜଣେ ଯୁବ ସାଂସଦ ପୂର୍ବଭଳି ଦଳ ଛାଡ଼ିବେ ଓ ବିଜେପିରେ ଯୋଗଦେବେ। ତେବେ ଏହି ପୃଷ୍ଠା-୬



୨୪.୦୭.୧୯୩୭-୪.୪.୨୦୨୫

ଅଲ୍‌ବିଦା
'ଭାରତ କୁମାର'

ମୁମ୍ବାଇ,୪।୪(ସଂଚାର ବ୍ୟୁରୋ): ନିଜର ଦେଶପ୍ରେମଭିତ୍ତିକ ଚଳଚ୍ଚିତ୍ର ପାଇଁ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ବର୍ଷୀୟାନ୍ ଅଭିନେତା ତଥା ପ୍ରଯୋଜକ-ନିର୍ଦ୍ଦେଶକ ମନୋଜ କୁମାରଙ୍କର ଆଜି ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟା କାରଣରୁ ଶଯ୍ୟାଶାୟୀ ଥିବା ବେଳେ ଆଜି ପୂର୍ବାହ୍ନରେ ସ୍ଥାନୀୟ କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ନିକଟରେ ହୃଦଘାତ ସହ ଜଡ଼ିତ ସମସ୍ୟା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଲିଭର୍ ସିରୋସିସ୍ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ତାଙ୍କର ପରଲୋକ ହୋଇଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି। ମନୋଜ କୁମାର ୧୯୬୫ରେ 'ଶହୀଦ' ଚଳଚ୍ଚିତ୍ର ମାଧ୍ୟମରେ ବଲିଉଡ୍‌ରେ ପରିଚୟ ସୃଷ୍ଟି କରିଥିଲେ। ଏହାପରେ ସେ ୧୯୬୭ରେ 'ଉପକାର' ଓ ୧୯୭୦ରେ 'ପୂରବ୍ ଔର୍ ପଶ୍ଚିମ୍' ଚଳଚ୍ଚିତ୍ର ମାଧ୍ୟମରେ 'ଭାରତ କୁମାର' ନାମରେ ଦର୍ଶକଙ୍କ ନିକଟରେ ଲୋକପ୍ରିୟତା ହାସଲ କରିଥିଲେ। ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅନବଦ୍ୟ ଅବଦାନ ପାଇଁ ମନୋଜଙ୍କୁ ୧୯୯୨ରେ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ଏହାଛଡ଼ା ଗତ ୨୦୧୫ରେ ତାଙ୍କୁ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲ୍‌କେ ପୁରସ୍କାର ମିଳିଥିଲା । ଦେଶପ୍ରେମ ଭିତ୍ତିକ ଚଳଚ୍ଚିତ୍ର ବ୍ୟତୀତ ସେ ମଧ୍ୟ ହରିୟାଲା ଔର୍ ରାସ୍ତା, ୱ କୌନ୍ ଥୀ, ହିମାଲୟ କୀ ଗୋଦ୍ ମେଁ, ଗୁମ୍‌ନାମ, ଦୋ ବଦନ୍, ପଥର୍ କେ ସନମ୍, ନୀଲ୍ କମଲ୍ ଓ କ୍ରାନ୍ତି, ଶୋର, ରୋଟୀ କପ୍‌ଡା ଔର୍ ମକାନ୍ ପରି ଅନେକ ମନୋରଞ୍ଜନ ଧର୍ମୀ ଚଳଚ୍ଚିତ୍ରରେ ସଫଳ ଅଭିନୟ କରିଥିଲେ। ତାଙ୍କ ପରଲୋକରେ ପୃଷ୍ଠା-୬

ଆତ୍ମସମର୍ପଣ କଲେ ୪ ନକ୍ସଲ

ମାଲକାନଗିରି,୪।୪(ସଂଚାର ବ୍ୟୁରୋ): ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ପୁଲିସ ନିକଟରେ ଆଜି ୪ ଜଣ ନକ୍ସଲ ପୁଣି ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ନକ୍ସଲ ମଧ୍ୟ ଅଛନ୍ତି। ଜିଲ୍ଲା ଏସପି କିରଣ ଚୌହାନଙ୍କ ସମେତ ସିଆରପିଏଫ କମାଣ୍ଡାଣ୍ଟଙ୍କ ନିକଟରେ ଏହି ନକ୍ସଲମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ନକ୍ସଲ ପିଏଲଜିଏ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା। ଏହାଛଡ଼ା ଅନ୍ୟ ଦୁଇ ଜଣଙ୍କ ନାମରେ ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା ହୋଇଥିଲା। ଆତ୍ମସମର୍ପଣ ପୃଷ୍ଠା-୬

କ୍ୟାବିନେଟ୍‌ରେ ଓଡ଼ିଶା ପାଇଁ ୨ଟି ରେଳ ପ୍ରକଳ୍ପ ମଞ୍ଜୁର

ବିନିଯୋଗ ହେବ ୫,୧୦୪ କୋଟି ଟଙ୍କା

ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ)) ଆଜି ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ସେଏଥିରେ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ। ଓଡିଶାର ଏହି ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି। କେନ୍ଦ୍ର ସରକାର ନିୟମିତ ଭାବେ ଓଡ଼ିଶା ପାଇଁ ଉଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପଗୁଡିକ ମଞ୍ଜୁର କରି ଏହାର ପ୍ରମାଣ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ପୋଷଣ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ

ମଧ୍ୟ ଧନ୍ୟବାଦ ଦେଇଛନ୍ତି। ମଞ୍ଜୁରୀ ପାଇଥିବା ଉକ୍ତ ଦୁଇଟି ପ୍ରକଳ୍ପ ହେଲା ସମ୍ବଲପୁର-ଜରପଡା (ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡା-ସାସନ (ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍। ସମ୍ବଲପୁର-ଜରପଡା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ପୃଷ୍ଠା-୬

ମାରାଗୁଡ଼ା ମହୋତ୍ସବରେ ମୁଖ୍ୟମନ୍ତ୍ରୀ

ନୂଆପଡା,୪।୪ (ସଂଚାର ବ୍ୟୁରୋ): ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଗସ୍ତ କରିଛନ୍ତି। ପ୍ରଥମଥର ନୂଆପଡ଼ା ଗସ୍ତ କରି ଅପରାହ୍ନରେ ସ୍ୱତନ୍ତ୍ର ବିମାନ ଯୋଗେ ନୂଆପଡ଼ାର ଗୋତମା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ଜିଲ୍ଲାର ତିନିଶହ କୋଟିରୁ ଉର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଥିଲେ । ପରେ ଗାୟତ୍ରୀ ମନ୍ଦିରଠାରୁ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ଆସି ମିନି ଷ୍ଟାଡିୟମରେ ମାରାଗୁଡ଼ା ଲୋକ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

୧୧ରୁ ଆୟୁଷ୍ମାନ ଭାରତ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ରାଜ୍ୟରେ ଆସନ୍ତା ଏପ୍ରିଲ ୧୧ ତାରିଖରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏହି ଯୋଜନାର ଶୁଭାରମ୍ଭ କରିବେ ୩ଦିନିଆ ଓଡ଼ିଶା ଗସ୍ତରେ ଆସିବାକୁ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା। ଶ୍ରୀ ନଡ୍ଡା ଆସନ୍ତା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚି ୧୨ ତାରିଖ ସଂଧ୍ୟା ଯାଏଁ ରହିବେ। ପୂର୍ବରୁ ସତ୍ୟଭାମାପୁର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ସପ୍ତାହ ଭିତରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେବା ନେଇ ଘୋଷଣା କରିଥିଲେ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମାର ସୁଫଳ ପାଇବେ। ଏହି ଯୋଜନାରେ ରାଜ୍ୟ ଭିତରେ ଓ ବାହାର ମେଡିକାଲ୍‌ରେ ଚିକିତ୍ସା ସୁବିଧା ମିଳିବ। ଏହା ମାଧ୍ୟମରେ ୨୯ ହଜାର ମେଡିକାଲ୍‌ରେ ଚିକିତ୍ସା ସୁବିଧା ମିଳିବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ତେବେ ଗତ ୨୧ ମାର୍ଚ୍ଚରେ ରାଜ୍ୟରେ ଆୟୁଷ୍ମାନ ଭାରତକୁ ମିଳିଥିଲା କ୍ୟାବିନେଟ ମଞ୍ଜୁରୀ। ଏନେଇ ଗୃହରେ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଫଳରେ ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ ହେବ। ଏହି ଯୋଜନା ଦ୍ୱାରା ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷର କ୍ୟାସଲେସ୍ ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସେହିପରି ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଲାଗୁ କରାଯିବ। ତେବେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ଭଳି ଜାରି ରହିବ ବୋଲି ସରକାର ସ୍ପଷ୍ଟ କରିସାରିଛନ୍ତି।

ବୋର୍ଡରେ ଓଡ଼ିଆ ଲେଖିବାକୁ ବାଧ
ଆଇନ ନମାନିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ସରକାରୀ ଦପ୍ତର ହେଉ କି ବ୍ୟାବସାୟିକ ପ୍ରତିଷ୍ଠାନ, ଓଡ଼ିଆରେ ଫଳକ ଲେଖିବା ସମସ୍ତଙ୍କ ପାଇଁ ବାଧତାମୂଳକ । ଆଜିଠାରୁ ଆରମ୍ଭ ହେଲା ଯାଞ୍ଚ ଅଭିଯାନ। ଖାଉଟି କଲ୍ୟାଣ ମନ୍ତ୍ରୀ କହିଲେ, ଉଲ୍ଲଘଂନ କଲେ ହେବ କାର୍ଯ୍ୟାନୁଷ୍ଠାନ। ଓଡ଼ିଆ ପକ୍ଷ ପାଳନ ଅବସରରେ ସାରା ରାଜ୍ୟରେ ଏନେଇ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି।

ଉଦ୍ରେକ ହୋଇଛି ଓଡ଼ିଆ ଭାଷା ପ୍ରୀତି। ଅସ୍ତ ହୋଇଛି କଳଙ୍କିତ ଯୁଗ। ଅସ୍ମିତାର ବାସ୍ନାରେ ବିଭୋର ଉତ୍କଳ ଜନନୀ। ୧୪ ଦିନ ଧରି ରାଜ୍ୟ ପାଳୁଛି ଓଡ଼ିଆ ପକ୍ଷ। ଖାଦ୍ୟଠାରୁ ବେଶପୋଷାକ ସବୁଠି ଏବେ ଖାଣ୍ଟି ଓଡ଼ିଆ ଛୁଙ୍କ। ଭାଷାକୁ ବି ଦିଆଯାଉଛି ବେଶ୍ ଗୁରୁତ୍ୱ। ସରକାରୀ ଦପ୍ତର ହେଉ ବା ବ୍ୟାବସାୟିକ ପ୍ରତିଷ୍ଠାନ, ସବୁଠି ଓଡ଼ିଆରେ ସୂଚନା ବା ନାମଫଳକ ଲେଖିବାକୁ ପୂର୍ବରୁ ବାଧତାମୂଳକ କରାଯାଇଛି। ଏବେ ଓଡ଼ିଆ ପକ୍ଷରେ ଏଦିଗରେ ପୁରୀ, କଟକ, ବୌଦ୍ଧ ସମେତ ବିଭିନ୍ନ ସ୍ଥାନରେ କରାଯାଇଛି ସଚେତନତା ଅଭିଯାନ। ତା' ସାଙ୍ଗକୁ ଆରମ୍ଭ ହୋଇଛି ସରକାରୀ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଅଭିଯାନ। ଖାଉଟି କଲ୍ୟାଣ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି ଯେ ଅଧିକାରୀ ବୁଲି ବୁଲି ତାଗିଦ୍ କରିବେ, ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ପୃଷ୍ଠା-୬

ଜାନ ତେରିଆ

ବିଜେଡି ବିଜେଡି ଫାଇଟ
ଚାଲିଛି
ଫାଟ ଦିଶେ ଜଳ ଜଳ
ମୁଖିଆଙ୍କ କଥା ନଶୁଣନ୍ତି କେହି
ଭିତରେ ଭିତରେ ଖେଳ
ଦଳ ପାଇଁ ଏହା କାଳ...
କିଛି ଦିନ ମଧ୍ୟେ ଶଙ୍ଖ
ଫାଟିଯିବ
ଦଳ ହେଲାଣି ଦୁର୍ବଳ।

■ ଦେବାଶିଷ

ବିଜେବି ନଗରରୁ ପାରାମାଉଣ୍ଟର ରାଜୁଡି ଶେଷ

- ଜବରଦଖଲ ଜମି ଦେବାକୁ ମନାକଲେ ସରକାର
- ବିଜେବି କଲେଜ ଜମିକୁ ମାଡ଼ିବସିଛି କ୍ରିକେଟ୍ କ୍ଲବ୍

ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): ବର୍ଷ ବର୍ଷ ଧରି ବିଜେବି କଲେଜ ଜମି ଉପରେ ନିଜର କ୍ରିକେଟ ବ୍ୟବସାୟ ଚଳାଇଆସିଥିବା ପାରାମାଉଣ୍ଟ କ୍ରିକେଟ କ୍ଲବ୍‌ର ରାଜୁଡି ବିଜେବି ନଗରରୁ ଖୁବଶୀଘ୍ର ଶେଷ ହେବ। କାରଣ ବିଜେବି କଲେଜର ଜବରଦଖଲ ଜମିକୁ ନିଜ ନାମରେ କରିବା ପାଇଁ ପାରାମାଉଣ୍ଟ କ୍ଲବ ସରକାରଙ୍କ ନିକଟରେ ଯେଉଁ ଆବେଦନ କରିଥିଲା, ତାହାକୁ ରାଜ୍ୟ ସରକାର ଖାରଜ କରିଦେଇଛନ୍ତି। ଏଥସହ ଏହି ଜମି ବିଜେବି କଲେଜକୁ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

ବିଜେବି କଲେଜର ଜବରଦଖଲ ଜମି ସଂକ୍ରାନ୍ତରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ ସାଧାରଣ ପ୍ରଶାସନ ବିଭାଗକୁ ମାଗିଥିବା ତଥ୍ୟରେ ଏହି ସୂଚନା ସରକାରଙ୍କ ପକ୍ଷରୁ ଦିଆଯାଇଛି। ଏଥିରେ କୁହାଯାଇଛି ଯେ ସାଧାରଣ ପ୍ରଶାସନ ପକ୍ଷରୁ ବିଜେବି କଲେଜକୁ ଯେଉଁ ୨୭ ଏକର ଜମି ଦିଆଯାଇଥିଲା, ତାହା କେବଳ ବିଜେବି କଲେଜର। ଏହି ଜମି ଅନ୍ୟ କାହାରିକୁ ଦିଆଯାଇପାରିବ ନାହିଁ। ଏହି ଜମିକୁ କେବଳ ବିଜେବି କଲେଜ ହିଁ ବ୍ୟବହାର କରିପାରିବ।

ଏଥିସହିତ ସାଧାରଣ ପ୍ରଶାସନ ବିଭାଗ

ଦର୍ଶାଇଛି ଯେ ପାରାମାଉଣ୍ଟ କ୍ରିକେଟ ବ୍ଲକ ବିଜେବି କଲେଜକୁ ମିଳିଥିବା ଜମିକୁ ବାତିଲ କରି ପ୍ଲଟ ନମ୍ବର ୭୦(ପି)କୁ କ୍ଲବକୁ ଦେବା ପାଇଁ ଯେଉଁ ଆବେଦନ କରିଥିଲା, ତାହାକୁ ବି ବାତିଲ କରିଦିଆଯାଇଛି। ସରକାରଙ୍କର ଏଭଳି ସ୍ପଷ୍ଟୀକରଣ ପରେ ବିଜେବି କଲେଜର ଜମି ଖୁବ୍‌ଶୀଘ୍ର କର୍ତ୍ତୃପକ୍ଷଙ୍କ ହାତକୁ ଫେରିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

ଉଲ୍ଲେଖନୀୟ ଯେ ନିକଟରେ ବିଜେବି କଲେଜରେ ଅଧିକ ସୌଧ ନିର୍ମାଣ ପାଇଁ ଜମି ଆବଶ୍ୟକ ପଡ଼ିବାରୁ କଲେଜ କର୍ତ୍ତୃପକ୍ଷ ଜମି ଯୋଗାଇ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ତଦନୁଯାୟୀ ସାଧାରଣ ପ୍ରଶାସନ ବିଭାଗକୁ ଅବଗତ କରିଥିଲା। ତେବେ ସାଧାରଣ ପ୍ରଶାସନ ଜଣାଇଥିଲା ଯେ ବିଜେବି କଲେଜକୁ ୨୭ ଏକର ଜମି ଯୋଗାଇ ଦିଆଯାଇଛି। ତେଣୁ ସେହି ଜମି ଉପ

ଗ୍ୟାସ ଟାଙ୍କି ଫାଟି ଜଳିଗଲା ଘର, ଗୃହକର୍ତ୍ତା ଗୁରୁତର

ରାଜନଗର,୪।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଭେକ୍ଟା ଗାଁରେ ଗ୍ୟାସ ଟାଙ୍କି ଫାଟି ଦୁଇ ବଖରା ଘର ଜଳିଯିବା ସହିତ ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି। ଗୁହାଳ ଘରୁ ଗାଈକୁ ଉଦ୍ଧାର କରିବାକୁ ଯାଇ ଘର ମାଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ଦେହରେ ନିଆଁ ଲୁଲା ପଡ଼ିବାରୁ ଗୁରୁତର ଆହତ ହୋଇଛନ୍ତି। ଏଥିସହିତ ଗ୍ୟାସ ଟାଙ୍କି ଏତେ ଜୋରରେ ଫାଟି ଥିଲା, ଗ୍ୟାସର ଉପର ଭାଗ ୧୦୦ ମିଟର ଦୂରରେ ଥିବା ଅନ୍ୟ ଏକ ଆଜବେଷ୍ଟ ଘରକୁ ଫଟାଇ ଦେଇଛି। ସୂଚନା ମୁତାବକ ଆଜି ଭୋର ପ୍ରାୟ ୫ ଘଟିକା ସମୟରେ ଭେକ୍ଟା ଗାଁର ନିର୍ମଳ ମଣ୍ଡଳଙ୍କ ସ୍ତ୍ରୀ ଚାହା କରିବାକୁ ଗ୍ୟାସ ଲଗାଇଥିଲେ। ମାତ୍ର ଗ୍ୟାସ ଲଗାଇବାର କିଛି ସମୟ ମଧ୍ୟରେ ଗ୍ୟାସରେ ନିଆଁ ଧରି ଜଳିବା ସହ ପ୍ରଚଣ୍ଡ ଶବ୍ଦ କରି ଗ୍ୟାସ ଟାଙ୍କି ଫାଟିଥିଲା। ଗ୍ୟାସରୁ ନିଆଁ ବ୍ୟାପିବା ସମୟରେ ନିର୍ମଳଙ୍କ ପରିବାର ଲୋକେ ଘର ବାହାରକୁ ଚାଲି ଆସିଥିଲେ। ଗାଁ ଲୋକେ ନିଆଁକୁ ଲିଭାଇବା ବେଳକୁ ସବୁ ପାଉଁଶ ହୋଇ ସାରିଥିଲା। ସରପଞ୍ଚ ଲୋପା ମୁଦ୍ରା ଜେନା, ସମିତି ସଭ୍ୟ ତପନ କୁମାର ସାହୁ, ବରିଷ୍ଠ ନେତା ସୁକଦେବ ମଣ୍ଡଳ ଶୀତଳ ମଣ୍ଡଳ, ମଧୁ ମଣ୍ଡଳ, ରଙ୍ଗଲାଲ ପ୍ରଧାନ, ଅଜୟ ପ୍ରଧାନ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି।

ମିଳିଲା ରିଟେଲରଙ୍କ ମୃତଦେହ

ରାଜନଗର,୪।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ରାଜପୁର ଗାଁର ରିଟେଲର ଚନ୍ଦ୍ରଭାନୁ ରଥଙ୍କର ମୃତଦେହ ଆଜି ନଦୀରୁ ମିଳିଛି। ଗତକାଲି ସକାଳ ୫ଟା ଠାରୁ ଚନ୍ଦ୍ରଭାନୁ ନିଖୋଜ ଥିଲେ। ଗାଁ ପାଖରେ ଥିବା ବ୍ରାହ୍ମଣୀ ନଦୀ କୂଳରେ ତାଙ୍କର ଚପଲ ଥିବାରୁ ନଦୀକୁ ଡେଇଁ କିମ୍ବା କୁମ୍ଭୀର ଚନ୍ଦ୍ରଭାନୁଙ୍କୁ ଟାଣି ନେଇଥିବା ସନ୍ଦେହ ପ୍ରକାଶ ପାଇଥିଲା। ଗତକାଲି ଖୋଜଖୋଜି ପରେ ତାଙ୍କର ଖୋଜଖବର ମିଳିନଥିଲା। ଆଜି ବନ ବିଭାଗ, ଓଡ୍ରାଫ ଟିମ ଓ ସ୍ଥାନୀୟ ଲୋକେ ଖୋଜାଖୋଜି ପରେ ଯେଉଁ ସ୍ଥାନରେ ଚପଲ ଥିଲା ସେହି ସ୍ଥାନରେ ତାଙ୍କର ମୃତଦେହ ମିଳିଥିଲା। ତାଙ୍କ ଦେହରେ କୌଣସି ଚିହ୍ନ ନଥିବା ବେଳେ ନାକରୁ କେବଳ ରକ୍ତ ବାହାରୁଥିବା ଦେଖାଯାଉଛି। ସେ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଛି। ଚନ୍ଦ୍ରଭାନୁ ଯୋଗାଣ ବିଭାଗର ରିଟେଲର ଥିଲେ। ସେ କାହିଁକି ଆତ୍ମହତ୍ୟା କଲେ, ଆତ୍ମହତ୍ୟା ପଛର କାରଣ କଣ ତାହାକୁ ନେଇ ପ୍ରଶ୍ନ ଉଠିଛି। ପାରିବାରିକ କଳହରୁ ଗତକାଲି ଭୋରୁ ଘରେ ଅନ୍ୟମାନେ ଶୋଇଥିବା ବେଳେ ଚନ୍ଦ୍ରଭାନୁ ଉଠି ଆସିଥିଲେ। ଗାଁ ଶିବ ମନ୍ଦିର ବାରଣ୍ଡାରେ ଅଧ ଘଣ୍ଟା ବସିବା ପରେ ନଦୀ କୂଳକୁ ଯାଇଥିଲେ। କୂଳରେ ଚପଲ ଥୋଇ ଆତ୍ମହତ୍ୟାର ଚରମ ନିଷ୍ପତ୍ତି ନେଇଥିଲେ। ଆଜି ତାଙ୍କ ମରଶରୀର ମିଳିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମଦ ପିଆଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର୍

ଡେରାବିଶ,୪।୪ (ସଂଚାର ବ୍ୟୁରୋ): ସଦର ଥାନା ଅଧୀନସ୍ଥ ବସୁପୁର (ମଧୁବୁନିଆ)ରେ ଦୁଇ ପରିବାର ମଧ୍ୟରେ ଏକ ତୁମୁଳ କାଣ୍ଡ ଦେଖିବାକୁ ମିଳିଛି। ସଦର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପଞ୍ଚାୟତ ରାସ୍ତା କାମ ଏବଂ ଜାଗା ମାପକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ସମୀର ଲେଙ୍କା ନାମକ ଯୁବକ ଗୁରୁତର ହୋଇ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅଭିଯୋଗକାରୀ ସମିରଙ୍କ ପରିବାରଙ୍କ କହିବା ଅନୁଯାୟୀ କିଛିଦିନ ପୂର୍ବରୁ ରାସ୍ତା କାମକୁ ନେଇ ମାପ ଚୁପ ସମୟରେ ସମୀର ଲେଙ୍କାଙ୍କ ସହ ସେହି ଗ୍ରାମର ଅବକାଶ ଜେନା, ଅଭିଜିତ ଜେନା ଏବଂ ସୁନିଲ ଜେନାଙ୍କର ବିବାଦ ହୋଇଥିଲା । ଗତ ୧ ଏପ୍ରିଲ୍ ୨୦୨୫ ତାରିଖ ଦିନ , ସମାନ ୩ ଅଭିଯୁକ୍ତ ପୂର୍ବ ଯୋଜନା ମୁତାବକ ଅବକାଶ ଜେନା

- ତଦନ୍ତ ପାଇଁ ଯାଇଥିବା ମହିଳା ପୁଲିସକୁ ବି ଛାଡ଼ିଲେନି
- ଜଣଙ୍କୁ ଉଠାଇନେଲା ପୁଲିସ

ତାଙ୍କ ମଝିଆ ଭାଇଙ୍କ ଶ୍ରାଦ୍ଧ ଭୋଜି ଖାଇବାକୁ ସମିରଙ୍କୁ ଘରକୁ ଡାକିଥିଲେ। ପରେ ତାଙ୍କୁ ପ୍ରଚୁର ମଦ୍ୟପାନ କରାଇ ଅଧିକ ନିଶା ହେବାପରେ ଲୁଣା କରଞ୍ଜିଆ ମଝିପୋଲ ପାଖକୁ ଡାକି ଆଣିଥିଲେ। ପୂର୍ବ ଗଞ୍ଜଗୋଳକୁ ଦର୍ଶାଇ ଅନ୍ୟ ଦୁଇ ଅଭିଯୁକ୍ତ ଅଭିଜିତ ଜେନା ଏବଂ ସୁନିଲ ଜେନାଙ୍କ ସହିତ ମିଶି ଅଚାନକ ସମୀରଙ୍କୁ ଆକ୍ରମଣ କରିଦେଇଥିଲେ। ଫଳରେ ସମୀର ଗୁରୁତର ହୋଇପଡ଼ିବା ପରେ ପରିବାର ଲୋକ ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ ଏବଂ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପକ୍ଷରେ ସଦର ଥାନାର ଜଣେ ମହିଳା ପୋଲିସ ତଦନ୍ତର ଦାୟିତ୍ୱ ନେଇ ଘଟଣାସ୍ଥଳକୁ ଯାଇଥିବା ସମୟରେ ଅଭିଯୁକ୍ତ ମାନଙ୍କ ପରିବାରର ଜଣେ ସଦସ୍ୟ ଡାକନାମ ବୁଦ୍ଧିଆ ମହିଳା ପୁଲିସଙ୍କ ମଧ୍ୟ ଦୁର୍ବ୍ୟବହାର କରିବାକୁ ପଛାଇ ନଥିଲେ, ଯେଉଁଥିପାଇଁ ପୁଲିସ ବୁଦ୍ଧିଆକୁ ଥାନାକୁ ଉଠାଇ ଆଣିଥିଲେ। ପୁଲିସ ଘଟଣାସ୍ଥଳରୁ ଯିବା କ୍ଷଣି ପୁଣି ଅଭିଯୁକ୍ତମାନେ ଘରକୁ ଫେରି ଆହୁରି ହିଂସ୍ର ହୋଇ ଯାଇଥିଲେ ଏବଂ ଘରେ ଥିବା ସମୀରଙ୍କ ୬୦ ବର୍ଷର ମାଆକୁ ଘରେ ପଶି ଗୋଇଠା ବିଧା ମାରି ଗୁରୁତର କରିଦେଇଥିଲେ। ଏ ନେଇ ସଦର ପୋଲିସର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି ।

ଭେଣ୍ଟିଲେଟରରେ ଆଳି ତହସିଲ

● ହୁଗୁଳା କାର୍ଯ୍ୟ ଯୋଗୁ ଲୋକେ ଅତିଷ୍ଠ ● ସରକାରଙ୍କୁ ବଦନାମ କରିବାକୁ ମସୁଧା

ଆଳି,୪।୪ (ସଂଚାର ବ୍ୟୁରୋ): ନୂତନ ସରକାର ଆସିବା ଦିନଠୁ ଆଳି ତହସିଲ ସତେ ଯେମିତି ଭେଣ୍ଟିଲେଟରରେ ଥିବା ଭଳି ଲାଗୁଛି। ଯାହା ଫଳରେ ସରକାରୀ କାର୍ଯ୍ୟ ଠପ ହୋଇ ପଡ଼ି ରହୁଛି। ସାଧାରଣ ଲୋକଙ୍କଠୁ ଆରମ୍ଭ କରି କାର୍ଯ୍ୟରତ ଓକିଲ ଓ ଜନସେବା କେନ୍ଦ୍ର ସମସ୍ତେ ଅତିଷ୍ଠ ହୋଇ ଗଲେଣି।

ସୂଚନାଯୋଗ୍ୟ ଯେ ତହସିଲରେ ଯେକୌଣସି ଗୋଟିଏ ପ୍ରମାଣ ପତ୍ର ପାଇଁ ଆବେଦନ କଲେ ଦୁଇରୁ ତିନି ମାସ ଲାଗିଥାଏ । ତାହାବି ବହୁବାର ତହସିଲ କି ଦୌଡ଼ି ଦୌଡ଼ି ଚପଲ ଘୋରି ହେବା ପରେ ତାହାର କାର୍ଯ୍ୟ ହେବା କଷ୍ଟକର ହୋଇ ଥାଏ। ପ୍ରତିଦିନ ଲୋକେ କୋଡ଼ିଏ ପଚିଶି କିଲୋମିଟର ଦୂରରୁ ଖର୍ଚ୍ଚାନ୍ତ ହୋଇ ଆସିଥାନ୍ତି ତହସିଲ। ତହସିଲର ଏଭଳି ମନମୁଖୀ କାର୍ଯ୍ୟ ଯୋଗୁ

ଲୋକେ ଅତିଷ୍ଠ, ଯାହା ଫଳରେ ଲୋକେ ବାରମ୍ବାର ତହସିଲକୁ ଆସିବାକୁ ପଶ୍ଚାତପଦ ହୋଇଥାନ୍ତି। ଏତ ଥିଲା ପ୍ରମାଣ ପତ୍ର କଥା। ଅନ୍ୟ କଥା ଯଦି କହିବା ଆଳି ତହସିଲ ଅଧିନରେ ମାଳମାଳ ବେଆଇନ ନାଲି ଇଟାଭାଟି ଗଢି ଉଠିଛି । ଇଟା ଭାଟିର ଧୂଆଁ ଯୋଗୁ ଗାଁ ପାଖ ଅଞ୍ଚଳ ଗରମରେ ଅତିଷ୍ଠ ହେଲେଣି ବରିଷ୍ଠ ଲୋକେ। ନା ଏଥିପ୍ରତି ତହସିଲର ଧ୍ୟାନ ଅଛି ନା କାହାରିକୁ ଜୋରିମାନା ଲଗାଉଛି। କେବଳ ଶୀତତାପ ନୀୟନ୍ତ୍ରିତ ଘରେ ବସି ଜନସାଧାରଣ ଟିକସରେ ବେତନ ନେଇ ନୂତନ ସରକାରଙ୍କୁ ବଦନାମ କରିବା ଆଳି ତହସିଲର ନୀତି ଦିନ ଘଟଣା ହୋଇଛି। ଏମିତି କି ମାନ୍ୟବର ହାଇକୋର୍ଟଙ୍କ ଉଚ୍ଛେଦ ଆଦେଶକୁ ବି ପାଳନ କରିନଥିବା ଅଭିଯୋଗ ହୋଇଥିଲା। ଯାହାଫଳରେ ହାଇକୋର୍ଟ ଅବମାନନା କେଶ କରିବାକୁ ଚେତାବନୀ ଦେଇଥିଲେ ଗ୍ରାମବାସୀ। ଅନ୍ୟପଟେ କୋଉଠି ନା କୋଉଠି ଆଳି ତହସିଲର ଇଞ୍ଜିନ ଲାଇନ ବ୍ୟୁତ ହୋଇଥିବାରୁ ପୁରା ତହସିଲ ଏବେ ଭେଣ୍ଟିଲେଟରେ ଥିବାପରି ଲାଗୁଛି। ତେବେ ଦେଖିବାର ବାକି କେବେ ସ୍ୱାଭାବିକ ହେଉଛି ଆଳି ତହସିଲ କାର୍ଯ୍ୟାଳୟ ।

ଦେଶୀ ମଦ ଜବତ, ଜଣେ ଗିରଫ

ସାଲେପୁର,୪।୪ (ସଂଚାର ବ୍ୟୁରୋ): ନିଜ ଘର ନିକଟରେ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ଚୋରା ଦେଶୀ ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ପାଟ୍ରୋଲି ସମୟରେ ଜଣେ ଚୋରା ମଦ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ୬ଲିଟର ଦେଶୀ ମଦ ଜବତ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମଙ୍ଗୁଳି ସାମଲ ଆଜି ଦିନ ପ୍ରାୟ ୧ଟାବେଳେ ନିଜ ଗ୍ରାମ ନିକଟରେ ଏକ ବ୍ୟାଗ୍‌ରେ ପ୍ରାୟ ୬ଲିଟର ଚୋରା ଦେଶୀ ମଦ ରଖି ବିକ୍ରୟ କରୁଥିବାବେଳେ ସାଲେପୁର ପୁଲିସ ପାଟ୍ରୋଲିଂ କରୁଥିବାବେଳେ ମଙ୍ଗୁଳି ପୁଲିସ ହାବୁଡ଼ରେ ପଡ଼ିଥିଲା। ପୁଲିସ ସଂପୃକ୍ତ ଚୋରା ମଦ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରେ ୬ଲିଟର ଦେଶୀ ମଦ ଜବତ କରିବା ସହ କେସ୍ ନଂ-୧୩୫/୨୫ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

ଓଳିହା ଗ୍ରାମରେ ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା

ମହାକାଳପଡ଼ା,୪।୪ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ ୩ ଏପ୍ରିଲରୁ ୭ ଏପ୍ରିଲ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ୬୪ତମ ମା ବାସନ୍ତୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଅଛି। ଆଜି ମାଆଙ୍କର ମହା ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା ଚର୍ଚ୍ଚିକାୟୀ ଗ୍ରାମ ଉନ୍ନୟନ କମିଟି ମାଆଙ୍କର ଏହି ପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାମଲୀଳା ଅନୁଷ୍ଠିତ ହେଉଛି। ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ମାଆଙ୍କୁ ଦର୍ଶନ କରିବା ସହିତ ଆଧାତ୍ମିକ ରାମଲୀଳା ଦେଖୁଛନ୍ତି। ମୀନା ବଜାରରେ ପିଲାମାନେ ବେଶ୍ ମଜା ନେଉଛନ୍ତି।

ବାସନ୍ତୀ ଦୁର୍ଗା ପୂଜା ପାଇଁ କଳସ ଶୋଭାଯାତ୍ର

ଗରଦପୁର,୪।୪ (ସଂଚାର ବ୍ୟୁରୋ): ଗରଦପୁର ବ୍ଲକ୍ ଅନ୍ତର୍ଗତ ବେଡ଼ାରୀ, ସୋଲପାଟ ଗ୍ରାମରେ ୩୯ତମ ବାସନ୍ତୀ ଦୁର୍ଗା ପୂଜା ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହେଉଅଛି । ୪ ତାରିଖ ଶୁକ୍ରବାର ଦିନ ପ୍ରାତଃ କାଳରୁ ଗ୍ରାମର ମହିଳା ଏବଂ ପୁରୁଷ ଶ୍ରଦ୍ଧାଳୁମାନେ ପବିତ୍ର ଚିତ୍ରୋତ୍ପଳା ନଦୀରେ ମୁଖ୍ୟ କର୍ତ୍ତାକର୍ତ୍ତୀଙ୍କ ସହ ୧୫୧ କଳସ ଧାରୀମାନେ କଳସ ବୁଡାଇ ମାଆ ବାସନ୍ତୀ ଦୁର୍ଗା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମାଆଙ୍କ ପୂଜା ଯଥାବିଧିରେ ଆରମ୍ଭ ହେବା ସହ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଦ୍ୱାରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

ପାରମ୍ପରିକ ନୃତ୍ୟରେ ବିଭୋର ହେଲେ ଦର୍ଶକ

ସାଲେପୁର,୪।୪ (ସଂଚାର ବ୍ୟୁରୋ): ଉତ୍କଳ ଦିବସ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖି ବିଭୋଳ ହେଲେ ଦର୍ଶକ। ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ହରିଚନ୍ଦନପୁର ପଡ଼ିଆରେ ଚାଲିଥିବା ଉତ୍କଳ ଦିବସ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ, ଗୀତ ଓ ପାରମ୍ପରିକ ନାଚରେ ବିଭୋଳ ହୋଇଯାଇଥିଲେ ସେଠାରେ ଉପସ୍ଥିତ ଦର୍ଶକ।

ଏହି କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଓଡ଼ିଆ ପରମ୍ପରା ଓ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଆଗାମୀ

ଯୁବପୀଢ଼ୀଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯେଉଁ ପନ୍ଥା ଗ୍ରହଣ କରିଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ସେ ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ପୂର୍ବତନ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା ଯୋଗଦେଇ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କଲେ ସାଲେପୁର ଅଞ୍ଚଳ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ବାଲିସାହି ପଞ୍ଚାୟତ ସରପଞ୍ଚ ପବିତ୍ର ସାମଲ, ଯୁବନେତା ଗୁଲରେଜ ଅଲ୍ଲୀ, ଯୁବବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ରବିଜେଡି ସଭାପତି ଶୁଭମ ଦାଶ, ସନିଆ ସାହୁ, ବିନୋଦ ମଲ୍ଲିକ, ରାଜେଶ ମହାନ୍ତିଙ୍କ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମଦ ଦୋକାନ ଉଚ୍ଛେଦ ପାଇଁ ମହିଳାଙ୍କ ଆନ୍ଦୋଳନ

ରାଜନଗର,୪।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲଙ୍ଘନ କରି ଜନଗହଳିପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି ଏହି ମଦ ଦୋକାନ। ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲା ପରେବି ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନନେବାରୁ ମହିଳାମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଜି ଶତାଧିକ ମହିଳା ଠିପି ଖୋଲା ମଦ ଦୋକାନ ସମୁଖରେ ପହଞ୍ଚି ହୋହାଲ୍ଲା କରିବା ସହିତ ମଦ ଦୋକାନ ସମୁଖରେ

ଦିନ ୧୧ଟାରୁ ବସି ରହିଛନ୍ତି। ମଦ ପାଇଁ ସଂସାର ଉଜୁଡୁଛି। ମଦ ପିଇ ପିଲା ବାପ, ମାଆଙ୍କ ଉପରକୁ ହାତ ଉଠାଉଛନ୍ତି। ଆମର ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ପୂରଣ କର, ଏହି ଠିପି ଖୋଲା ମଦ ଦୋକାନ ଉଠାଇ ଦିଅ ବୋଲି ମହିଳାମାନେ ଦାବି କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ୧ ପ୍ଲାଟୁନ ପୁଲିସ ମୃତୟନ କରାଯାଇଛି। ରିପୋର୍ଟ ଲେଖା ହେବା ଯାଏଁ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବସି ରହିଛନ୍ତି।

ଗତ ମାସ ୨୮ ତାରିଖ ଦିନ ମହିଳାମାନେ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ। ସାତ ଦିନ ଭିତରେ ଉଚ୍ଛେଦ କରାନଗଲେ ଆନ୍ଦୋଳନକୁ ଓହଲାଇବୁ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଆଜି ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ସେମାନଙ୍କ ଅଭିଯୋଗ ମୁତବକ ଏହି ଠିପି ଖୋଲା ମଦ ଦୋକାଳ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମୁଛି। ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି।

ପୁଷ୍ପଗିରି ମହାବିଦ୍ୟାଳୟ ରୋଭର୍ସ ଓ ରେଞ୍ଜର୍ସ ୟୁନିଟର

ଦୁଃସାହସିକ ପର୍ବତ ବିଜୟ ଅଭିଯାନ

ମାହାଙ୍ଗା,୪।୪ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁଷ୍ପଗିରି ମହାବିଦ୍ୟାଳୟ ଏରକଣାର ରୋଭର୍ସ ଓ ରେଞ୍ଜର୍ସ ୟୁନିଟର ରେଞ୍ଜର୍ସ ଲିଡର ତୁଳସୀ ରାଉତ ଓଡ଼ିଆ ବିଭାଗର ମୁଖ୍ୟ ଏବଂ ରୋଭର୍ସ ଲିଡର ଭଜକୃଷ୍ଣ ବେହେରା ଇଂରାଜୀ ଅଧ୍ୟାପକଙ୍କ ନେତୃତ୍ୱରେ ୪ ଜଣ ରେଞ୍ଜର୍ସ ରଶ୍ମିରେଖା ସ୍ୱାଇଁ, ନିହାରିକା ରାଉତ, ନିର୍ମଳା ସେଠି ଓ ବର୍ଷା ଘଡେଇ ଓ ୪ ଜଣ ରୋଭର୍ସ ତାରାକାନ୍ତ ରାଉତ, ମଦ୍ଧନ ନାୟକ, ଶ୍ରୀକାନ୍ତ ଗିରି, ଲବ ସେଠି ପ୍ରମୁଖ ସୁନ୍ଦରଗଡ ଠାରେ ଥିବା ସରକାରୀ କୁନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଞ୍ଚ ଦିନ ବ୍ୟାପି ହୋଇଥିବା ରାଜ୍ୟସ୍ତରୀୟ ଦୁଃସାହାସିକ ଶିବିର ୨୦୨୫ରେ ଯୋଗଦେଇ ଏରକଣା କଲେଜର ରୋଭର୍ସ ଓ ରେଞ୍ଜର୍ସମାନେ

ଚିତାକର୍ଷକ ଦୁଃସାହାସିକ କାର୍ଯ୍ୟ କରି କୃତିତ୍ୱ ଲାଭ କରିଛନ୍ତି । ଏହି ଶିବିରର ଦ୍ୱିତୀୟ ଦିନ ଠାରୁ ପଞ୍ଚମ ଦିନ ପର୍ଯ୍ୟନ୍ତ ଶିବି

ସୀତାଂଶୁଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଆଇନଜୀବୀ ସମୂହର ଛବିକୁ କଳୁଷିତ କରିଛି

- ସୀତାଂଶୁଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ
- ଖବରକାଗଜର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି
- ଭାରତୀୟ ଜନତାପାର୍ଟିର ରାଜ୍ୟ ସଭାପତି ଓ ବିଜେପିର ଛବି ନଷ୍ଟ କରିବାକୁ ଯେଉଁ ଉଦ୍ୟମ ହୋଇଛି ତାହା ଆଦୌ କ୍ଷମଣୀୟ ନୁହେଁ
- ଗଣମାଧ୍ୟମରେ ଦେଇଥିବା ମିଥ୍ୟା ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ

ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): ଓକିଲ ଓ ଗଣମାଧ୍ୟମ ସବୁବେଳେ ସତ୍ୟର ଅନୁସନ୍ଧାନ କରନ୍ତି। ସତ୍ୟ ପାଇଁ ଲଢ଼େଇ କରି ପ୍ରକୃତ ସତ୍ୟ ଲୋକଲୋଚନଙ୍କୁ ଆଣନ୍ତି ବୋଲି ଜନସାଧାରଣଙ୍କର ବିଶ୍ୱାସ ରହିଛି। ମାତ୍ର ଆଜି ଦୈନିକ ଖବରକାଗଜ "ସମ୍ବାଦ" ଓ "ସମାଜ"ରେ ପ୍ରକାଶିତ ରାଜ୍ୟ ଆଇନସେବା ପରିଷଦ ସଭାପତି ସୀତାଂଶୁ ଦ୍ୱିବେଦୀ ତଥା ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏଥିରେ କୌଣସି ସତ୍ୟତା ନାହିଁ। ଏହା କେବଳ ନିଜ କ୍ଲାଇଂଟକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଏଭଳି ମନଗଢ଼ା ଖବରପ୍ରକାଶ ପାଇବା ଦ୍ୱାରା ଖବରକାଗଜର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବରିଷ୍ଠ ମୁଖପାତ୍ର ଶ୍ରୀ ସଞ୍ଜନ ଶର୍ମା କହିଛନ୍ତି।

ଶ୍ରୀ ଶର୍ମା କହିଛନ୍ତି ଯେ, ଗଣମାଧ୍ୟମରେ ସତ୍ୟ କଥା ଉପସ୍ଥାପନ କରାଯିବ ବୋଲି ଆମର ଆଶା ଥିଲା। ମାତ୍ର ଗଣାମାଧ୍ୟମ କେବଳ ବକ୍ତବ୍ୟ ଉପସ୍ଥାପନ କରିବାର ଦାୟିତ୍ୱ ନେଇ ଭାରତୀୟ ଜନତାପାର୍ଟିର ରାଜ୍ୟ ସଭାପତି ଓ ଭାରତୀୟ ଜନତା ପାର୍ଟିର ଯେଉଁ ଛବି ରହିଛି, ତାହାକୁ ନଷ୍ଟ କରିବାକୁ ଉଦ୍ୟମ କରିଛି। ଏହା ଆଦୌ କ୍ଷମଣୀୟ ନୁହେଁ। ଗଣମାଧ୍ୟମରେ ସତ୍ୟର ଉପସ୍ଥାପନ ହେବା ଦରକାର। ଦାୟିତ୍ୱ ସମ୍ପନ୍ନ ଗଣମାଧ୍ୟମଭାବେ ବିଭିନ୍ନ ସୂତ୍ରରୁ ଯାଂଚ କରିବାର ଯେଉଁ ପୁରୁଣା ବ୍ୟବସ୍ଥା ରହିଛି ତାହାକୁ ବ୍ୟବହାର କରାଯିବା ଉଚିତ ଥିଲା। ମାତ୍ର କୌଣସି ପରୀକ୍ଷାନିରୀକ୍ଷା ନ କରି ଏଭଳି ଦାୟିତ୍ୱହୀନ ଖବର ପରିବେଷଣ କରିବା ଅତ୍ୟନ୍ତ ନିନ୍ଦନୀୟ। ଅପରପକ୍ଷେ ରାଜ୍ୟ ଆଇନସେବା ପରିଷଦ ସଭାପତି ଭାବେ ନା ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ଭାବେ ଦ୍ୱିବେଦୀ ଏଭଳି କାର୍ଯ୍ୟ କରିଛନ୍ତି ସେନେଇ ସନ୍ଦେହଜାତ ହୋଇଛି। ତାଙ୍କର ବକ୍ତବ୍ୟ ସମ୍ପୂର୍ଣ୍ଣ ଆଇନଜୀବୀ ସମୂହର ଛବିକୁ କଳୁଷିତ କରିଛି। ଏହି ତ୍ରୁଟି ପାଇଁ ଗଣମାଧମ ପକ୍ଷରୁ ଅବା ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ପକ୍ଷରୁ ହେଉ ଦ୍ୱିବେଦୀ ତୁରନ୍ତ କ୍ଷମା ପାର୍ଥନା କରନ୍ତୁ ବୋଲି ଶ୍ରୀ ଶର୍ମା କହିଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ଉପସ୍ଥିତ ଥିଲେ।

ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈଠକ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନର କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଧନୁଆ ନଦୀରେ ପ୍ରତି ବର୍ଷ ଦେଖାଦେଉଥିବା ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ସକାଶେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ପରିଡ଼ା ଧନୁଆ ନଦୀରେ ପ୍ରତିବର୍ଷ ଆସୁଥିବା ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ଉପରେ ଆଲୋଚନା କରିବା ସହ ନିମାପଡ଼ା ଏବଂ ପାଖାପାଖି ଅଞ୍ଚଳର କୃଷି ଓ ଜନଜୀବିକା କ୍ଷୟକ୍ଷତି ଉପରେ ମଧ୍ୟ ବିଶଦ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡ. ଚନ୍ଦ୍ରଶେଖର ପାଢ଼ୀ ଓ ବିଭାଗୀୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଭାର୍ଗବୀ ନଦୀର ଅତ୍ୟୁତପୁର କାଜଠାରୁ ଧନୁଆ ନଦୀ ବାଲିଅନ୍ତା ଓ ବାଲିପାଟଣା ଦେଇ ପୁରୀ ଜିଲ୍ଲା ପ୍ରଭାବିତ ହେଉଛି। ପୁରୀ ଜିଲ୍ଲାର ଦୁଃଖ ଭାବେ ଧନୁଆ ନଦୀର ବନ୍ୟା ପ୍ରତିବର୍ଷ ନିମାପଡ଼ା ଓ ପାଖାପାଖି ଅଞ୍ଚଳରେ ଜୀବନଜୀବିକା ଉପରେ ପ୍ରଭାବ ପକାଇଆସିଛି। ଗାଁଗଣ୍ଡାରେ ବନ୍ୟା ପାଣି ପଶି ଶହ ଶହ ହେକ୍ଟର ଧାନ, ପରିବା ଆଦି ନଷ୍ଟ କରିଆସିଛି।

ଧନୁଆ ନଦୀରେ ବନ୍ୟା ଆସିବା ପରେ ବନ୍ୟା ଜଳ ନିଷ୍କାସନ ପାଇଁ ଏକ ସପ୍ତାହରୁ ଅଧିକ ସମୟ ଲାଗିଥାଏ। ଯାହାଦ୍ୱାରା ନିମାପଡା ଓ ଗୋପ ଅଞ୍ଚଳର ଅନେକ ପଞ୍ଚାୟତ ପ୍ରଭାବିତ ହୋଇଥାଏ ବୋଲି ଏହି ବୈଠକରେ ଶ୍ରୀମତୀ ପରିଡ଼ା କହିଥିଲେ। ଏହି କ୍ଷୟକ୍ଷତିକୁ ରୋକିବା ସହ ଚାଷୀ ଓ ସାଧାରଣ ଲୋକମାନଙ୍କର ଜୀବନଜୀବିକାକୁ ସୁରକ୍ଷା ଦେବା ନିମନ୍ତେ ଏକ ଆଲ୍ଟନ ପ୍ଲାନ ପ୍ରସ୍ତୁତ କରିବା ସହ ବର୍ଷା ଋତୁ ପୂର୍ବରୁ ଏହି ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।।

ସ୍କୁଟି ଡିକିରୁ ଦୁଇ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବାଙ୍କୀ,୪।୪ (ସଂଚାର ବ୍ୟୁରୋ) : ସ୍କୁଟି ଡିକିରୁ ଦୁଇ ଲକ୍ଷ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ବାଙ୍କୀ ଥାନାଠାରୁ ମାତ୍ର ୩ ଶହ ମିଟର ଦୂରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ଦୁଇ ଲକ୍ଷ ଟଙ୍କା ଉଠାଇ ଜନୈକ ବ୍ୟକ୍ତି ତାଙ୍କ ସ୍କୁଟି ଡିକିରେ ରଖିଥିବା ବେଳେ ତାହା ଲୁଟ୍ ହୋଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ବାଇକ୍ ରଖି ପରିବା କିଣୁଥିବା ସମୟରେ ଲୁଟେରାମାନେ ଏହାକୁ ଝାମ୍ପିନେଇ ଚାଲିଯାଇଛନ୍ତି। ସୂଚନାନୁସାରେ, ବାଙ୍କୀ ବ୍ଲକ୍ ବୈଦେଶ୍ୱର ଥାନା କନ୍ତକାଇ ଗାଁରେ ଏହି ଲୁଟ୍ ଘଟିଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ସହ ବ୍ୟାଙ୍କ ପାସବୁକ୍ ବି ନେଇଯାଇଛନ୍ତି। ଏନେଇ ରୁଦ୍ର ମୋହନ ଭଙ୍ଗ ନାମକ ବ୍ୟକ୍ତି ବୈଦେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି।

ଆଗାମୀ କାର୍ଯ୍ୟକ୍ରମ ନିମନ୍ତେ କଂଗ୍ରେସ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): ଆଗାମୀ ଦିନରେ କଂଗ୍ରେସର ଜିଲ୍ଲାସ୍ତରୀୟ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ, ବିକ୍ଷୋଭ, ରାଲି ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲ୍ଲା ନିମନ୍ତେ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହି ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସହଯୋଗ କରି ଜିଲ୍ଲା କାର୍ଯ୍ୟକ୍ରମକୁ ସଫଳ କରାଇବେ।

ଏହି କ୍ରମରେ ଅନୁଗୁଳ ଜିଲ୍ଲା ନିମନ୍ତେ ଶ୍ରୀ ଲଲାଟେନ୍ଦୁ ଦାସ ଓ ଅନିମା ମିଂଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର-ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼-ଘାସିରାମ ମାଝୀ ଓ ଫାରକୁ ମହମ୍ମଦ, ଭଦ୍ରକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୁରଭଞ୍ଜ), ଭୁବନେଶ୍ୱର-ଡ. ଦେବାଶିଷ ପଟ୍ଟନାୟକ, ବଲାଙ୍ଗିର- ନିଳମାଧବ ହିକକା ଓ ମନୋଜ ବିଶ୍ୱାଳ, ବୌଦ୍ଧ- ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିମାଶୁ ଲେଙ୍କା, ଦେଓଗଡ଼- ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତସିଂହପୁର-ରାଜକିଶୋର ବାରିକ ଓ ସିଧାର୍ଥ ମହାନ୍ତି, ଯାଜପୁର-ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି- ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ- ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥିବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା- ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗୋ, ମୟୁରଭଞ୍ଜ (ପୂର୍ବ)- ଯଶବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୁରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି- ବିଧାୟକ ପବିତ୍ର ସାଉଂଟା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର- ବଳଭଦ୍ର ମାଝୀ ଓ ପୁରୁଷୋତମ ଗୁପ୍ତା, ନୂଆପଡ଼ା- ମୃରୁଲିଧର ନାୟକ, ନୟାଗଡ଼- ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ- ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା- ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଲିଆ, ସୁବର୍ଣ୍ଣପୁର- ରତିକାନ୍ତ କାନୁନଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼- ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ପିସିସି ଗଠନ କଲା ମାଇନିଂ କମିଟି

ଭୁବନେଶ୍ୱର, ୪।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ଖଣି ଅନିୟମିତତା ଓ ଖଣି ଅଂଚଳର ଅଧିବାସୀ ମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏକ "ମାଇନିଂ କମିଟି" ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ଶ୍ରୀ ସିଏସ ରାଜନ ଏକ୍କା, ବିଧାୟକ ଶ୍ରୀ ଅଶୋକ ଦାସ, ବିଧାୟକ ଶ୍ରୀ ସତ୍ୟଜିତ ଗମାଙ୍ଗୋ ଏବଂ ବିଧାୟକ ଶ୍ରୀ ସାଗର ଚରଣ ଦାସ ସଭ୍ୟ ଭାବରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ପ୍ରଶାସକ ଶ୍ରୀ ସମିର କୁମାର ରାଉତରାୟ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

ଓଦା ଆବର୍ଜନାରୁ ମିଥେନ୍ ଗ୍ୟାସ ଉତ୍ପନ୍ନ କରିବ ସିଏମ୍ସି

କଟକ,୪।୪ (ସଂଚାର ବ୍ୟୁରୋ): ଓଦା ଆବର୍ଜନାରୁ ମିଥେନ୍ ଗ୍ୟାସ୍ ଉତ୍ପନ୍ନ କରିବ ସିଏମ୍ସି । ସିଏମସି ଦ୍ୱାରା ଓଦା ଆବର୍ଜନା ଗୁଡ଼ିକ ଏଣିକି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନଯାଇ, କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ପଠାଯିବ । ଏହି ଠାରେ ଓଦା ଆବର୍ଜନାକୁ ନଷ୍ଟ କରାଯାଇ ମିଥେନ୍ ଗ୍ୟାସ୍ ଉତ୍ପନ୍ନ କରାଯିବ । ଯାହାକି ସାଧାରଣ ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇପାରିବ । ଏନେଇ ଆଜି ଅଏଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ସହ ୨୫ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି ସିଏମ୍ସି। କଟକରେ ବର୍ଜ୍ୟବସ୍ତୁ ପରିଚାଳନାରେ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ବାୟୋ ଗ୍ୟାସ ପ୍ରସ୍ତୁତ କରିଥିବା ପାଇଁ ଅଏଲ ଇଣ୍ଡିଆ କମ୍ପାନୀ ଆଜି କଟକ ମହାନଗର ନିଗମ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ନଗର ଉନ୍ନୟନ ମନ୍ତ୍ରୀଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ବାୟୋ ଗ୍ୟାସ ଜାଳେଣି ଭାବେ ଓ୍ୱୟଓ୍ୱହାର କରିବାକୁ ଲୋକଙ୍କୁ ଓ୍ୱିତରଣ କରାଯିଓ୍ୱ। ଏହା ସହ ସହରରେ ବର୍ଜ୍ୟବସ୍ତୁ ଡମ୍ପିଂ ସମସ୍ୟା ମଧ୍ୟ ଦୂର ହୋଇପାରିଓ୍ୱ ଏବଂ କଟକ ସହରର ଓ୍ୱର୍ଜ୍ୟଓ୍ୱସ୍ତୁରୁ ବାୟୋ ଗ୍ୟାସ ତିଆରି ହେଓ୍ୱ ।ଏହି ଓ୍ୱାୟୋ ଗ୍ୟାସ ତିଆରି ପାଇଁ ଆଜି କଟକ ମହାନଗର ନିଗମ ଓ ଅଏଲ ଇଣ୍ଡିଆ ଲିମିଟେଡ ମଧ୍ୟରେ ଆଜି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଜଗତପୁରରେ ଅଏଲ ଇଣ୍ଡିଆ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ଏହି ଓ୍ୱାୟୋ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିଓ୍ୱ । ଦୈନିକ ଏହି ଓ୍ୱାୟୋ ଗ୍ୟାସ ପ୍ଲାଣ୍ଟରେ ୨ ଶହ ଟନ ଆବର୍ଜନା ପ୍ରକ୍ରିୟାକରଣ କରାଯାଇ ସେଥିରୁ ଓ୍ୱାୟୋ ଗ୍ୟାସ ପ୍ରସ୍ତୁତ କରାଯିଓ୍ୱାର ଯୋଜନା ରହିଛି ।

ଦମ୍ପତିଙ୍କୁ ଆକ୍ରମଣ କରି ଲୁଟିନେଲେ ଟଙ୍କା ଓ ଗହଣା

ପୁରୀ,୪।୪ (ସଂଚାର ବ୍ୟୁରୋ) : ରାତିଅଧରେ ଟେଣ୍ଟ ମାଲିକଙ୍କ ଘରୁ ଲୁଟ୍ । କବାଟ ଭାଙ୍ଗି ଦୁଇ ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପଶିଲେ, ସ୍ୱାମୀ-ସ୍ତ୍ରୀଙ୍କୁ ଲୁହା ରଡ଼ରେ ପିଟି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଲେ। ଗତକାଲି ବିଳମ୍ବିତ ରାତିରେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ କମଦରୀ ଗାଁର ଟେଣ୍ଟ ମାଲିକ କୁମର ଛାଟୋଇଙ୍କ ଘରୁ ଏହି ଲୁଟ୍‌ପାଟ ହୋଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ କୁମର ଓ ତାଙ୍କ ପତ୍ନୀ ଗୁରୁତର ହୋଇଛନ୍ତି । ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ମିଳିଥିବା ସୂଚନା ମୁତାବକ, କୁମର ଛାଟୋଇଙ୍କ ଘର କାମ ଚାଲୁଥିବାବେଳେ ସେ, ତାଙ୍କ ପତ୍ନୀ ଓ ନାତୁଣୀ ଗୋଟିଏ ଘରେ ଶୋଇଥିଲେ। ପୁଅ-ବୋହୂ ଅନ୍ୟ ଗୋଟିଏ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁଇ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି କୁମରଙ୍କ ଘରେ ପଶିଥିଲେ। ସ୍ୱାମୀ-ସ୍ତ୍ରୀ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ଏକ ଲୁହା ରଡ଼ରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ନାତୁଣୀ ଖଟ ତଳେ ପଶିଯିବାରୁ ସେମାନଙ୍କ ଆକ୍ରମଣରୁ ଅଳ୍ପକେ ବଞ୍ଚିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ କୁମରଙ୍କ ଘରୁ ଏକ ଲକ୍ଷ ଟଙ୍କା, ଦୁଇଟି ହାର, ଦୁଇଟି ସୁନା ଚେନ ଲୁଟ କରିଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି କୁମର ଓ ତାଙ୍କ ପତ୍ନୀ। ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବଳଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଲୁଟ୍‌ପାଟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି ।

ଘରୁ ଡାକିନେଇ ଯୁବକଙ୍କୁ ହାଣିଦେଲେ

ଖୋର୍ଦ୍ଧା,୪।୪ (ସଂଚାର ବ୍ୟୁରୋ) : ଘରୁ ଡ଼ାକିନେଇ ହାଣିଦେଲେ । ନିଶା କାରବାର ଓ ଜମି ଜବରଦଖଲରୁ ହତ୍ୟା ସନ୍ଦେହ । ଖୋର୍ଦ୍ଧା ଜଟଣୀ ଥାନା ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ବିଭତ୍ସ ହତ୍ୟା । ବିଳମ୍ବିତ ରାତିରେ ବିକାଶନଗରର ମାନସ ଦଳେଇଙ୍କୁ ଘରୁ ଡାକିନେଇ ହାଣିଦେଲେ ଦୁର୍ବୃତ୍ତ । ମୃତ ମାନସଙ୍କ ନାଁରେ ରହିଛି ଅନେକ ଅପରାଧିକ ମାମଲା । ଖବର ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ହୋଇଛି । ହତ୍ୟାକାଣ୍ଡ ପଛରେ ନିଶା କାରବାର ଓ ଜମି ଜବରଦଖଲ ଥିବା ନେଇ ସନ୍ଦେହ କରାଯାଉଛି । ତେବେ ବଜାର ଉପରେ ଏପରି ଆକ୍ରମଣ ଯୋଗୁଁ ଭୟର ବାତାବରଣ ଖେଳିଯାଇଛି । ସଂଘବଦ୍ଧ ଭାବେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି । ତେବେ ମୃତ ମାନସଙ୍କ ନାମରେ ଅନେକ ମାମଲା ରହିଥିବା ବେଳେ ହତ୍ୟା ପଛରେ କାହାର ରହିଛି ସଂପୃକ୍ତ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ । ତେବେ ମାନସଙ୍କୁ କିଏ ଘରୁ ଡାକିଥିଲା ତାହା ମଧ୍ୟ ଜଣାପଡି ନାହିଁ । ଘଟଣାସ୍ଥଳରେ ଜୋନ ୩ ଏସିପି ତାପସ ପ୍ରଧାନ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

ବିଲ୍ ଟଙ୍କା ନଦେବା ପଡ଼ିଲା ମହଙ୍ଗା

୩ଟି ଅଫିସର ଆସବାବପତ୍ର ଜବତ ନିର୍ଦ୍ଦେଶ

ସମ୍ବଲପୁର,୪।୪ (ସଂଚାର ବ୍ୟୁରୋ) : ଠିକାଦାରଙ୍କ ପାଇଁ ବିଲ୍ ଟଙ୍କା ନ ଦେବା ମହଙ୍ଗା ପଡ଼ିଛି। ୩ଟି ଅଫିସ୍‌ର ଆସବାବପତ୍ର ଜବତ ସକାଶ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୁର୍ଲାସ୍ଥିତ ଉପର ମହାନଦୀ ବେସିନର ବେସିନ ମ୍ୟାନେଜର ତଥା ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ଡ୍ୟାମ୍ ସର୍କଲର ସୁପରିଣ୍ଟେଣ୍ଡିଂ ଇଂଜିନିୟରଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଇରିଗେସନ ଡିଭିଜନର ଏକଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ଅଫିସ୍‌ର ଆସବାବପତ୍ର ସିଲ୍ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସିନିୟର ସିଭିଲ ଜଜ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪ ଶନିବାର ୫ ଏପ୍ରିଲ ୨୦୨୫, ଭୁବନେଶ୍ୱର

Saturday 5 April 2025 Bhubaneswar

ସଫଳତାର ଆଉ ଏକ ମାଇଲଖୁଣ୍ଟ

ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଯୋଡ଼ି ସେମାନଙ୍କ ରାଜନୈତିକ ଲକ୍ଷ୍ୟ ହାସଲରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସଂସଦରେ ୱାକଫ ସଂଶୋଧନ ବିଲ ଗୃହୀତ ହୋଇଛି। ସଂସଦର ଉଭୟ ଗୃହରେ ବିଜେପିର ସଂଖ୍ୟାଗରିଷ୍ଠତା ନାହିଁ। ଏହା ସତ୍ତ୍ୱେ ୱାକଫ ସଂଶୋଧନ ବିଲ ଗୃହୀତ କରାଇବାରେ ମୋଦିଜୀ ସଫଳ ହୋଇଛନ୍ତି। ଏଥିରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ବିଲକୁ ସଂସଦରେ ଯେପରି ଏନଡିଏର ସବୁ ଆଂଇଦାର ଦଳ ସମର୍ଥନ କରିବେ ସେଥିଲାଗି ସେ ସବୁ ସହଯୋଗୀ ଦଳମାନଙ୍କ ସହିତ ଆଲୋଚନା କରି ଏହା ସପକ୍ଷରେ ମନାଇବାରେ ସଫଳ ହେଲେ। ଏପରିକି ବିଜେଡି ଭଳି ଏକ ଅଣ ଏନଡିଏ ଦଳର କିଛି ସଦସ୍ୟଙ୍କ ସମର୍ଥନ ମଧ୍ୟ ହାସଲ କରିବାରେ ସ ସଫଳ ହୋଇଛନ୍ତି। ସଂସଦରେ ଏହି ବିଲ୍ ଉପରେ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୁହଁ ଖୋଲି ନାହାଁନ୍ତି। ଗୃହମନ୍ତ୍ରୀ ଅମିତ ଶାହା ଏହି ବିଲ ଉପରେ ବିତର୍କ ଏବଂ ମତ ବିଭାଜନର ନେତୃତ୍ୱ ନେଇଥିଲେ। ତାଙ୍କ ସଫଳ ଗୋଟି ଚାଳନା ପୁନର୍ବାର ସଫଳ ହୋଇଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଗଠିତ ହେବା ପରେ ଅନେକ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଏବଂ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦଠାରୁ ଆରମ୍ଭ କରି ତିନି ତଲାକ ଉଚ୍ଛେଦ, ଜିଏସଟି କାର୍ଯ୍ୟକାରୀ କରାଯିବା ଏଭଳି ଅନେକ ପଦକ୍ଷେପ ନିଆଯାଇଛି। ସିଏଏ କାର୍ଯ୍ୟକାରୀ କରାଯାଇଛି। ଏହିସବୁ ପଦକ୍ଷେପ ପୂର୍ବରୁ କଳ୍ପନା ବାହାରେ ଥିଲା। କିନ୍ତୁ କେବଳ ସଂଖ୍ୟାର ଖେଳରେ ନୁହେଁ, କୂଟନୈତିକ ଚାଲରେ ମଧ୍ୟ ବିଜେପି ସଫଳ ହୋଇଛି। ନିଜର ବନ୍ଧୁ ଦଳମାନଙ୍କ ଆସ୍ଥା ଏବଂ ବିଶ୍ୱାସ ବଜାୟ ରଖିବାରେ ବିଜେପି ସଫଳ ହୋଇଛି। ବିରୋଧୀ ମେଣ୍ଟରେ ଫାଟ ସୃଷ୍ଟି କରିବାରେ ମଧ୍ୟ ବିଜେପି ସଫଳ ହୋଇଛି। ଏବେ ଏହି ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ଲୋକସଭାରେ ଯଦିଓ ଏନଡିଏର ସଂଖ୍ୟାଗରିଷ୍ଠତା ରହିଛି, କିନ୍ତୁ ବିଜେପିର ସଭ୍ୟ ସଂଖ୍ୟା ୨୪୦ରେ ସୀମିତ। ରାଜ୍ୟସଭାରେ ମଧ୍ୟ ଏନଡିଏର ସଂଖ୍ୟା ଗରିଷ୍ଠତା ନାହିଁ। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟସଭାରେ ୯ଟି ଆସନ ଖାଲି ପଡ଼ିଥିବା ବେଳେ ଏନଡିଏର ୧୧୮ ସଦସ୍ୟ ଅଛନ୍ତି। କିନ୍ତୁ ଭୋଟିଂ ବେଳେ ଏନଡିଏକୁ ଅଧିକ ସଂଖ୍ୟା ମିଳିଲା। ୱାକଫ ସଂଶୋଧନ ବିଲ ସପକ୍ଷରେ ୧୨୮ ଭୋଟ ମିଳିଥିବା ବେଳେ ବିରୋଧରେ ୯୫ ଭୋଟ ପଡ଼ିଥିଲା। ଅର୍ଥାତ ଏନଡିଏ ବ୍ୟତିତ ଅନ୍ୟ କିଛି ଦଳର ସଦସ୍ୟ ମଧ୍ୟ ବିଲ ସପକ୍ଷରେ ଭୋଟ ଦେଇଛି। ବିଜୁ ଜନତା ଦଳର କିଛି ସଦସ୍ୟ ବିଲ୍ ସପକ୍ଷରେ ଭୋଟ ଦେଇଥିବା ଜଣାଯାଇଛି। ଏହା ବିଜେପିର ଏକ ନୈତିକ ବିଜୟ। ଏନଡିଏର ଦୁଇ ପ୍ରମୁଖ ଅଂଶୀଦାର ଦଳ ନୀତିଶ କୁମାରଙ୍କ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ୱାକଫ ସଂଶୋଧନ ବିଲକୁ ସମର୍ଥନ କରିବେ କି ନାହିଁ ସେଥିନେଇ ସନ୍ଦେହ ଥିଲା। କିନ୍ତୁ ବିଜେପି ଉଭୟ ଦଳକୁ ମନାଇବାରେ ସଫଳ ହେଲେ ଏବଂ ଉଭୟ ଦଳର ସଭ୍ୟମାନେ ୱାକଫ ସଂଶୋଧନ ବିଲ ସପକ୍ଷରେ ଭୋଟ ଦେଲେ। ଫଳରେ ବିଲ ସଂସଦର ଉଭୟ ଗୃହରେ ପାରିତ ହେଲା। ଏବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏହା ଆଇନରେ ପରିଣତ ହେବ। ଏହା ବିଜେପିର ଏକ ଦୀର୍ଘ ଦିନର ଲକ୍ଷ୍ୟ ହାସଲରେ ସଫଳତା ଆଣିଛି। ଗତ ବର୍ଷ ସଂସଦରେ ଏହି ବିଲ ସଂସଦରେ ଉପସ୍ଥାପିତ ହୋଇଥିଲା। କିନ୍ତୁ ଏହାକୁ ବିରୋଧୀ ସଭ୍ୟମାନେ ପ୍ରବଳ ବିରୋଧ କରିବାକୁ ଏହାକୁ ଜେପିସିକୁ ପଠାଗଲା। ବିଜେପି ସାଂସଦ ଜଗଦମ୍ବିକା ପାଲଙ୍କ ଅଧ୍ୟକ୍ଷତାରେ ଗଠିତ ଜେପିସିରେ ମୋଟ ୩୬ଜଣ ସଦସ୍ୟ ଥିଲେ। ସେଥିରୁ ୫୦% ଶାସକ ମେଣ୍ଟର ଏବଂ ବାକି ସଦସ୍ୟ ବିଭିନ୍ନ ବିରୋଧୀ ରାଜନୈତିକ ଦଳର ପ୍ରତିନିଧି ଭାବେ ଥିଲେ। ଏହି ପ୍ରସଙ୍ଗରେ ଜେପିସିର ୩୬ ଥର ବୈଠକ ବସିଥିଲା। ଜେପିସିରେ ଏହା ଉପରେ ତର୍ଜମା କରାଯିବା ପରେ ଶାସକ ଦଳର ସଭ୍ୟଙ୍କ ସୁପାରିସକ୍ରମେ ଏଥିରେ କେତେକ ସଂଶୋଧନ କରାଗଲା। କିନ୍ତୁ ଜେପିସିର ସଦସ୍ୟ ଥିବା ବିରୋଧୀ ସଭ୍ୟଙ୍କ ସୁପାରିସ ବା ମତକୁ ଅଣଦେଖା କରାଗଲା। ଜେପିସିର ସୁପାରିସ ପରେ ସଂସଦରେ ସଂଶୋଧିତ ୱାକଫ ବିଲ ଉପସ୍ଥାପିତ ହୋଇଥିଲା। ଆଲୋଚନା ପରେ ଏହା ବହୁମତରେ ଗୃହୀତ ହୋଇଛି। ଏହା ଫଳରେ ପ୍ରଚଳିତ ୱାକଫ ଆଇନରେ ସଂଶୋଧନ ଆସିବ। ଏହା ଫଳରେ ୱାକଫ ବୋର୍ଡରେ ମହିଳା ଏବଂ ଅଣହିନ୍ଦୁ ବ୍ୟକ୍ତି ସଦସ୍ୟ ରହିପାରିବେ। ୱାକଫ ବୋର୍ଡର ଅଧିକାର ଏବଂ କ୍ଷମତା ଆଇନ ପରିସର ମଧ୍ୟରେ ରହିବ। ୱାକଫ ବୋର୍ଡ ହାତରେ ଦେଶର ବିଭିନ୍ନ ସ୍ଥାନରେ ବିପୁଳ ସମ୍ପତ୍ତି ରହିଛି। ଏହା ଉପରେ ଅଙ୍କୁଶ ଲାଗିବ। ୱାକଫ ସଂଶୋଧନ ବିଲକୁ ବିଭିନ୍ନ ମୁସଲମାନ ସଙ୍ଗଠନ ବିରୋଧ କରିବା ସ୍ୱାଭାବିକ। କିନ୍ତୁ କଂଗ୍ରେସ ଏବଂ ଏହାର ସହଯୋଗୀମାନେ ଏହାକୁ ରାଜନୈତିକ ଦୃଷ୍ଟିରୁ ବିରୋଧ କରିବାର କାରଣ ହେଲା ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ। ସଂସଦରେ ଆଲୋଚନା ବେଳେ ବିରୋଧୀ ଏହାକୁ ସଂଖ୍ୟାଲଘୁ ବିରୋଧୀ, ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ। ସରକାର କହିଛନ୍ତି ଯେ, ଏହା ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ବିରୋଧୀ ନୁହେଁ ବା ଏହା ଦ୍ୱାରା ସେମାନଙ୍କର ମୌଳିକ ଧାର୍ମିକ ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ। ଏହି ଆଇନ ସହିତ ଧର୍ମର କୌଣସି ସମ୍ପର୍କ ନାହିଁ। ବିଶ୍ୱର ବହୁ ମୁସଲମାନ ବହୁଳ ଦେଶରେ ମଧ୍ୟ ୱାକଫ ଆଇନରେ ସଂଶୋଧନ କରାଯାଇଛି। ତେଣୁ ଭାରତ ଭଳି ଏକ ଧର୍ମନିରପେକ୍ଷ ଦେଶରେ ଏହା କାହିଁକି ସମ୍ଭବ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ପ୍ରଶ୍ନ କରିଛନ୍ତି। ମୁସଲମାନ ଧର୍ମାବଲମ୍ବୀଙ୍କ ସ୍ୱାର୍ଥ ବା ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ ବୋଲି ସରକାରଙ୍କ ପ୍ରତିଶ୍ରୁତି ପରେ ଏନଡିଏର ଅଂଶୀଦାର ଦଳମାନେ ଏହାକୁ ସମର୍ଥନ କରିବାକୁ ରାଜି ହେଲେ। ସଂସଦରେ ଏହି ବିଲ ଗୃହୀତ ହେବା ପରେ ଆଉ ଏହାକୁ ନେଇ ତର୍ଜମା କରିବାର କିଛି ଆବଶ୍ୟକତା ନାହିଁ। ଗୋଟିଏ କଥା ସ୍ପଷ୍ଟ ଯେ, ଲୋକସଭାରେ ବିଜେପି ଏକାକି ସଂଖ୍ୟାଗରିଷ୍ଠତା ହାସଲ କରିନଥିବାରୁ ଏହା ଦୁର୍ବଳ ସ୍ଥିତିରେ ରହିଛି ବୋଲି ଯାହା ବିଚାର କରାଯାଉଥିଲା ତାହା ସମ୍ପୂର୍ଣ୍ଣ ଭୁଲପ୍ରମାଣିତ ହୋଇଛି। ଏନଡିଏରେ ଏକତା ବଜାୟ ରହିଛି। ବିଜେପିର ସହଯୋଗୀ ଦଳମାନେ ମୋଦିଙ୍କ ଉପରେ ଆସ୍ଥା ଏବଂ ବିଶ୍ୱାସ ରଖିଛନ୍ତି। ନିକଟ ଭବିଷ୍ୟତରେ ସରକାର ବଦଳିବାର ସମ୍ଭାବନା ନାହିସିଁ। ଏହା ପୁନଃପ୍ରମାଣିତ ହୋଇଛି।

ଭାରତର ବୈଦ୍ୟୁତିକ ଯାନ ଅଭିଯାନ

ସୌଭାଗ୍ୟ ରଂଜନ ମହାକ୍ତି(ରାଜା)

ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ଏବେ ମାନବ ସମାଜ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବୈଦ୍ୟୁତିକ ଯାନବାହାନ (ଇଭି)ର ଚଳାଚଳ ପାଇଁ ବହୁବିଧ ସରକାରୀ ପ୍ରୋତ୍ସାହନ ନୂଆ ଆଶା ସଂଚାର କରିଛି। ଏହା କେବଳ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବ ନାହିଁ, ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଅଙ୍କୁଶ ଲଗାଇବା ଆଶା କରାଯାଏ। ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ମୁଖ୍ୟ କଂଚାମାଲ ଏବଂ ମୋବାଇଲ ବ୍ୟାଟେରୀ ନିର୍ମାଣରେ ବ୍ୟବହୃତ ୨୮ଟି ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ଛାଡ ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ଭାବରେ ଘରୋଇ ଉତ୍ପାଦନ, ବୈଷୟିକ ଜ୍ଞାନର ଉପଯୋଗ, ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥୀକ ବର୍ଷର କେନ୍ଦ୍ରୀୟ ବଜେଟ ପାର୍ଲିଆମେଂଟରେ ଉପସ୍ଥାପିତ କରିବା ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇଭି ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ନେଇ ପ୍ରସ୍ତାବ ଦେଇଥିଲେ। ଯାହାକି ପାର୍ଲିଆମେଂଟରେ ଗୃହିତ ୨୦୨୫ ଅର୍ଥ ବିଲରେ ଅନୁମୋଦିତ ହୋଇଛି। ଭାରତ ଏବେ ତାର ଷ୍ଟାଟେଜିକ ନୀତିରେ ପରିବର୍ତ୍ତନ କରିଥିବା ଏହା ସ୍ପଷ୍ଟ ସଂକେତ ପ୍ରଦାନ କରେ। ଇତିମଧ୍ୟରେ ମାତ୍ର ୫ମିନିଟରେ ୫୦୦କିମି ଚଳାଚଳ କ୍ଷମତା ସମ୍ପନ୍ନ ବ୍ୟାଟେରୀ ରିଚାର୍ଜ ଦକ୍ଷତା ବା ବୈଷୟିକ କୌଶଳ ଚୀନର ଇଭି ଉତ୍ପାଦନକାରୀ କମ୍ପାନୀ ବିୱାଇଡି ଶୁଭାରମ୍ଭ କରିଛି। କହିବା ବାହୁଲ୍ୟ ଯେ, ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଏହାର ସବୁଠୁ ମୁଖ୍ୟାଂଶ ଭାବେ ପରିଚିତ। ଇଭିର ମୋଟ ମୂଲ୍ୟର ୪୦ ପ୍ରତିଶତ ହେଉଛି ବ୍ୟାଟେରୀ। ଉଲ୍ଲେଖଯୋଗ୍ୟ ଯେ, ବୈଦ୍ୟୁତିକ ଯାନର ଗ୍ରହଣୀୟତା ଏବଂ ଏହାର ବହୁଳ ବ୍ୟବହାର କେବଳ ବ୍ୟାଟେରୀ ଉପରେ ହିଁ ନିର୍ଭର କରେ। ଏହା ନିସନ୍ଦେହ ଯେ, ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ହିଁ ଜନସାଧାରଣ ବିମୁଖତାର ମୁଖ୍ୟ କାରଣ। ସ୍ୱଳ୍প ଆୟକାରୀ ବର୍ଗ ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ଯୋଗୁଁ ଇଭି ପ୍ରତି ମୁହଁ ଫେରାଇବାର ମୁଖ୍ୟକାରଣ । ଗୋଟିଏ ବ୍ୟାଟେରୀରେ ଗ୍ୟାରେଂଟି

ସମୟ ପାଂଚ ବର୍ଷ ଥିବାବେଳେ ଆଉ ଗୋଟିଏ ବ୍ୟାଟେରୀ ପାଇଁ ଏକକାଳୀନ ହଜାର ହଜାର ଟଙ୍କା ବ୍ୟୟ କରିବାକୁ ହୋଇଥାଏ। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ସିଏନଜି ଯାନ ବାହାନରେ ଅଧିକ ବ୍ୟୟଭାର ପଡୁଥିବା ସତ୍ତ୍ୱେ ତାହା ଜଣାପଡେ ନାହିଁ। ଇଞ୍ଜିନେୟିସ ଟେକ୍ନୋଲୋଜିକାଲ ସାମର୍ଥ୍ୟ ଅଭାବ ବ୍ୟାଟେରୀ ଉତ୍ପାଦନ ଭାରତ ମୁଖ୍ୟ ପ୍ରତିବନ୍ଧକର କାରଣ। ବୈଦ୍ୟୁତିକ ଯାନବାହାନ ଏବଂ ବ୍ୟାଟେରୀ ଉତ୍ପାଦନ କ୍ଷେତ୍ରରେ ଚୀନ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ପକ୍ଷରୁ କୁହାଯାଇଛି। କେବଳ ଚୀନରେ ୭୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବାବେଳେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକରେ ମାତ୍ର ୩୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବା କୁହାଯାଏ। ସ୍ୱଳ୍ପ ମୂଲ୍ୟ ଯୋଗୁଁ ଗତ ପାଂଚ ବର୍ଷ ହେଲା ଇଥିୟମ୍-ଆଇରନ-ଫସଫେଟ୍ (ଏଲଏଫଏଫ) ବ୍ୟାଟେରୀ ସମଗ୍ର ବିଶ୍ୱରେ ଏବେ ଷ୍ଟାଣ୍ଡାଡ୍ ବ୍ୟାଟେରୀ ଭାବେ ଆଦୃତ ହୋଇଥିବା ଜଣାଯାଏ। ଅନ୍ୟପକ୍ଷରେ ଚାରିଚକିଆ ଇଭି କାର ୨୦୨୪ରେ ପଞ୍ଜୀକରଣ ଚୀନରେ ୪୫ପ୍ରତିଶତ ହୋଇଥିବା ଭାରତରେ ମାତ୍ର ୨ପ୍ରତିଶତ ହୋଇଥିଲା। କିନ୍ତୁ ଗତବର୍ଷ ଭାରତରେ ୧.୧୪ ମିଲିଅନ ଦୁଇ ଚକିଆ ଇଭି ଯାନ ବିକ୍ରୀ ହୋଇଥିଲା। ଯାହାକି ମୋଟ ଇଭି ଯାନ ବିକ୍ରୀର ୬୦ପ୍ରତିଶତ। ଭାରତର ଇଭି କଂଚାମାଲ ଆମଦାନୀ ଉପରୁ ଶୁଳ୍କ ଛାଡ ଏହାର ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟ ଲକ୍ଷ୍ୟ ଥିବା ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିଶୋଧ ପରାୟଣ ଶୁଳ୍କକୁ ଏଡାଇବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ିଭୂତ ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତରେ ଇଭି ଏବଂ ମୋବାଇଲ ବ୍ୟାଟେରୀ ଉତ୍ପାଦନ ଇଭି ପ୍ରତି ଜନସାଧାରଣଙ୍କ କେବଳ ଚାହିଦା ବଢାଇବ ନାହିଁ, ଚୀନ ସହିତ ପ୍ରତିଯୋଗିତା କରାଇବାରେ ସହାୟକ ହୋଇପାରିବ ବୋଲି କୁହାଯାଇପାରେ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮ ୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ: ୭୯୭୮୬୬୬୪୦୩

ଆପଣ ମୋତେ ଜୀବନ ଦେଇଛନ୍ତି

ପ୍ରଫେସର ଡାକ୍ତର ଜୟଶ୍ରୀ ମହାକ୍ତି

ଜୀବନର ଚଲାପଥରେ ଅନେକ ଅନେକ ନୂଆ ମୁହଁ ଓ ଅନେକ ପଦଚିହ୍ନ। କେତେ ମୁହଁ ଆସେ ମିଳେଇ ଯାଏ, କେତେ ପଦ ଚିହ୍ନ ସମୟର ବାଲି ଝଡ଼ରେ ଅସ୍ପଷ୍ଟ ହୋଇଉଠେ କିନ୍ତୁ ଭଗବତ ଆଶୀର୍ବାଦରେ କେତେକ ମଣିଷ ଛାଡ଼ି ଯାଆନ୍ତି ସୁସ୍ପଷ୍ଟ ପଦ ଚିହ୍ନ ଆମର ମାନସ ପଟ୍ଟରେ। ସେହି ପଦଚିହ୍ନ ଭିତରେ ସମୟର ଉଜାଣି ସୁଅରେ ଭିଡ଼ ଭିତରେ ଗଣି ହେଉଥିବା ଅନେକଙ୍କ ଭିତରେ ଜଣଙ୍କ କଥା ମୋ ଜୀବନରେ ମୁଁ କେବେ ବି ଭୁଲିପାରେନା। ସେ ହେଉଛନ୍ତି ମୟୂରଭଞ୍ଜ ଆଦିବାସୀ ମୂଲକର ଜଣେ ଲୋକ ରମାକାନ୍ତ। ଏକ କଲେଜର ଡେମୋନଷ୍ଟ୍ରେଟର ଭାବେ ସେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ଧର୍ମପତ୍ନୀଙ୍କ ନାଁ ଅନସୂୟା। ମୁଁ ସେତେବେଳେ ଓଡ଼ିଶାର ସବୁଠାରୁ ବଡ଼ କୁହାଯାଉଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ନୂଆ ଚାକିରି କରୁଥିବାର ସମୟ। ଆମ ସେତେବେଳେ ଲେକଚରର ପୋଷ୍ଟ ଭାବେ ବୁଝା ଯାଉଥିଲା। ଇଏ ହେଉଛି ୧୯୯୭ର କଥା। ମୋ ନିୟମିତ ଆଉଟଡୋର ରୋଗୀ ସେବା ଭିତରେ ଜଣେ ପେନଫିଙ୍ଗସ ଭଲଗାରିଜ୍‌ରେ ଆକ୍ରାନ୍ତ ହୋଇ ମୁଁ ଚିକିତ୍ସା ପାଇଁ ଥିଲେ। ସିଏ ହିଁ ମୋ ଆଜି ଆଲୋଚନାର ଚରିତ୍ର। ସିଏ ହେଉଛନ୍ତି ରମାକାନ୍ତ। ସାଙ୍ଗରେ ତାଙ୍କର ଛୋଟ ଛୋଟ ଦୁଇଟି ପିଲା। ପାଖାପାଖି ପାଞ୍ଚ ଛଅ ବର୍ଷ ଧରି ସେ ମୋ ଚିକିତ୍ସାରେ ରହିଥିଲେ। ମଝିରେ ମଝିରେ କିଛି ଦିନ ପାଇଁ ଗାଁକୁ ଯାଇ ପୁଣି ଡାକ୍ତରଖାନା ବେଡ଼କୁ ଫେରି ଆସନ୍ତି। ତେବେ ତାଙ୍କ ଏହି ପେନଫଇଙ୍ଗସ ଭଲଗାରିଜ୍ ରୋଗଟି ଆମ ଚର୍ମ ରୋଗ ଚିକିତ୍ସା କ୍ଷେତ୍ରରେ ସେ ସମୟ ପାଇଁ ଗୋଟିଏ ବଡ଼ ଆହ୍ୱାନ ଥିଲା। ମୁଁ କିନ୍ତୁ ନୂଆ ନୂଆ। ଏହି ଡାକ୍ତରୀ ସେବା ଭିତରକୁ ଆସିଥିବାରୁ ଏହାକୁ ଖୁସି ମନରେ କେବଳ ଏକ ଦାୟିତ୍ୱ ନୁହେଁ ବରଂ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲି। ମନେପଡ଼ିଥିଲା ମୋ ବାପାଙ୍କ ସେହି ଚେତନାଦାୟୀ ସମାଜ ସେବାର ଗୁରୁ ମନ୍ତ୍ରଟି। ମୋ ବାପା କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ ବରଂ ଜଣେ ତ୍ୟାଗପୂତ ଜୀବନ ବିତାଉଥିବା ପରୋପକାରୀ ସ୍ନେହୀ ଓ ଉଦାର ଚେତା ମଣିଷ ଥିଲେ।

ଏହି ସମୟରେ ମନେପଡ଼ିଗଲା ମୋ ବାପାଙ୍କ ସେହି ଅମୃତ ବାଣୀ ପରି ତାଙ୍କ ସୁପରାମର୍ଶ ଗୁଡ଼ିକ - "ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ, ଯିଏ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତା ଦୂରେଇ ଯାଏ। ଯିଏ ଅହଂକାରୀ ହୁଏ ଏବଂ ଆପଣାର ସ୍ୱାର୍ଥ ଦ୍ୱାରା ନିୟନ୍ତ୍ରିତ ହୋଇ କାର୍ଯ୍ୟକରେ ସେ ଅନ୍ୟର ଉପକାର କରିପାରେ ନାହିଁ ବରଂ ବିନୀତ ଓ ହୃଦୟବାନ ମନୁଷ୍ୟ ପ୍ରତି ଭଗବାନଙ୍କ କରୁଣା ସର୍ବଦା ରହିବା ସହିତ ସେହି ମାନେ ହିଁ ଦୁଃଖି ରଙ୍କିଙ୍କ ସେବା କରିବାର ଭାଗ୍ୟ ପାଇଥାନ୍ତି। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହେଁ ମାତ୍ର ଜୀବଦ୍ଦଶାରେ ଯିଏ ଯାହା ଯାହା କହିଯାଇଥାଏ ଅମ୍ଳାନ ହୋଇରହିଯାଇଥାଏ ଯୁଗ ଯୁଗକୁ। ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଏହିପରି ସେବା କରୁଥିବା ପରୋପକାର ମଣିଷମାନେ ସବୁବେଳେ ଚିରଭାଶ୍ୱର ଓ ଯାଜ୍ଜ୍ୱଲ୍ୟମାନ ହୋଇ ରହିଥାନ୍ତି ଅନେକଙ୍କ ହୃଦୟରେ।' ରମାକାନ୍ତଙ୍କ ଚିକିତ୍ସା ପାଇଁ ମୁଁ ଅନେକ ସମୟ ବ୍ୟକ୍ତିଗତ ଭାବେ ବ୍ୟସ୍ତ ହୋଇପଡୁଥିଲି। ସେ ସମୟରେ ଆମ ଚର୍ମ ରୋଗର ଚିକିତ୍ସା ବିଜ୍ଞାନ ପାଇଁ ଏତେ ସବୁ ପରୀକ୍ଷା ନିରୀକ୍ଷାର ଉତ୍କର୍ଷତା ଓ ଔଷଧ ସବୁ ସୁଲଭ ନଥିଲା। ଆମେ ତାକୁ ଷ୍ଟିରଏଡ୍ ସହିତ ଅନ୍ୟାନ୍ୟ ଔଷଧ ଦେଉଥିଲୁ। ଯାହାର ପ୍ରଭାବରେ ତାଙ୍କର କେବଳ ବୋନ୍ ନଷ୍ଟ ହୋଇଗଲାନି ବରଂ ବୋନ ଟିବିରେ ସେ ଆକ୍ରାନ୍ତ ହୋଇପଡ଼ିଲେ। ସେ ଯେବେ ଗାଁକୁ ଯାଆନ୍ତି ଆମ ମାନଙ୍କ ପାଇଁ ଅନେକ ଆଦରର ସହିତ ବାଦାମ ଆଉ ଗାଁ ପନିପରିବା, ଫଳ ଫୁଲୁରୀ ଧରି ଆସନ୍ତି। ଆମ ଡିପାର୍ଟମେଣ୍ଟ ସହିତ ସେ ପୁରାପୁରି ଏକ ସ୍ନେହ ରଜ୍ଜୁରେ ବନ୍ଧା ହୋଇଗଲେ। ମେଡ଼ିକାଲ ବେଡ଼ରେ ଦିନ ଦିନ ପଡ଼ି ରହି ସେ ମାନସିକ ଭାବେ ଗଭୀର ଦୁଃଖ ପାଉଥିଲେ ମଧ୍ୟ ତାଙ୍କ ଭିତରେ ମୁଁ ଜୀବନ ସହିତ ଲଢ଼ି ପୁର୍ନଜୀବନ ପାଇବାର ଏକ ସ୍କୁଲିଙ୍ଗ ଦେଖିଥିଲି। ପ୍ରାୟତଃ ଯେଉଁଠି ରୋଗୀମାନେ ଆଶଙ୍କା ଓ ଆଗତ ବିପଦକୁ ଚିନ୍ତାକରି ମାନସିକ ଭାବେ ଭାଙ୍ଗି ପଡ଼ିଥାନ୍ତି ସେ କ୍ଷେତ୍ରରେ କିନ୍ତୁ ରମାକାନ୍ତ ଥିଲେ ଜଣେ ସମ୍ପୂର୍ଣ୍ଣ ଭିନ୍ନ ଉଦାହରଣ। ମୁଁ ତାଙ୍କ ପାଇଁ ଯେତେ ବ୍ୟସ୍ତ ହୋଇପଡ଼େ ମୋ ସହିତ ଆମ ବିଭାଗର ଅନ୍ୟ କର୍ମଚାରୀମାନେ ମଧ୍ୟ ସମଦୁଃଖୀ ହୁଅନ୍ତି।

୪୩ କୋଟିରେ ଆମେରିକାର ନାଗରିକ

ନୂଆଦିଲ୍ଲୀ,୪।୪: ଦୁନିଆକୁ 'ଗୋଲ୍ଡ କାର୍ଡ' ଦେଖାଇଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଏୟାରଫୋର୍ସ ୱାନରେ ଉଡ଼ାଣ ସମୟରେ ୫ ମିଲିୟନ ଡଲାରର 'ଗୋଲ୍ଡ କାର୍ଡ' ଦେଖାଇଥିବା ଜଣାପଡ଼ିଛି। ତେବେ ସେ ଗତ ମାସରେ ଏହି ଗୋଲ୍ଡ କାର୍ଡ' ର ଘୋଷଣା କରିଥିଲେ। ଏହି କାର୍ଡ ଧନୀ ଅର୍ଥାତ୍ କୋଟିପତି ପ୍ରବାସୀମାନଙ୍କ ପାଇଁ। ଅର୍ଥାତ୍ ଯେଉଁମାନେ ଆମେରିକୀୟ ନାଗରିକତା ହାସଲ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଏହି କାର୍ଡ କିଣିବାକୁ ପଡିବ। ଏହି କାର୍ଡର ମୂଲ୍ୟ ପ୍ରାୟ ୪୩ କୋଟି ଟଙ୍କା। 'ଟ୍ରମ୍ପସ୍ ଗୋଲ୍ଡ କାର୍ଡ' ହେଉଛି ଗ୍ରୀନ୍ କାର୍ଡର ଏକ ପ୍ରିମିୟମ୍ ସଂସ୍କରଣ। ଏହାକୁ ପ୍ରବାସୀମାନଙ୍କୁ ୫ ନିୟୁତ ଡଲାରରେ ବିକ୍ରି କରାଯିବ। ଗତ ମାସରେ କାର୍ଯ୍ୟନିର୍ବାହୀ ଅର୍ଡରରେ ସ୍ୱାକ୍ଷର କରିବା ସମୟରେ, ଟ୍ରମ୍ପ କହିଥିଲେ ଯେ, ଆମେ ଏକ ଗୋଲ୍ଡ କାର୍ଡ' ବିକ୍ରି କରିବାକୁ ଯାଉଛୁ। ଆମେ ସେହି କାର୍ଡର ମୂଲ୍ୟ ପ୍ରାୟ ୫ ନିୟୁତ ଡଲାର କରିବାକୁ ଯାଉଛୁ। ଏହା ଆପଣଙ୍କୁ ଗ୍ରୀନ କାର୍ଡ ସୁବିଧା ମଧ୍ୟ ଦେବ।ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି କାର୍ଡ ନାଗରିକତା ପାଇଁ ଏକ ସହଜ ପଥ ହେବ ଏବଂ ଧନୀ ଲୋକମାନେ ଏହି କାର୍ଡ କିଣି ଆମ ଦେଶରେ ରହିପାରିବେ। ସେମାନେ ଧନୀ ଏବଂ ସଫଳ ହେବେ। ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ' ଆମେରିକୀୟ ନାଗରିକତା ପାଇବାର ଏକ ନୂତନ ଉପାୟ। ଯାହା ବିଶେଷ ଭାବରେ ଧନୀ ଲୋକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହା ଅଧୀନରେ, ଯେ କୌଣସି ବ୍ୟକ୍ତି ୫ ମିଲିୟନ ଡଲାର ଦେଇ ଏହାକୁ ପାଇପାରିବେ। ଏହି କାର୍ଡ କେବଳ ଆମେରିକାରେ ସ୍ଥାୟୀ ବାସ କରିବାକୁ ଅନୁମତି ଦିଏ ନାହିଁ, ବରଂ ନାଗରିକତା ପାଇବାର ପ୍ରକ୍ରିୟାକୁ ମଧ୍ୟ ସହଜ କରିଥାଏ। ଏହି ଯୋଜନା ପୁରୁଣା ଇବି-୫ ଭିସା କାର୍ଯ୍ୟକ୍ରମର ଏକ ଅଧିଗ୍ରହଣ ହୋଇପାରେ, ଯେଉଁଥିରେ $୧ ନିୟୁତ ନିବେଶ ଏବଂ ୧୦ ଟି ନିଯୁକ୍ତି ସୃଷ୍ଟି ଆବଶ୍ୟକ ଥିଲା।

ୱାକ୍‌ଫ ବିଲ୍‌କୁ ବିରୋଧ, ସୁପ୍ରିମକୋର୍ଟରେ କଂଗ୍ରେସ

ନୂଆଦିଲ୍ଲୀ,୪।୪: ୱାକ୍‌ଫ ସଂଶୋଧନ ବିଲ୍ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ବିଲ୍‌କୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। କଂଗ୍ରେସ ଏମ୍‌ପି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ବିଲ୍ ୱାକ୍‌ଫ ସମ୍ପତ୍ତି ଏବଂ ସେଗୁଡ଼ିକର ପରିଚାଳନା ଉପରେ ମନମାନି କଟକଣା ଲଦିଦେଇଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଧର୍ମୀୟ ସ୍ୱାଧୀନତାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଅନସ ତନୱିରଙ୍କ ଜରିଆରେ ଦାଏର ହୋଇଥିବା ଏହି ବିଲ୍‌ରେ ମୁସଲମାନ ସମ୍ପ୍ରଦାୟ ପ୍ରତି ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓୱାଇସି ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫ରେ ରହିଥିବା ବ୍ୟବସ୍ଥା ମୁସଲମାନ ତଥା ମୁସ୍‌ଲିମ୍ ସମ୍ପ୍ରଦାୟର ମୌଳିକ ଅଧିକାରର ଉଲ୍ଲଂଘନ। ୱାକ୍‌ଫ ବିଲ୍ ବିରୋଧରେ ଡିଏମ୍‌କେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘୋଷଣା କରିଥିଲେ। କଂଗ୍ରେସ ମଧ୍ୟ ଖୁବ୍ ଶୀଘ୍ର ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଥିଲେ।

ଚାଲାଣ କଟିବାରୁ ଟ୍ରାଫିକ୍ କନଷ୍ଟେବଳଙ୍କୁ ନିର୍ଧୁମ ଛେଚିଲେ

ପୁଣେ,୪।୪: ମହାରାଷ୍ଟ୍ରର ଥାନେ ଜିଲାର ଘୋଡବନ୍ଦର ଅଞ୍ଚଳର ୱାଘବିଲ ନାକା ନିକଟରେ ଜଣେ ଟ୍ରାଫିକ ପୋଲିସଙ୍କୁ ମାଡ଼ ମାରିବାର ଏକ ଘଟଣା ସାମ୍ନାକୁ ଆସିଛି। ଥାନେ ଟ୍ରାଫିକ ବିଭାଗ ଏକ ସ୍ୱତନ୍ତ୍ର ଅଭିଯାନ ଚଲାଉଥିଲା। ଏହି ସମୟ ମଧ୍ୟରେ, ପୋଲିସ ହେଲମେଟ ନ ଥିବା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲା। ଏହି ସମୟରେ ଜଣେ ଟ୍ରାଫିକ କନଷ୍ଟେବଳ ୫୬ ବର୍ଷୀୟ ବ୍ୟକ୍ତିଙ୍କ ହେଲମେଟ ପିନ୍ଧି ନ ଥିବା କାରଣରୁ ଚାଲାଣ କାଟିଥିଲେ। ଏଥିରେ ରାଗିଯାଇ ବାଇକ ଆରୋହୀ ଟ୍ରାଫିକ କନଷ୍ଟେବଳଙ୍କ ସହ ଝଗଡ଼ା ଆରମ୍ଭ କରିଦେଲେ। ସେହି ବ୍ୟକ୍ତି ଜଣକ ରାସ୍ତା ମଝିରେ ଟ୍ରାଫିକ ପୋଲିସଙ୍କୁ ମାଡ଼ ମାରିବା ଆରମ୍ଭ କରିଦେଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୋଧରେ କସରଭାଦାଭଲି ଥାନାରେ ବିଏନ୍‌ଏସ୍ ଧାରା ୨୨୧ ଏବଂ ୧୬୮ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଥାନେ ଟ୍ରାଫିକ ବିଭାଗ ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

୧୦୦ ମୂଷା ଖାଇ ହଜ୍‌କୁ ଗଲା ବିଲେଇ: ଗିରିରାଜ

ନୂଆଦିଲ୍ଲୀ,୪।୪: ୱାକ୍‌ଫ ସଂଶୋଧନ ବିଲ୍‌କୁ ବିରୋଧ କରୁଥିବା କଂଗ୍ରେସକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଗୁରୁବାର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ୨୦୧୩ରେ ବିଲ୍ ସଂଶୋଧନ ବେଳେ କଂଗ୍ରେସ କରିଥିବା ଭୁଲ୍‌କୁ ୱାକ୍‌ଫ ସମ୍ପତ୍ତିର ଉପଯୁକ୍ତ ପରିଚାଳନା ସକାଶେ ବର୍ତ୍ତମାନର ଏନ୍‌ଡିଏ ସରକାର ସୁଧାରୁଛନ୍ତି। କଂଗ୍ରେସ ପାର୍ଟିର ଇତିହାସ ଅନ୍ଧାର ରହିଥିଲା। ୨୦୧୩ରେ ନିର୍ବାଚନକୁ ଦୃଷ୍ଟିରେ ରଖି ସେମାନେ ଲୁଟେନ୍ସ ଦିଲ୍ଲୀରେ ରାତାରାତି ୱାକ୍‌ଫକୁ ୧୨୩ ସମ୍ପତ୍ତି ଦେଇଥିଲେ। ଏଥିରୁ ତୁଷ୍ଟାପଡୁଛି, ତୁଷ୍ଟୀକରଣ ରାଜନୀତିର ସୀମା କିଏ ଉଲ୍ଲଂଘନ କରିଛି। କଂଗ୍ରେସର ଆଚରଣ ବିରାଡ଼ି ୧୦୦ ମୂଷା ଖାଇ ହଜ୍ ଯାତ୍ରାରେ ଯିବା ସଦୃଶ ବୋଲି ଗିରିରାଜ ସମାଲୋଚନା କରିଛନ୍ତି।

ଭୂକମ୍ପ ଝଟ୍‌କାରେ ଥରିଲା ନେପାଳ

କାଠମାଣ୍ଡୁ/ଲକ୍ଷ୍ନୌ,୪।୪: ନେପାଳରେ ଶୁକ୍ରବାର ରାତି ୭ଟା ୫୨ ମିନିଟ୍ ସମୟରେ ୫.୦ ତୀବ୍ରତାର ଭୂକମ୍ପ ହୋଇଛି। ଏହାର କମ୍ପନ ଉତ୍ତର ଭାରତର ବିଭିନ୍ନ ଭାଗରେ ଅନୁଭୂତ ହୋଇଛି। ୨୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ ଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ନେପାଳରେ ଥିଲେ ହେଁ ଏହାର ଝଟ୍‌କା ଉତ୍ତର ଭାରତର ଅନେକ ସ୍ଥାନରେ, ବିଶେଷକରି ଉତ୍ତର ପ୍ରଦେଶ, ବିହାର ଏବଂ ଉତ୍ତରାଖଣ୍ଡରେ ଅନୁଭୂତ ହୋଇଛି। ଭୂକମ୍ପ ଅନୁଭୂତ ହେବା ମାତ୍ରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଗଲା ଏବଂ ଅନେକ ଲୋକ ଘରୁ ବାହାରକୁ ବାହାରି ଆସିଥିଲେ। ତେବେ ଏଥିରେ ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତି ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ। ବିଶେଷଜ୍ଞମାନଙ୍କ ମତରେ ଏହା ଏକ ମଧ୍ୟମ ତୀବ୍ରତାର ଭୂକମ୍ପ ଥିଲା, କିନ୍ତୁ ଭବିଷ୍ୟତରେ ଏକ ବଡ଼ ଭୂକମ୍ପ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ନିକଟରେ ମିଆଁମାର ଏବଂ ବ୍ୟାଙ୍କକ୍‌ରେ ଘଟିଥିବା ଧ୍ୱଂସଲୀଳାକୁ କେହି ଭୁଲିପାରିବେ ନାହିଁ। ଲୋକମାନେ ଏବେ ବି ଭୂକମ୍ପ ଯୋଗୁ ହୋଇଥିବା କ୍ଷୟକ୍ଷତି ସହିତ ସଂଘର୍ଷ କରୁଛନ୍ତି। ନେପାଳ ବିହାର ଏବଂ ଉତ୍ତର ପ୍ରଦେଶ ଭଳି ଭାରତୀୟ ରାଜ୍ୟ ସହିତ ସୀମା ଅଂଶୀଦାର କରୁଛି।

ନାଚୁ ନାଚୁ ହୃଦଘାତରେ ଚାଲିଗଲା ଜୀବନ

ଉତ୍ତରପ୍ରଦେଶ,୪।୪: ମୃତ୍ୟୁ କେତେବେଳେ ଆଉ କେଉଁ ରୂପରେ ଆସେ ତା'ର କୌଣସି ଭରସା ନାହିଁ । ଗୀତ ଗାଉଥିବା ବେଳେ ନାଚୁଥିବା ବେଳେ କି ଖେଳୁଥିବା ବେଳେ ଚାଲିଯାଉଛି ଜୀବନ । ଆଉ ଭାରତରେ କରୋନା ପରେ ହାର୍ଟଆଟାକ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ହାର୍ଟଆଟାକରେ ଚାଲିଯାଉଛି ଯୁବପିଢ଼ିଙ୍କ ଜୀବନ । ତେବେ ଏଭଳି ଏକ ଘଟଣା ପୁଣି ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ନାଚୁ ନାଚୁ ଟଳିପଡିଲେ ସ୍ୱାମୀ । ଖୁସିର ମୁହୂର୍ତ୍ତରେ ଭରିଗଲା ଦୁଃଖ । ୨୫ତମ ବିବାହ ବାର୍ଷିକୀ ପାଳନ ବେଳେ ଚାଲିଗଲା ଜୀବନ। ଉତ୍ତରପ୍ରଦେଶ ବରେଲିର ଏକ ହୋଟେଲରେ ନିଜର ବିବାହ ବାର୍ଷିକୀ ପାଳିବା ପାଇଁ ନିଷ୍ପତ୍ତି ନେଇଥିଲେ ଦମ୍ପତି ଓ୍ୱାସିମ ଶାଶ୍ୱତ ଓ ଫାରା। ଉତ୍ସବ ପାଳନ ପାଇଁ ଶତାଧିକ ବନ୍ଧୁବାନ୍ଧବ, ସମ୍ପର୍କୀୟ, ସାଙ୍ଗସାଥୀ ଉପସ୍ଥିତ ଥିଲେ । ଦମ୍ପତିଙ୍କ ସହ ଅନ୍ୟମାନେ ବି ନୃତ୍ୟଗୀତରେ ସାମିଲ ଥିଲେ । ହେଲେ ହଠାତ୍ ତଳେ ପଡିଯାଇଥିଲେ ଓ୍ୱାସିମ । ତୁରନ୍ତ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

ବଜେଟ ଅଧିବେଶନ ଶେଷ, ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

ନୂଆଦିଲ୍ଲୀ,୪।୪: ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭାକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରିଦିଆଯାଇଛି। ଗୃହର କାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ସମେତ ବିରୋଧୀ ଦଳ ସାଂସଦମାନେ ନିଜନିଜ ଆସନରେ ଛିଡା ହୋଇ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ଏଥିରେ କିଛି ସାଂସଦ ଗୃହର ମଝିକୁ ଚାଲି ଆସିଥିଲେ। ଅନ୍ୟପଟେ ବିଜେପିର ନିଶିକାନ୍ତ ଦୁବେଙ୍କ ସମେତ ଶାସକ ଦଳର କେତେକ ସଦସ୍ୟ ନିଜନିଜ ଆସନରେ ଛିଡା ହୋଇ ସୋନିଆ ଗାନ୍ଧି କ୍ଷମା ମାଗନ୍ତୁ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ଏହା ସତ୍ତ୍ୱେ ବାଚସ୍ପତି ଓମ ବିରଳା ଗୃହରେ ପ୍ରଶ୍ନ କାଳ ଚଳାଇ ରଖିବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ଶାସକ ଓ ବିରୋଧୀ ଦଳଙ୍କ ହଙ୍ଗୋଳ ବଢ଼ିବା ଯୋଗୁ ବାଚସ୍ପତି ପ୍ରଥମେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ପରେ ଗୃହର କାର୍ଯ୍ୟକୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି। ଏହା ସହିତ ଲୋକସଭାର ବଜେଟ ଅଧିବେଶନ ସମାପ୍ତ ହୋଇଯାଇଛି। ଏହି ଅଧିବେଶନରେ ଲୋକସଭାରେ ମୋଟ ୨୬ଟି ବୈଠକ ହୋଇଥିଲା। ଏଥିରେ ଲୋକସଭାର ମୋଟ ଉତ୍ପାଦକତା ୧୧୮ ପ୍ରତିଶତରୁ ଅଧିକ ରହିଛି ବୋଲି ବାଚସ୍ପତି କହିଛନ୍ତି।

ମୁମ୍ବାଇରେ ଧୂଳି ଝଡ, ଲୋକେ ଆକ୍ତାମାକ୍ତା

ମୁମ୍ବାଇ,୪।୪: ମୁମ୍ବାଇରେ ଶୁକ୍ରବାର ଅପରାହ୍ନରେ ଧୂଳି ଝଡ଼ ହୋଇଛି, ଫଳରେ ଦୃଶ୍ୟତା ହ୍ରାସ ହୋଇଥିଲା। ଧୂଳିଝଡ ମୁମ୍ବାଇବାସୀଙ୍କୁ ବେଶ୍ ପ୍ରଭାବିତ କରିଛି। ଭୀଷଣ ଧୂଳି ଝଡ଼ ସାଙ୍ଗକୁ ବର୍ଷା ସହରର ଯାତାୟାତ ଓ ଲୋକାଲ ଟ୍ରେନ ପରିଚାଳନାକୁ ପ୍ରଭାବିତ କରିଛି। ଠାଣେର ଥକୁରପଡ଼ା ଅଞ୍ଚଳରେ ଏକ ଘରର ଛାତ ଉପରେ ଥିବା ଘର ଝଡତୋଫାନରେ କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାରେ କେହି ହତାହତ ହୋଇଥିବାର ଖବର ନାହିଁ।

ପାଣିପାଗ ବିଭାଗ ଜାରି କରିଥିବା ସତର୍କତାରେ ମୁମ୍ବାଇର ଅଲଗା ଅଲଗା ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ହାଲୁକା ବର୍ଷା ସାଙ୍ଗକୁ ଝଡତୋଫାନ ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି। ଏହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ ବୋଲି କୁହାଯାଇଛି। ତେବେ ଧୂଳି ଝଡ଼ ଯୋଗୁ ଆର୍ଥିକ ମହାନଗରୀରେ ସେଭଳି କୌଣସି କ୍ଷୟକ୍ଷତି ହୋଇ ନାହିଁ।

● ଟ୍ରମ୍ପଙ୍କ ଟାରିଫକୁ ନେଇ ଆକ୍ସନ ମୋଡରେ ଭାରତ ସରକାର

କମିଟିରେ ୪ କ୍ୟାବିନେଟ୍ ମନ୍ତ୍ରୀ

ନୂଆଦିଲ୍ଲୀ,୪।୪: ଆମେରିକା ବିଶ୍ୱର ଅନେକ ଦେଶ ଉପରେ ବୁଧବାର (୨ ଏପ୍ରିଲ, ୨୦୨୫) ରେ ପାରସ୍ପରିକ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଥିଲା। ସେହି ସମୟରେ, ଆମେରିକୀୟ ବଜାରକୁ ଯାଉଥିବା ଭାରତୀୟ ସାମଗ୍ରୀ ଉପରେ ୨୬ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା, ଯଦିଓ ପରେ ଏହାକୁ ୨୬ ପ୍ରତିଶତକୁ ହ୍ରାସ କରାଯାଇଥିଲା। ଭାରତୀୟ ବଜାର ଉପରେ ଆମେରିକାର ଶୁଳ୍କର ପ୍ରଭାବ ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ନେତୃତ୍ୱରେ କେନ୍ଦ୍ର ଦ୍ୱାରା ଗଠିତ କମିଟିରେ ୪ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ରହିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁକ୍ତି ଦେଇଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ଆମେରିକାକୁ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବାରେ ସହାୟକ ହେବ। ଟ୍ରମ୍ପ ବିଶ୍ୱାସ କରନ୍ତି ଯେ ବାଣିଜ୍ୟ ଅସନ୍ତୁଳନକୁ ସମାଧାନ କରିବା ଏବଂ ଆମେରିକୀୟ ଚାକିରି ଏବଂ ଉତ୍ପାଦନକୁ ସୁରକ୍ଷା ଦେବା ପାଇଁ ଏଗୁଡ଼ିକ ଆବଶ୍ୟକ। ଆମେରିକା ପାରସ୍ପରିକ ଶୁଳ୍କ ଲାଗୁ କରିଥିବା ୬୦ଟି ଦେଶ ମଧ୍ୟରେ ଭାରତ ଅନ୍ୟତମ। ଆମେରିକା ରାଷ୍ଟ୍ରପତି ଅଟୋମୋବାଇଲ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି, ଯାହା ଟାଟା ମୋଟର୍ସ ଏବଂ ସମ୍ବର୍ଦ୍ଧନା ମାଦ୍ରାସନ ଭଳି ଅଟୋ ଷ୍ଟକକୁ ପ୍ରଭାବିତ କରିବାର ସମ୍ଭାବନା ଅଛି। ମାର୍ଚ୍ଚ ୨୦୨୫ରେ ଆମେରିକାକୁ ପ୍ରବେଶ କରୁଥିବା ସମସ୍ତ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଫ୍ଲାଟ ଡ୍ୟୁଟି ୨୫ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଟ୍ରମ୍ପ ଚାଇନାରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ଶୁଳ୍କ ୨୦ ପ୍ରତିଶତକୁ ବୃଦ୍ଧି କରିସାରିଛନ୍ତି।

ଭାରତୀୟ ବଂଶୋଦ୍ଭବ କ୍ୟାଥୋଲିକ୍ ପାଦ୍ରୀଙ୍କୁ ଗୁଳିମାରି ହତ୍ୟା

ୱାଶିଂଟନ,୪।୪: ଆମେରିକାର କାନସସ୍‌ରେ ଜଣେ ଭାରତୀୟ ବଂଶୋଦ୍ଭବ କ୍ୟାଥୋଲିକ୍ ପାଦ୍ରୀଙ୍କୁ ଗୁଳିମାରି ହତ୍ୟା କରାଯାଇଛି। କାନସସ୍‌ର ସେନେକା ସହରରେ ଏହି ଘଟଣା ଘଟିଛି ବୋଲି ଚର୍ଚ୍ଚର ଅଧିକାରୀ ମାନେ କହିଛନ୍ତି। ଏହି ମାମଲାରେ ପୋଲିସ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଛି। କାନସାସ ସିଟି ଆର୍ଚବିଶପ ଜୋସେଫ ନୌମାନ ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ସୂଚନା ସେୟାର କରିଛନ୍ତି। ସେ ଲେଖିଛନ୍ତି, "ଆଜି ସକାଳେ ଗୁଳି କରି ହତ୍ୟା କରାଯାଇଥିବା ଫାଦର ଅରୁଲ କେରାସାଲାଙ୍କ ଦୁଃଖଦ ମୃତ୍ୟୁ ଖବର ସେୟାର କରି ଗଭୀର ଦୁଃଖ ଅନୁଭବ କରୁଛି।" ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କାରାସାଲା ୨୦୧୧ ମସିହାରୁ ସେନେକାରେ ସେଣ୍ଟସ୍ ପିଟର ଏବଂ ପଲ୍ କ୍ୟାଥୋଲିକ୍ ଚର୍ଚ୍ଚରେ ପାଦ୍ରୀ ଥିଲେ। ତାଙ୍କୁ ୧୯୯୪ ମସିହାରେ ଭାରତରେ ପାଦ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ୨୦୦୪ ମସିହାରୁ କାନସାସରେ ପାଦ୍ରୀ ଭାବରେ ସେବା କରୁଥିଲେ। କାରାସାଲା ୨୦୧୧ ମସିହାରେ ଆମେରିକୀୟ ନାଗରିକତା ଗ୍ରହଣ କରିଥିଲେ। ଭାରତୀୟ ବଂଶୋଦ୍ଭବ ପାଦ୍ରୀଙ୍କୁ ଚର୍ଚ୍ଚରେ ପାଦ୍ରୀଙ୍କ ଘର ଭିତରେ ଗୁଳି କରାଯାଇଥିଲା ଏବଂ କିଛି ସମୟ ପରେ ସ୍ଥାନୀୟ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ସନ୍ଦିଗ୍ଧ ବନ୍ଧୁକଧାରୀକୁ ଅଟକ ରଖିଥିବା ଜଣାପଡ଼ିଛି।

୪୦ ଘଣ୍ଟା ଧରି ତୁର୍କୀ ଏୟାରପୋର୍ଟରେ ଫସିଲେ ଭାରତୀୟ ଯାତ୍ରୀ

ମୁମ୍ବାଇ,୪।୪: ଲଣ୍ଡନ-ମୁମ୍ବାଇ ଭର୍ଜିନ୍ ଆଟଲାଣ୍ଟିକ୍ ବିମାନରେ ଥିବା ୨୫୦ ରୁ ଅଧିକ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ।

ସେମାନେ ୪୦ ଘଣ୍ଟାରୁ ଅଧିକ ସମୟ ଧରି ତୁର୍କୀର ଦିୟାବକିର ବିମାନବନ୍ଦରରେ ଫସି ରହିଛନ୍ତି। ଏନେଇ ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି ଯେ ଏପ୍ରିଲ 1 ତାରିଖରେ ଲଣ୍ଡନରୁ ମୁମ୍ବାଇ ଯାଉଥିବା ଭିଏସ୍୩୫୮ ବିମାନକୁ ଏକ ଜରୁରୀକାଳୀନ ଚିକିତ୍ସା କାରଣରୁ ଦିୟାବକିର ବିମାନବନ୍ଦରରେ ଅବତରଣ କରାଯାଇଥିଲା। ଅବତରଣ ପରେ, ବିମାନଟିରେ ଏକ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ଏବେ ଏହାର ତଦନ୍ତ କରାଯାଉଛି। ଭର୍ଜିନ୍ ଆଟଲାଣ୍ଟିକ୍ ମୁଖପାତ୍ର କହିଛନ୍ତି: 'ଆମର ଗ୍ରାହକ ଏବଂ କ୍ରୁଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା।' ଅସୁବିଧା ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ। ଅନୁମୋଦନ ପରେ, ଆମେ ୪ ଏପ୍ରିଲ ଶୁକ୍ରବାର ଦିନ ସ୍ଥାନୀୟ ସମୟ ୧୨:୦୦ ରେ ଦିୟାବକିରର ବିମାନବନ୍ଦରରୁ ମୁମ୍ବାଇ ଅଭିମୁଖେ ଯାତ୍ରା କରିବୁ।

● ଥାଇଲାଣ୍ଡରେ ପିଏମ ମୋଦି ଓ ୟୁନୁସଙ୍କ ମଧ୍

ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା

ବୋଲିଂରେ ଶୀର୍ଷକୁ ଉଠିଲେ ନ୍ୟୁଜିଲାଣ୍ଡର ଜାକବ୍ ଡଫି

ଦୁବାଇ, ୪।୪: ସଦ୍ୟ ଘୋଷିତ ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ନ୍ୟୁଜିଲାଣ୍ଡ ପେସ୍ ବୋଲର ଜାକବ୍ ଡଫିଙ୍କ ସ୍ଥାନରେ ଉନ୍ନତି ଘଟିଛି। ବୋଲିଂ ମାନ୍ୟତାରେ ସେ ୪ଟି ସ୍ଥାନ ଉଠି ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୨୩ ରହିଛି। ପୂର୍ବରୁ ଏହି ସ୍ଥାନରେ ଥିବା ୱେଷ୍ଟଇଣ୍ଡିଜର ଅକିଲ ହୋସେନ ଦ୍ୱିତୀୟକୁ ଏବଂ ଭାରତର ବରୁଣ ଚକ୍ରବର୍ତ୍ତୀ ତୃତୀୟକୁ ଖସିଛନ୍ତି।

ପାକିସ୍ତାନ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ଡଫି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ୫ଟି ମ୍ୟାଚ୍ ଖେଳି ମୋଟ ୧୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଡଫି ପ୍ରଥମ ଥର କୌଣସି ଫର୍ମାଟରେ ଏକ ନମ୍ବର ସ୍ଥାନ

ଅଧିକାର କରିଛନ୍ତି। ପୂର୍ବରୁ ୨୦୧୮ରେ ନ୍ୟୁଜିଲାଣ୍ଡ ସ୍ପିନର ଆଇସ୍ ସୋଧି ଟି-ଟ୍ୱେଣ୍ଟିରେ ଏକ ନମ୍ବର ସ୍ଥାନ ଦଖଲ କରିଥିଲେ।

ବ୍ୟାଟିଂ ମାନ୍ୟତା ତାଲିକାରେ ନ୍ୟୁଜିଲାଣ୍ଡର ଟିମ୍ ସାଇଫର୍ଟ ୫ଟି ସ୍ଥାନ ଉନ୍ନତି ଘଟାଇ ଅଷ୍ଟମରେ ରହିଛନ୍ତି। ସେହିପରି ଫିନ୍ ଆଲେନ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଓପନର ଟ୍ରେଭିସ୍ ହେଡ (୮୫୬), ଭାରତର ଅଭିଷେକ ଶର୍ମା (୮୨୯) ଓ ଇଂଲଣ୍ଡର ଫିଲ୍ ସଲ୍ଟ (୮୧୫) ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟ ବ୍ୟାଟର ତିଳକ ବର୍ମା ଚତୁର୍ଥ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ପଞ୍ଚମ ସ୍ଥାନ ସୁରକ୍ଷିତ ରହିଛି।

ଜାଡ଼େଜାଙ୍କ ଜର୍ସି ସହ ମଞ୍ଜରେକର୍

ନୂଆଦିଲ୍ଲୀ, ୪।୪: ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତଥା ପ୍ରତିଷ୍ଠିତ ଭାଷ୍ୟକାର ସଞ୍ଜୟ ମଞ୍ଜରେକର୍ ଏବଂ ଭାରତୀୟ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ପରସ୍ପରକୁ ଆଡ଼ ଆଖିରେ ଦେଖନ୍ତିନି। ୬ବର୍ଷ ତଳେ ଅର୍ଥାତ୍ ଇଂଲଣ୍ଡରେ ଖେଳାଯାଇଥିବା ୨୦୧୯ ମସିହା ଦିନିକିଆ ବିଶ୍ୱକପ୍ ଅବସରରେ ଜାଡ଼େଜାଙ୍କୁ ମଞ୍ଜରେକର୍ କାମଚଳା କ୍ରିକେଟର୍ କହି ବିବାଦର ସୂତ୍ରପାତ କରିଥିଲେ। ଜାଡ଼େଜା ମଧ୍ୟ ତାଙ୍କୁ ଉଚିତ ଜବାବ ଦେଇଥିଲେ। କହିଥିଲେ, ତଥାପି ମୁଁ ତୁମଠାରୁ ଦୁଇଗୁଣ ମ୍ୟାଚ୍ ଖେଳିଛି ଏବଂ ଆଗକୁ ଆହୁରି ଅନେକ ମ୍ୟାଚ୍ ଖେଳିବି। ଅନ୍ୟ ସଫଳ ଲୋକଙ୍କୁ ସମ୍ମାନ କରିବା ଶିଖ। ଏହା ପରେ ଉଭୟ ପରସ୍ପର ସହ କୌଣସି ସଂପର୍କ ରଖି ନଥିଲେ। ଏପରିକି ଏହି କାରଣରୁ ମଞ୍ଜରେକରଙ୍କୁ ବିସିସିଆଇ ଭାଷ୍ୟକାର ତାଲିକାରୁ ବାଦ୍ ଦେଇଥିଲା। ଭୁଲ୍ ମାଗିଲା ପରେ ଯାଇ ପୁଣି ଥରେ ସେ ଏହି ତାଲିକାକୁ ଫେରିଥିଲେ। ଏହି ଘଟଣାର ବହୁଦିନ ପରେ ଜାଡ଼େଜାଙ୍କ ୮ ନମ୍ବର ଜର୍ସି ସହ ଫଟୋ ଉଠାଇ ଏହାକୁ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରିଛନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ଥିବା ତିକ୍ତତା ଦୂର ହୋଇଥିବାର ଆଶା ସଂଚାର ହୋଇଛି। ଜାଡ଼େଜାଙ୍କ ଜର୍ସି ସହ ମଞ୍ଜରେକର୍ ପକାଇଥିବା ଫଟୋଟିକୁ କିନ୍ତୁ କ୍ରିକେଟପ୍ରେମୀ ବେଶ୍ ପସନ୍ଦ କରୁଛନ୍ତି।

ଜାତୀୟ ପୁରୁଷ ହକି ଆରମ୍ଭ

ଓଡ଼ିଶାର ଅଭିଯାନ ୮ରୁ

ନୂଆଦିଲ୍ଲୀ, ୪।୪: ଉତ୍ତରପ୍ରଦେଶର ଝାନ୍‌ସିସ୍ଥିତ ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମ୍‌ରେ ଆଜିଠୁ ଆରମ୍ଭ ହୋଇଯାଇଛି ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା। ଏହା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତା ଗତ ମାସରେ ଖେଳାଯାଇଥିବା ଜାତୀୟ ମହିଳା ପ୍ରତିଯୋଗିତା ଭଳି ସମାନ ଫର୍ମାଟ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତାରେ ମୋଟ ୩୦ ଦଳ ଅଂଶଗ୍ରହଣ କରୁଥିଲା ବେଳେ ଏମାନଙ୍କୁ ୩ଟି ଡିଭିଜନ୍ ଏ, ବି ଓ ସି'ରେ ବିଭକ୍ତ କରାଯାଇଛି। ଡିଭିଜନ-ଏ' ହେଉଛି ସର୍ବୋଚ୍ଚ ଡିଭିଜନ୍। ଏହି ଡିଭିଜନ୍‌ରେ ଥିବା ଦଳ ବିଜେତା ଟ୍ରଫି ଲଢ଼େଇ କରିବେ। ଡିଭିଜନ୍-ବି' ଓ ସି'ରେ ଥିବା ଦଳଗୁଡ଼ିକ ଆଗାମୀ ଋତୁରେ ଯଥାକ୍ରମେ ଡିଭିଜନ୍-ଏ' ଓ ବି'କୁ ଉନ୍ନୀତ ହେବାକୁ ଖେଳିବେ। ବି' ଓ ସି' ଡିଭିଜନ୍ ଶୁକ୍ରବାରଠୁ ଆରମ୍ଭ ହେବାକୁ ଥିଲା ବେଳେ ଏ' ଡିଭିଜନ ମ୍ୟାଚ୍ ୮ରୁ ଆରମ୍ଭ ହେବ। ଡିଭିଜନ୍-ଏ'ରେ ଗତ ସଂସ୍କରଣ ବିଜେତା ଓଡ଼ିଶା ଓ ଉପବିଜେତା ହରିୟାଣା ସହ ୧୨ ଦଳ ରହିଛନ୍ତି। ଏହି ୧୨ ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଓଡ଼ିଶା ପୁଲ୍-ଏ'ରେ ପଞ୍ଜାବ ଓ ମଧ୍ୟପ୍ରଦେଶ ସହ ରହିଛି। ପୁଲ୍-ବି'ରେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ, ପୁଲ୍-ସି'ରେ ଉତ୍ତରପ୍ରଦେଶ, ତାମିଲନାଡୁ, ବେଙ୍ଗଲ ଏବଂ ପୁଲ୍-ଡି'ରେ ମଣିପୁର, କର୍ଣ୍ଣାଟକ ଓ ପୁଡୁଚେରୀ ରହିଛନ୍ତି। ଓଡ଼ିଶା ୮ ତାରିଖରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପର ଦିନ ପଞ୍ଜାବ ବିପକ୍ଷରେ ଖେଳି ପୁଲ୍ ପର୍ଯ୍ୟାୟ ଶେଷ କରିବ। ୧୨ ତାରିଖରେ କ୍ୱାର୍ଟରଫାଇନାଲ୍ ଏବଂ ୧୩ରେ ସେମିଫାଇନାଲ୍ ଖେଳାଯିବ।

ବିଶ୍ୱ ବକ୍ସିଂ କପ୍

ସେମି ଫାଇନାଲ୍‌ରେ ମନୀଷ, ହିତେଶ, ଅବିନାଶ

ନୂଆଦିଲ୍ଲୀ,୪।୪: ବ୍ରାଜିଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍‌ରେ ଭାରତର ୩ଜଣ ବକ୍ସର ସେମି ଫାଇନାଲ୍‌ରେ ପ୍ରବେଶ କରି ପଦକ ପକ୍କା କରିଛନ୍ତି। ସେମାନେ ହେଲେ ମନୀଷ ରାଠୋର, ହିତେଶ ଓ ଅବିନାଶ ଜାମୱାଲ। ପୁରୁଷ ୫୫କିଲୋ ବର୍ଗ କ୍ୱାର୍ଟରରେ ମନୀଷ ଅଲିମ୍ପିଆନ୍ ଅଷ୍ଟ୍ରେଲିଆର ୟୁସୁଫ୍ ଚୋଥିଆଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ସେମି ଫାଇନାଲ୍‌ରେ ସେ କାଜାଖସ୍ତାନର ନୁରସୁଲତାନ ଅଲ୍ଜିନବେକ୍‌ଙ୍କୁ ସାମ୍ନା କରିବେ। ସେହିପରି ୬୫କିଲୋ ବର୍ଗ କ୍ୱାର୍ଟରରେ ଅବିନାଶ ଜର୍ମାନୀର ଡେନିସ୍ ବ୍ରିଲ୍‌ଙ୍କୁ ଏବଂ ୭୦କିଲୋ ବର୍ଗ କ୍ୱାର୍ଟରରେ ହିତେଶ ଇଟାଲୀର ଗାବ୍ରିଏଲ ଗୁଇଡି ରୋଣ୍ଟାନିଙ୍କୁ ହରାଇଥିଲେ। ସେମି ମୁକାବିଲାରେ ହିତେଶ ଫ୍ରାନ୍ସର ମାକନ ଟ୍ରାଓରେଙ୍କୁ

ଏବଂ ଅବିନାଶ ଇଟାଲୀର ଗିଆନଲୁଗି ମାଲାଙ୍ଗାଙ୍କୁ ଭେଟିବେ। ଚଳିତ ଟୁର୍ଣ୍ଣାମେଣ୍ଟରେ ୧୯ଟି ଦେଶରୁ ୧୩୦ଜଣ ବକ୍ସର ଭାଗ ନେଇଛନ୍ତି।

ମୁମ୍ବାଇ ବିପକ୍ଷ ମ୍ୟାଚ ପୂର୍ବରୁ ଫସିଲା ଏଲ୍‌ଏସଜି

ମୁମ୍ବାଇ,୪।୪: ଫଟାଫଟ୍ କ୍ରିକେଟ ମହାସମର ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ସିଜିନ ୧୮ ଜାରି ରହିଛି। ଦିନ ଗଡୁଛି ରୋମାଞ୍ଚ ବଢୁଛି। ଆଜି (ଶୁକ୍ରବାର) ଲକ୍ଷ୍ନୌ ସୁପରଜାଏଣ୍ଟସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏକ ମ୍ୟାଚ ଖେଳାଯିବ। ମୁମ୍ବାଇ ବିପକ୍ଷ ମ୍ୟାଚ ପୂର୍ବରୁ ଅଡୁଆରେ ପଡିଛି ଋଷବ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ। ପୋଷ୍ଟ ମ୍ୟାଚ ପରେ ପୁରସ୍କାର ବିତରଣ ସମାରୋହରେ କୌଣସି ଏଲଏସଜି ଅଧିକାରୀ ସାମିଲ ନ ହେବାକୁ ବିବାଦ ଦେଖା ଦେଇଛି। ରିପୋର୍ଟ ମୁତାବିକ, ପଞ୍ଜାବ ବିପକ୍ଷ ମ୍ୟାଚ ପରେ ଏଲଏସଜି ପ୍ରଜେଣ୍ଟେସନ ସେରିମୋନୀରେ ତାର କୌଣସି ଅଧିକାରୀଙ୍କୁ ପଠାଇନଥିଲା। ଘରୋଇ ଟିମ୍ ହିସାବରେ ଦଳର କୌଣସି ନା କୌଣସି ଅଧିକାରୀ ପୁରସ୍କାର ପ୍ରଦାନ ସମାରୋହରେ ଉପସ୍ଥିତ ରହିବା କଥା। ମ୍ୟାଚ ପରେ ପ୍ରାଞ୍ଚାଇଜ୍ ମାଲିକ ସଞ୍ଜୀବ ଗୋଏଙ୍କା ଏବଂ କିଛି ଅଧିକାରୀ ପଡ଼ିଆରେ ଉପସ୍ଥିତ ଥିଲେ। ମାତ୍ର କେହି ପ୍ରଜେଣ୍ଟେସନ ସେରିମୋନୀରେ ସାମିଲ ହୋଇନଥିଲେ। ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ ପୋଷ୍ଟ ମ୍ୟାଚ ପ୍ରେଜେଣ୍ଟେସନ ଲିଷ୍ଟରେ ସଞ୍ଜୀବ ଗୋଏଙ୍କାଙ୍କ ନାମ ଥିଲା। ମାତ୍ର ସେ ସାମିଲ ହୋଇନଥିଲା। ଅଭିଯୋଗ ନେଇ ଏଲଏସଜି କହିଛି ଏପରି କୌଣସି ବ୍ୟବସ୍ଥା ହୋଇନଥିଲା।

ଏଲଏସଜିର ପ୍ରଦର୍ଶନ: ଚଳିତ ଆଇପିଏଲ ସିଜନରେ ଏଯାବତ ଲକ୍ଷ୍ନୌ ସୁପରଜାଏଣ୍ଟସ ୩ଟି ମ୍ୟାଚ ଖେଳି ସାରିଛି। ଦୁଇଟି ମ୍ୟାଚରେ ପରାସ୍ତ ହୋଇଛି ଦଳ। ପ୍ରଥମ ମ୍ୟାଚ ଦିଲ୍ଲୀଠୁ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହାଇଦ୍ରାବାଦ ବିପକ୍ଷରେ ୫ ୱିକେଟରେ ବିଜୟ ହାସଲ କରିଥିଲା। ମାତ୍ର ତୃତୀୟ ମ୍ୟାଚରେ ପଞ୍ଜାବ ବିପକ୍ଷରେ ପରାସ୍ତ ହୋଇଥିଲା। ଆଜି (ଶୁକ୍ରବାର) ମୁମ୍ବାଇ ବିପକ୍ଷରେ ଖେଳିବ ଋଷବ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସୁପରଜାଏଣ୍ଟସ। ମୁମ୍ବାଇ ବିପକ୍ଷରେ ବିଜୟ ପାଇଁ ପ୍ରାଣପଣେ ଚେଷ୍ଟା କରିବ ଦଳ।

ଜାତୀୟ ଦୃଷ୍ଟିବାଧିତ ଚେସ୍: ସୌନ୍ଦର୍ଯ୍ୟଙ୍କୁ ରୋକିଲେ କିଶନ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): କଟକସ୍ଥିତ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍‌ସିଆଲ୍ ସ୍କୁଲ୍‌ଠାରେ ଚାଲିଥିବା ଅଷ୍ଟାଦଶ ଏଆଇସିଏଫ୍‌ବି ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡ ସୁଦ୍ଧା ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ (୩ ପଏଣ୍ଟ) ପଞ୍ଚମ ସ୍ଥାନରେ ରହିଛନ୍ତି। ପ୍ରଥମରୁ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଲଗାତାର ବିଜୟୀ ହୋଇଥିବା ସୌନ୍ଦର୍ଯ୍ୟ ଚତୁର୍ଥ ରାଉଣ୍ଡରେ କିନ୍ତୁ କର୍ଣ୍ଣାଟକର କିଶନ ଗାଙ୍ଗୁଲିଠୁ ହାରି ଯାଇଛନ୍ତି। ତାଙ୍କୁ ହରାଇ କିଶନ (୪)ଶୀର୍ଷରେ ରହିଛନ୍ତି। ତୃତୀୟ ରାଉଣ୍ଡରେ ସୌନ୍ଦର୍ଯ୍ୟ କର୍ଣ୍ଣାଟକର କ୍ରିଷନ ଉଡୁପାଙ୍କୁ ହରାଇଥିଲେ।

ସେହିଭଳି ପ୍ରଥମ ରାଉଣ୍ଡରେ ଦିଲ୍ଲୀର ଅରୁଣ କୁମାର ଏବଂ ଦ୍ୱିତୀୟରେ ତାମିଲନାଡୁର ଆର୍ ଗୋପୀଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ତୃତୀୟ ରାଉଣ୍ଡରେ ଗୁଜରାଟର ଦର୍ପଣ ଇନାନିଙ୍କଠୁ

ହାରିଥିବା ଓଡ଼ିଶାର ପ୍ରାବ୍ୟର୍ଯ୍ୟ କୁମାର ପ୍ରଧାନ (୩) ଚତୁର୍ଥ ରାଉଣ୍ଡରେ ହରିୟାଣାର ରାକେଶ ନରୱାଲ୍‌ଙ୍କୁ ହରାଇ ଦଶମ ସ୍ଥାନରେ ରହିଛନ୍ତି। ଅନ୍ୟ ଜଣେ ଓଡ଼ିଶା ଖେଳାଳି ଶୁଭେନ୍ଦୁ କୁମାର ପାତ୍ର (୨.୫) ବିଂଶତମ ସ୍ଥାନରେ ରହିଛନ୍ତି। କିଶନଙ୍କ ପଛକୁ ଗୁଜରାଟର ଦର୍ପଣ ଇନାନି, ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ ଓ ଦିଲ୍ଲୀର ସୋମେନ୍ଦର ବିଏଲ୍ ୩.୫ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥରେ ରହିଛନ୍ତି। ଗତକାଲି ଗୋଟି ଚାଳନା କରି ହକି ଅଲିମ୍ପିଆନ୍ ଲାଜରୁସ ବାର୍ଲା ପ୍ରଥମ ରାଉଣ୍ଡକୁ ଏବଂ ସାଇ ଇଣ୍ଟରନ୍ୟାସନାଲ୍‌ର ସିଇଓ ଅରବିନ୍ଦ ଦାସ ଦ୍ୱିତୀୟ ରାଉଣ୍ଡକୁ ଆରମ୍ଭ କରିଥିଲେ। ଆଜି ତୃତୀୟ ରାଉଣ୍ଡକୁ ଆଇଆର୍‌ଏସ୍ ଦିଲୀପ ରାଉତ ଏବଂ ଚତୁର୍ଥ ରାଉଣ୍ଡକୁ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଂଜନ ପଟ୍ଟନାୟକ ଆରମ୍ଭ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୫ ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୫୨ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତା ୬ ତାରିଖରେ ଉଦ୍‌ଯାପିତ ହେବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସବୁ...

ବିଜେଡି ସାଂସଦଙ୍କ ଉପରେ ନବୀନଙ୍କର ଆଉ କର୍ତ୍ତୃତ୍ୱ ନାହିଁ। ନେତା ଓ କର୍ମୀଙ୍କ ଆସ୍ଥା ହରାଇଲା ପରେ ସେ ଦଳର ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯିବ।

ୱାକଫ୍ ବିଲକୁ ବିରୋଧ ପାଇଁ ପାର୍ଟିର ସଂସଦୀୟ ଦଳ ବୈଠକରେ ନିଷ୍ପତ୍ତି ହୋଇଥିଲା। ଗତ ମାର୍ଚ୍ଚ ୨୯ରେ ବିଜେଡିର ଇଫତାର ପାର୍ଟିରେ ନିଜେ ଦଳ ସଭାପତି ନବୀନ ପଟ୍ଟନାୟକ ୱାକଫ୍ ବିଲକୁ ତାଙ୍କ ଦଳ ବିରୋଧ କରିବ ବୋଲି ମଧ୍ୟ କହିଥିଲେ। ତା'ର ଦୁଇ ଦିନ ପରେ ଅର୍ଥାତ୍ ଏପ୍ରିଲ୍ ୧ରେ ମଧ୍ୟ ବିଜେଡିର ରାଜ୍ୟସଭାରେ ସଂସଦୀୟ ଦଳ ନେତା ସସ୍ମିତ ପାତ୍ର ସେ କଥା ଦୋହରାଇଲେ। ଆଉ ୩ରେ ବିଲ୍ ଉପରେ ବିତର୍କ ବେଳେ ଜୋରଦାର ବିରୋଧ କରିଥିଲେ ସାଂସଦ ମୁନ୍ନା ଖାଁ। ହେଲେ ସେଦିନ ସନ୍ଧ୍ୟାରେ ପଉରା ଓଲଟାଇ ଦେଲା ସସ୍ମିତ୍ ପାତ୍ରଙ୍କ ସୋସିଆଲ୍ ମିଡିଆ ପୋଷ୍ଟ। ଯାହାକୁ ନେଇ ଚକିତ ହୋଇପଡ଼ିଛନ୍ତି ଦଳର ବହୁ ପୁରୁଖା ନେତା।

ବିଜେଡିରେ ପୂର୍ବରୁ କେବେ ଏଭଳି ନେତୃତ୍ୱ ବିରୋଧରେ ଖୋଲା ଅସନ୍ତୋଷ ଦେଖିବାକୁ ମିଳିନଥିଲା। ୨୪ ବର୍ଷ ଶାସନ କାଳରେ ନବୀନଙ୍କ ନିଷ୍ପତ୍ତି ହିଁ ତୃତ୍ତାନ୍ତ ଥିଲା। ନେତା କି କର୍ମୀ ପ୍ରଶ୍ନ ଉଠାଇବାକୁ ସାହସ ଜୁଟାଇପାରୁନଥିବା ବେଳେ ଏବେ ନେତାଙ୍କ ବିରୋଧରେ ମିଡିଆରେ ଅସନ୍ତୋଷ ବିଜେଡି ବିଭାଜନର ପୂର୍ବାଭାସ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି ରାଜନୈତିକ ସମୀକ୍ଷକ। ନିର୍ବାଚନ ହାରିଯିବା ପରେ ମଧ୍ୟ ପରଦା ପଛରେ ରହି ଭିକେ ପାଣ୍ଡିଆନ ଦଳର ସବୁ ନିଷ୍ପତ୍ତି ନେବା ବରିଷ୍ଠ ନେତାଙ୍କୁ ହଜମ ହେଉନି। କିଛି ବରିଷ୍ଠ ନେତା ଖୋଲାଖୋଲି ନହେଲେ ବି ପରୋକ୍ଷରେ କହିବା ଆରମ୍ଭ କଲେଣି ଯେ ପାଣ୍ଡିଆନ-କ୍ରୀତଦାସ ଯୋଡ଼ି ବିଜେଡିକୁ ବିଜେପି ହାତରେ ଟେକି ଦେବାକୁ ଚକ୍ରାନ୍ତ କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ବିଜୁବାବୁ ୧୯୯୫ରେ ହାରିଯିବା ପରେ ଜନତା ଦଳରେ ଏଭଳି ଦୋଷାରୋପ ଧାରା ଆରମ୍ଭ ହୋଇଯାଇଥିଲା। ଫଳରେ ବିଜୁବାବୁଙ୍କ ଦେହାନ୍ତ ପରେ ଆଉ ଜନତା ଦଳ ରହିଲା ନାହିଁ। ବରଂ ନବୀନବାବୁଙ୍କ ନେତୃତ୍ୱରେ ବିଜେଡି ଏକ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଲା। ଏବେ ଠିକ ସେହିଭଳି ଏକ ସ୍ଥିତି ଆସି ପହଞ୍ଚିଛି।

କ୍ୟାବିନେଟ୍‌ରେ...

ବିନିଯୋଗ ହେବାକୁ ଥିବା ବେଳେ ଝାରସୁଗୁଡା-ସାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଅର୍ଥାତ୍ ଉଭୟ ପ୍ରକଳ୍ପ ପାଇଁ ମୋଟ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ। ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପଗୁଡିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡା ଜିଲ୍ଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ। ଏହି ପ୍ରକଳ୍ପଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହ ଭିଡ଼ ହ୍ରାସ ଦିଗରେ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ମଲ୍ଟି ମୋଡାଲ୍ ସଂଯୋଗ ପାଇଁ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯିବ ।

ଭାରତ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିବା ସହ ଏହି କିମ୍ବଦନ୍ତୀ ତାରକାଙ୍କ ସହ ତାଙ୍କର ଏକ ଫଟୋ ସୋସିଆଲ୍ ମିଡିଆରେ ଶେୟାର୍ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଏପରି ଖବର ନିଶ୍ଚିତ ଭାବେ ହୃଦୟବିଦାରକ। ମନୋଜ କୁମାର ଜଣେ ଅଦ୍ୱିତୀୟ ଅଭିନେତା ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ବିଶେଷକରି ଦେଶପ୍ରେମ ଉପରେ ଚଳଚ୍ଚିତ୍ର ନିର୍ମାଣରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କ ପରି ଅଭିନେତା ନିଶ୍ଚିତ ଭାବେ ଯୁବପିଢ଼ି ପାଇଁ ଆଦର୍ଶ, ଏହା କହିବା ବାହୁଲ୍ୟ ମାତ୍ର ବୋଲି ପ୍ରଧାନମନ୍ତ୍ରୀ କହିବା ସହ ତାଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ମନୋଜଙ୍କ ପିଲାଦିନର ନାମ ଥିଲା ହରିକ୍ରିଷ୍ଣ ଗିରି ଗୋସ୍ୱାମୀ। ସେ ବର୍ତ୍ତମାନ ପାକିସ୍ତାନର ଖାଇବର୍‌ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଆବୋଟ୍ଟାବାଦରେ ଜନ୍ମଗ୍ରହଣ କରିଥିଲେ। ପ୍ରେମ ଭିତ୍ତିକ ଚଳଚ୍ଚିତ୍ର ନିର୍ମାଣ ସମ୍ପର୍କରେ ଥରେ କହିଥିଲେ ଯେ 'ଶହୀଦ'ରେ ସେ ଅଭିନୟ କରିବା ସହ ନିର୍ଦ୍ଦେଶକ ଭୂମିକା ବି ତୁଲାଇଥିଲେ। କିନ୍ତୁ ଏହା ଅନଅଫିସିଆଲ୍ ଥିଲା। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ଜୟ ଜବାନ୍ ଜୟ କିଶାନ୍ ନାରା ଦେଇଥିଲେ। ଏଥିରେ ଉଦ୍‌ବୁଦ୍ଧ ହୋଇ ସେ 'ଉପକାର' ଚଳଚ୍ଚିତ୍ର ନିର୍ମାଣ କରିଥିଲେ ବୋଲି ମନୋଜ କୁମାର ଏକ ସାକ୍ଷାତକାରରେ କରିଥିଲେ। ଏଥିସହ ବଲିଉଡ୍‌ରେ ତାଙ୍କ ପରି ଦେଶପ୍ରେମ ସମ୍ବଳିତ ଚଳଚ୍ଚିତ୍ରରେ ଅଭିନୟ କରୁଥିବା କଳାକାର ଅକ୍ଷୟ କୁମାର ବୋଲି ମନୋଜ କୁମାର କହିଥିଲେ। ସେହିପରି ତାଙ୍କୁ 'ଭାରତ କୁମାର' ନାମ ଦେଇଥିବା ଦେଶବାସୀଙ୍କ ପ୍ରତି ସେ କୃତଜ୍ଞତା ଜ୍ଞାପନ କରିଥିଲେ। ତାଙ୍କୁ ଏପରି ନାମ ଦେଇ ଦେଶବାସୀ ତାଙ୍କ ଉପରେ ଭରସା ପ୍ରକଟ କରିଛନ୍ତି, ତାକୁ ସାକାର କରିବା ସକାଶେ ସେ ଉଭୟ ପେସାଦାର ଓ ବ୍ୟକ୍ତିଗତ ଜୀବନରେ ସବୁବେଳେ ଉଦ୍ୟମ କରିଆସିଥିବା ମନୋଜ କୁମାର ଉକ୍ତ ସାକ୍ଷାତକାରରେ କହିଥିଲେ। ମନୋଜ କୁମାର ୧୯୫୭ରେ 'ଫେଶନ୍' ମାଧ୍ୟମରେ ବଲଉଡ୍‌ରେ ଏଣ୍ଟ୍ରି କରିଥିଲେ ମଧ୍ୟ ୧୯୬୧ରେ '

ଅଗ୍ନିବିପନ୍ନ ପରିବାରଙ୍କୁ ବିଧାୟକଙ୍କ ସହାୟତା

ମାହାଙ୍ଗା, ୪।୪ (ସଂଚାର ବ୍ୟୁରୋ) : ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଂଚାୟତ ଅନ୍ତର୍ଗତ ଆପିଲୋ ଗ୍ରାମରେ ଗତ ସୋମବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ରାମଚନ୍ଦ୍ର ସେଠାଙ୍କ ୨ବଖରା ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯିବା ଫଳରେ ରାମଚନ୍ଦ୍ରଙ୍କ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଥିଲା। ଏହି ଘଟଣାର ଖବର ପାଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଅଗ୍ନୀବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଥିବା ବେଳେ ମାହାଙ୍ଗା ତହସିଲ ପ୍ରଶାସନକୁ ତୁରନ୍ତ ସମସ୍ତ ସରକାରୀ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପର ପକ୍ଷରେ ବିଧାୟକଙ୍କ ଶ୍ରୀଯୁକ୍ତ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ କଟକଜିଲ୍ଲା ମହିଳା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଗୋତରା ପଂଚାୟତ ବିଧାୟକଙ୍କ ସହଯୋଗୀ ପ୍ରକାଶ ନାୟକ,ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଜଗନ୍ନାଥ ଦାସ, ରଂଜନ କୁମାର ବେହୁରା, ନଙ୍କୁ ପ୍ରଧାନ, ଚିତ୍ତରଂଜନ ଲେଙ୍କା, ପ୍ରଶାନ୍ତ କୁମାର ମଲ୍ଲ, ପ୍ରମୁଖ ଆପିଲେ ଠାରେ ପହଂଚି ଅଗ୍ନିବିପନ ପରିବାରକୁ ସହା ସହାୟତା ପ୍ରଦାନ କରିଥିଲେ ଏହା ସହିତ ତୁରନ୍ତ ଏକ ପକ୍କାଗୃହ ଯୋଗାଇଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା କଥା ବିଧାୟକଙ୍କ ସହଯୋଗୀମାନେ ପ୍ରକାଶ କରିଛନ୍ତି।

ବକ୍ତଳାରେ ଅଘଟଣ

ବାଳକର ସନ୍ଦେହଜନକ ମୃତ୍ୟୁ

ମାହାଙ୍ଗା, ୪।୪ (ସଂଚାର ବ୍ୟୁରୋ) : ଆଜି ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମପଂଚାୟତ ବକ୍ତଳା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ବାଳକର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । ଗୋପାଳପୁର ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ଉପେନ୍ଦ୍ରନାଥ ସାମଲଙ୍କର ପୁତ୍ର ଶୁଭମ ସାମଲ(୧୫)ଙ୍କର ମୃତ୍ୟୁ ହୋଇଛି । ଶୁଭମ ନିସ୍ଥିକ୍ତକୋଇଲି ବ୍ଲକ କଟିକଟାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରୁଥିଲା ବେଳେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ତାଙ୍କ ମୃତକୁ ନେଇ ଲୋକେ ନାନା କଥା କହୁଥିବା ବେଳେ ଶୁଭମର ପୂର୍ବରୁ ହୃଦୟ ଜନିତ ରୋଗ ଥିବା କଥା ପରିବାର ବର୍ଗଙ୍କ ପକ୍ଷରୁ କୁହାଯାଉଛି। ଆଜି ମଧ୍ୟାହ୍ନ ସମୟରେ ଘରେ ଖଟଉପରେ ବସି ମୋବାଇଲ ଦେଖୁଥିଲା ବେଳେ ତଳେ ଖଟ ଉପରୁ ହଠାତ ପଡି ଯାଇଥିଲେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଧାର କରି ନିସ୍ଥିକ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏସମ୍ପର୍କରେ ତାଙ୍କର ଭଉଣୀ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରିଥିବା କଥା ଆଇଆଇସି ସଂଧ୍ୟାରାଣୀ ସିଂଙ୍କ ସୂତ୍ରରୁ ପ୍ରକାଶ। ଭଦ୍ରେଶ୍ୱର ଥାନା ପୋଲିସ୍ ଅଭିଯୋଗକୁ ଭିତିକରି ସବକୁ ଜବତ୍ କରି ବ୍ୟବଚ୍ଛଦ ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନନ୍ତରିତ କରିଛି ।

ରାହୁଲଙ୍କୁ ଜାତୀୟ ଯୁବ ପୁରସ୍କାର

କାକଟପୁର/ଅସ୍ତରଙ୍ଗ, ୪।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ୨୦୨୦ମସିହାରୁ ପରିବେଶ ପାଇଁ ଅହରହ ଚେଷ୍ଟା ଜାରି ରଖିଥିବା ରାହୁଲ ମହାରଣାଙ୍କୁ ଜାତୀୟ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଉପକୂଳ ଓଡିଶାର ପରିବେଶ ସୁରକ୍ଷା, ପ୍ଲାଷ୍ଟିକି ବର୍ଜ୍ୟ ସଫେଇ, ହେନ୍ତାଳବଣର ପୁନଃଉଦ୍ଧାର, ଜୈବବିବିଧତାର ସଂରକ୍ଷଣ ଓ ସଚେତନତା ଜାଗରଣ ଦିଗରେ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିବାରୁ ଓଡିଶାର ଯୁବ ସ୍ୱେଚ୍ଛାସେବୀ ରାହୁଲ ମହାରଣାଙ୍କୁ ଗୁରୁବାର ଜାତୀୟ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗୁରୁବାର କେନ୍ଦ୍ର ସରକାରଙ୍କ କ୍ରୀଡା, ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବିୟ ଏହା ପ୍ରଦାନ କରିଛନ୍ତି। ୨୦୨୧-୨୨ ଏବଂ ୨୦୨୨-୨୩ବର୍ଷ ପାଇଁ ସାରା ଦେଶରୁ ମୋଟ ୨୩ବ୍ୟକ୍ତି ଓ ଗୋଟିଏ ଅନୁଷ୍ଠାନ ଏହା ପାଇଥିବା ବେଳେ ରାହୁଲ ଏକମାତ୍ର ଓଡ଼ିଆ ଭାବେ ଏହି ସଂଜ୍ଞାନ ଗ୍ରହଣ କରିଛନ୍ତି। ପୁରସ୍କାର ବାବଦକୁ ରାହୁଲଙ୍କୁ ଅର୍ଥରାଶି, ପଦକ ଓ ଫଳକ ପ୍ରଦାନ କରାଯାଇଛି। ୨୫ବର୍ଷୀୟ ରାହୁଲ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଆମ୍ବଡିହ ଗ୍ରାମ କିଶୋର ମହାରଣାଙ୍କ ପୁଅ। ଓଡିଶାରୁ ରାହୁଲ ଜାତୀୟ ଯୁବ ପୁରସ୍କାର ପାଇଥିବାରୁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାହୁଲଙ୍କୁ ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟ, ୨ ବର୍ଷ ତଳେ ରାହୁଲଙ୍କ ସାମାଜିକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନକୀ ବାତ କାର୍ଯ୍ୟକ୍ରମ ରେ ଉଚ୍ଚ ପ୍ରଶଂସା କରିଥିଲେ। ସାଧାରଣତନ୍ତ୍ର ଦିବସରେ ବି ସ୍ୱତନ୍ତ୍ର ଅତିଥି ଭାବେ ଅଂଶଗ୍ରହଣ କରିଥିଲେ।

ସ୍ଥଗିତ ହେଲା ଅନାସ୍ଥା ଭୋଟ୍, କାମ ଦେଲାନି ଅଜ୍ଞାତବାସ

ଅଧକ୍ଷାଙ୍କୁ ଗାଦିଚ୍ୟୁତ ପାଇଁ ବାନ୍ଧିଥିଲେ ମେଳି | ୯ ଜଣ ସଦସ୍ୟ ଦର୍ଶାଇଲେ ସ୍ୱାସ୍ଥ୍ୟଗତ ସମସ୍ୟା

ମହାକାଳପଡ଼ା, ୪।୪ (ସଂଚାର ବ୍ୟୁରୋ): ଶନିବାର ମହାକାଳପଡ଼ା ବ୍ଲକ ପରିସରରେ ଅଧକ୍ଷା କଲ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଗ୍ରହଣ ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିଲା। ବ୍ଲକ୍ ପରିସରକୁ କଡ଼ା ସୁରକ୍ଷା ବଳୟରେ ରଖାଯିବା ସହିତ କୋଣସି ଅପ୍ରିତିକର ପରିସ୍ଥିତି ଯେପରି ସୃଷ୍ଟି ନହେବ ସେଥିପାଇଁ ମଧ୍ୟ କଡ଼ା ପଦକ୍ଷେପ ଗ୍ରହଣ କରିଥିଲା ପ୍ରଶାସନ। ଦିନ ୧୧ ଘଟିକା ସମୟରେ ଭୋଟ୍ ଗ୍ରହଣ ହୋଇଥାଆନ୍ତା ହେଲେ ପୂର୍ବଦିନ ଅର୍ଥାତ ଶୁକ୍ରବାର ଅନାସ୍ଥା ଭୋଟ୍‌କୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଉପଜିଲ୍ଲାପାଳ ପଞ୍ଚାୟତ ସମିତିର ସମସ୍ତ ସଭ୍ୟ ସରପଞ୍ଚଙ୍କୁ ଚିଠି କରିବା ଘଟଣା ଏବେ ସଭ୍ୟ ସରପଞ୍ଚମାନଙ୍କୁ ଯେତିକି ଚକିତ କରିଛି ତାହାଠୁ ଅଧିକ ଆଶ୍ଚର୍ଯ୍ୟ କରିଛି କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ।

କେନ୍ଦ୍ରାପଡା ଉପଜିଲ୍ଲାପାଳ କରିଥିବା ଚିଠି ନମ୍ବର ୪୨୭୬ ରେ ୯ ଜଣ ସଭ୍ୟ/ସଭ୍ୟା ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଉକ୍ତ ଦିନ ଅନୁପସ୍ଥିତ ରହିବା ଓ ଅନାସ୍ଥା ଭୋଟ୍‌କୁ ସ୍ଥଗିତ ରଖିବାକୁ ନିବେଦନ କରିଥିବା ଦର୍ଶାଇଛନ୍ତି। ତେଣୁ ଏସମ୍ପର୍କରେ ମହାକାଳପଡ଼ା ବିଡ଼ିଓ ଓ ତହସିଲଦାରଙ୍କୁ ମଧ୍ୟ ଚିଠି କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇ ଦିଆଯାଇଛି। ଏମିତି ଖବର ଏବେ ସାରା ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ମହାକାଳପଡ଼ା ବ୍ଲକ ଅଧକ୍ଷା କଲ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ଖୋଦ୍ ଶାସକ ଦଳର ସମର୍ଥିତ ୪୧ ସଭ୍ୟ ଓ ସରପଞ୍ଚ। ୩୮ ଜଣ ଦସ୍ତଖତ ଯାଞ୍ଚ୍ ପ୍ରକ୍ରିୟାରେ ଉପସ୍ଥିତ ଥିଲେ। ଆଜି ଭୋଟ୍ ଗ୍ରହଣ ହୋଇଥାଆନ୍ତା। ହେଲେ ଗୋଟିଏ ଦିନ ପୂର୍ବରୁ ହଠାତ୍ ୯ ଜଣ ସଭ୍ୟ/ସଭ୍ୟାଙ୍କ ଅସୁସ୍ଥ ହେବା ଓ ଅନାସ୍ଥା ଭୋଟ୍‌କୁ ସ୍ଥଗିତ ପାଇଁ ଉପଜିଲ୍ଲାପାଳଙ୍କୁ ଆବେଦନ କରିବା ରାଜନୈତିକ ପାଣିପାଗକୁ ଗୋଳିଆ କରିଛି। ଦସ୍ତଖତ ଯାଞ୍ଚ୍ ପ୍ରକ୍ରିୟା ପରେ ଉଭୟ ଶାସକ ଓ ବିରୋଧି ସେମାନଙ୍କ ସମର୍ଥିତ ସଭ୍ୟ ସରପଞ୍ଚଙ୍କୁ ନିଜ ନିଜ ହେପାଜତରେ ବାହାରକୁ ନେଇଥିଲେ। ଉଭୟ ଦଳ ତରଫରୁ ଅଧକ୍ଷା ପଦ ହାତେଇବାକୁ ଗୋଟି ଚାଳନା ଜୋରଦାର ହୋଇଥିଲା। ଶାସକଦଳକୁ ୪୪ ଜଣଙ୍କ ସମର୍ଥନ ଆବଶ୍ୟକ ହେଉଥିଲା ବେଳେ ବିପକ୍ଷ ଦଳକୁ ୨୨ ଜଣ ସଦସ୍ୟ ଆବଶ୍ୟକ ପଡୁଥିଲେ। ସେଥିମଧ୍ୟରୁ ବିଜେପି ପକ୍ଷରୁ ୪୧ ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିଲେ। ହେଲେ ଆଜି ଏମିତି କ'ଣ ଘଟିଲା ଯେ ୯ ଜଣଙ୍କ ସ୍ୱାସ୍ଥ୍ୟ ପୁରା ବିଗିଡିଗଲା। ଯେଉଁମାନେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇଛନ୍ତି ସେମାନେ କେଉଁ ଦଳର ସମର୍ଥିତ ବୋଲି ପ୍ରଶ୍ନ ଉଠୁଛି। ବହୁତ ବର୍ଷର ବ୍ୟବଧାନ ପରେ ମହାକାଳପଡ଼ାରେ ନେତୃତ୍ୱ ବଦଳିଥିଲା। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ବହୁ ବ୍ୟବଧାନରେ ହରାଇ ବିଧାୟକ ହୋଇଥିଲେ ଦୁର୍ଗା ପ୍ରସନ୍ନ ନାୟକ। ବିଜଦ ସମର୍ଥିତ ଅନେକ ସଭ୍ୟ ସରପଞ୍ଚ ଅତନୁଙ୍କ ଗୋଠ ଛାଡ଼ି ଦୁର୍ଗାଙ୍କ ଶିବିରରେ ସାମିଲ ହୋଇଥିଲେ। ଏହି ସୁବିଧାରେ ମହାକାଳପଡ଼ା ବ୍ଲକ ଅଧକ୍ଷା ବଦଳାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲା ଶାସକ ଦଳ।

ବାପଘରେ ମା'ବୁଢ଼ୀ ଠାକୁରାଣୀ

ଦର୍ଶନ ପାଇଁ ଛୁଟୁଛି ଭକ୍ତଙ୍କ ସୁଅ

ବ୍ରହ୍ମପୁର, ୪।୪ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ବ୍ରହ୍ମପୁରର ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଯାଇଛି। ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା' ସାନ୍ତାଣୀ। ଗୁରୁବାର ମଧରାତ୍ରରେ ମା'ଙ୍କ ବାପା ତଥା ଯାତ୍ରାର ମୁଖ୍ୟ ପରିଚାଳକଙ୍କ ସମେତ ଶତାଧିକ ସହରବାସୀ ବିରାଟ ପଟୁଆରରେ ମା'ଙ୍କ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ମାଁଙ୍କ ମସ୍ତକରୁ ଆଜ୍ଞାମାଳ ଚାଙ୍ଗୁଡ଼ିରେ ପଡ଼ିଥିଲା। ଏହାପରେ ମା'ଙ୍କ ଆଜ୍ଞାମାଳ ଥିବା ଚାଙ୍ଗୁଡ଼ିକୁ ଆଣି ଅସ୍ଥାୟୀ ପୀଠରେ ସ୍ଥାପନ କରାଯିବା ପରେ ଆରମ୍ଭ ହୋଇଥିଲା ମାଁଙ୍କ ଯାତ୍ରା। ଶୁକ୍ରବାର ବଡ଼ି ଭୋରୁ ଦେଶୀ ବେହେରା ସ୍ଥିତ ଅସ୍ଥାୟୀ ମଣ୍ଡପରେ ବିରାଜମାନ କରିଛନ୍ତି ମା'। ଏବେ ବାପ ଘରେ ୨୬ ଦିନ ରହି ମା' ପୂଜା ପାଇବେ। ଏହି ଅବସରରେ ଶୁକ୍ରବାର ସକାଳୁ ସକାଳୁ ଅସ୍ଥାୟୀ ମଣ୍ଡପକୁ ବ୍ରହ୍ମପୁର ସହରର ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରୀତିନୀତି ପରମ୍ପରା ଅନୁସାରେ ମା ବାପ ଘରେ ପୂଜା ପାଉଛନ୍ତି। ଅନ୍ୟପଟେ ଯାତ୍ରାଞ୍ଚଳ ସମେତ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶ୍ରୀରାମ ନବମୀ ଯାତ୍ରା ପାଇଁ ଅନ୍ତିମ ପ୍ରସ୍ତୁତି ବୈଠକ

ନିସ୍ଥିକ୍ତକୋଇଲି, ୪।୪ (ସଂଚାର ବ୍ୟୁରୋ) : କଟକ ଜିଲ୍ଲା ନିସ୍ଥିକ୍ତକୋଇଲି ବ୍ଲକ କେଣ୍ଡାଳୋ ପଞ୍ଚାୟତ ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀୟୁ ବିଜେ ମଲ୍ଲାପୁର ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା ପାଇଁ ଯାତ୍ରା କମିଟିର ଶେଷ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କେଣ୍ଡାଳୋ, ଅସୁରେଶ୍ୱର ସୁକରପଡା, କଟିକଟା ଆଖପାଖ ଚାରୋଟି ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଗ୍ରାମବାସୀ ଓ ବିଭିନ୍ନ ବିଭାଗର ଅଧିକାରୀ, ଲୋକ ପ୍ରତିନିଧି, ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆଗାମୀ ଶ୍ରୀରାମ ନବମୀ ଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ଆଲୋଚନା କରିଥିଲେ। ଏପରିକି ଶ୍ରୀରାମ ନବମୀ ଯାତ୍ରା ସମୟରେ କିପରି ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ଶ୍ରୀ ଜିଉଙ୍କୁ ଦର୍ଶନ ସହ ଭୋଗ ଲାଗି କରିବେ, ସୁରକ୍ଷିତ ଭାବେ ମାନସିକ ବାଣ ଫୁଟାଇବେ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ସ୍ୱେଚ୍ଛାକୃତ ସହଯୋଗ କରିବାକୁ ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ନିବେଦନ କରିଥିଲେ। ଶେଷରେ ଯାତ୍ରା ପରିଚାଳନା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ଶିରିଡି ସାଇ ବାବାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

କୋଣାର୍କ, ୪।୪ (ସଂଚାର ବ୍ୟୁରୋ): କୋଣାର୍କ ଲାବନ୍ୟଲଜ ଛକ ଠାରେ ଥିବା ଶିରିଡି ସାଇନାଥଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ଶ୍ରୀ ଶ୍ରୀ ଶିରିଡି ସାଇ ସଂସ୍ଥାନ ଟ୍ରଷ୍ଟ ଆନୁକୁଲ୍ୟରେ ଗୁରୁବାର ଶିରିଡି ସାଇନାଥଙ୍କ ମନ୍ଦିର ଠାରେ ନୂତନ ବିଗ୍ରହ ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା ଧାର୍ମିକ ରୀତିନୀତି ଓ ସଂପାଦିତ ହୋଇଥିଲା। ସମୟରେ ଶିରିଡି ଠାରେ ନୂତନ ବିଗ୍ରହ ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରତିଷ୍ଠିତ ହୋଇଥିଲା। ପରିସରରେ ହୋମ ହେବା ସହିତ ପୂର୍ଣ୍ଣାହୁତି କାର୍ଯ୍ୟ ଧାର୍ମିକ ରୀତିନୀତି ଅନୁଯାୟୀ ସଂପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଶିରିଡି ସାଇନାଥଙ୍କ ନିକଟରେ ଦୀପ ଜଳାଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ।

ବାସନ୍ତିକ ମହାସପ୍ତମୀରେ

ମା' ମଙ୍ଗଳାଙ୍କ ସିଂହବାହିନୀ ବେଶ

କାକଟପୁର/ଅସ୍ତରଙ୍ଗ, ୪।୪ (ସଂଚାର ବ୍ୟୁରୋ): ଶାରଦୀୟ ନବରାତ୍ରି ପରି ବାସନ୍ତିକ ନବରାତ୍ରି ମଧ୍ୟ ଦେବୀ ଦୁର୍ଗାଙ୍କ ପୂଜାର ପ୍ରକୃଷ୍ଟ ସମୟ। ଶାରଦୀୟ ନବରାତ୍ରି ଆଶ୍ୱିନ ଶୁକ୍ଳ ପ୍ରତିପଦରୁ ନବମୀ ପର୍ଯ୍ୟନ୍ତ ପାଳିତ ହେଉଥିବା ବେଳେ, ବାସନ୍ତିକ ନବରାତ୍ରି ଚୈତ୍ର ଶୁକ୍ଳ ପ୍ରତିପଦରୁ ନବମୀ ପର୍ଯ୍ୟନ୍ତ ପାଳିତ ହୋଇଥାଏ। କିନ୍ତୁ ବାସନ୍ତିକ ଦୁର୍ଗାପୂଜା ହେଉଛି, ପ୍ରଥମ ଦୁର୍ଗାପୂଜା। ସୁରଥ ରାଜା ଓ ସମାଧି ବୈଶ୍ୟ ଚୈତ୍ର ମାସରେ, ବସନ୍ତ କାଳରେ ସେହି ଦୁର୍ଗା ପୂଜା କରିଥିବା ଜଣାଯାଏ। ବାସନ୍ତିକ ମହାସପ୍ତମୀ ଅବସରରେ ପୁରୀ ଜିଲ୍ଲା କାକଟପୁର ଅଧିତାଷ୍ଟି ଦେବୀ ମା ମଙ୍ଗଳା ଙ୍କ ପୀଠରେ ଗୁରୁବାର ରାତ୍ର ୪ଘ ୩୦ମିନିଟ ରେ ମା ଙ୍କ ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ସକାଳ ଧୂପ, ଦ୍ୱିପହର ଧୂପ, ସନ୍ଧ୍ୟାଧୂପ ପରେ ସନ୍ଧ୍ୟା ୭ଘଟିକାରେ ପରେ ସ୍ୱତନ୍ତ୍ର ନୀତିକାନ୍ତି ପରେ ମା ମଙ୍ଗଳା ଙ୍କ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ସୁନ୍ଦର ବେଶକୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

'ଓଡ଼ିଆରେ ନାମଫଳକ ଅଭିଯାନ'

ନବରଙ୍ଗପୁର, ୪।୪ (ସଂଚାର ବ୍ୟୁରୋ) : ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ତରଫରୁ "ଓଡିଆ ପକ୍ଷ ପାଳନ" ଅବସରରେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କ ପୌରହିତରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମାନ୍, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ପତାକା ଦେଖାଇ ସଚେତନ ରଥକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ କୁବେର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା କଲ୍ୟାଣ ଅଧିକାରୀ ରବୀନ୍ଦ୍ର ପାଲାକାଙ୍କ ସହିତ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଅବସର ପ୍ରାପ୍ତ ସହକାରୀ ଶ୍ରମ ଅଧିକାରୀପଦ୍ମ ଚରଣ ପଣ୍ଡା, ସମସ୍ତ ସହକାରି ଶ୍ରମ ଅଧିକାରୀ, ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଟ୍ରେଡ୍ ୟୁନିଅନ କର୍ମକର୍ତ୍ତା, ଚାମ୍ବରସ ଅଫ କମର୍ସର ସଂପାଦକ, ମେମ୍ବର ଓ ନିର୍ମାଣଶ୍ରମିକ, ଗଣମାଧମର ପ୍ରତିନିଧି ସହ ନବରଙ୍ଗପୁର ସହର ପରିକ୍ରମା କରିଥିଲେ।

ହାଇସ୍କୁଲରେ ଆରମ୍ଭ ହେଲା ମଧ୍ୟାହ୍ନଭୋଜନ

ପିଅନ କାଟିଲେ ପରିବା, ଶିକ୍ଷକ କଲେ ରୋଷେଇ

କାକଟପୁର/ଅସ୍ତରଙ୍ଗ, ୪।୪ (ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ହାଇସ୍କୁଲ ଛାତ୍ର ଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇଛି। ପୂର୍ବ

ବିଏମ୍‌ସି ଆଣିଲା ନୂଆ ନିୟମ

ସୋସିଆଲ ମିଡିଆରେ ଛଡ଼ାଯିବ ହୋଲ୍ଡିଂ ଟ୍ୟାକ୍ସ ଖିଲାପୀଙ୍କ ତାଲିକା

ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): ହୋଲ୍ଡିଂ ଟିକସ ବକେୟା ରଖିଥିଲେ ଏଣିକି ବାଜିବ ବିଏମ୍‌ସି ଛାଟ । ପ୍ରତି ୩ ମାସରେ ସୋସିଆଲ ମିଡିଆରେ ଖିଲାପୀଙ୍କ ତାଲିକା ଛଡ଼ାଯିବ । ଏପରି କଡା ଆଭିମୁଖ୍ୟ ଗ୍ରହଣ କରିଛି ବିଏମ୍‌ସି।

ବର୍ଷ ବର୍ଷ ଧରି ବିଏମ୍‌ସି ଏକାଧିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ଟିକସ ପୈଠ କରୁନଥିଲେ । ଏପରି କି କିଛି ବଡ ଅନୁଷ୍ଠାନ ହୋଲ୍ଡିଂ ଟ୍ୟାକ୍ସ ବାକି ରଖିଥିଲେ। ବକେୟା ଗଡ଼ିବା ଫଳରେ ବିଏମ୍‌ସି ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନାହିଁ । ଖାଲି ହୋଲ୍ଡିଂ ଟ୍ୟାକ୍ସ ନୁହେଁ, ବିଜ୍ଞାପନ, ପାର୍କିଂ ଏବଂ ଅନ୍ୟାନ ଟ୍ୟାକ୍ସ ବି ସଠିକ ଭାବରେ ଆଦାୟ ହୋଇ ପାରୁନି । ବିଏମ୍‌ସି ପକ୍ଷରୁ ଚଳିତ ବର୍ଷ ମୋଟ୍ ୨୩୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ପ୍ରଥମ ଥର ପାଇଁ ବିଏମ୍‌ସି ୧୦୦ କୋଟି ହୋଲ୍ଡିଂ ଟ୍ୟାକ୍ସ ଛୁଇଁଛି। ଦକ୍ଷିଣ-ପୂର୍ବ ଜୋନକୁ ୩୭.୯୮କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ଟାର୍ଗେଟ ଦିଆଯାଇଥିଲା। ହେଲେ ଆଦାୟ ହୋଇଛି ୩୦ କୋଟି। ଟାର୍ଗେଟର ୬୪ ପ୍ରତିଶତ ଆଦାୟ କରିଛି ଜୋନ୍ । ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍ ୩୭.୯୮ କୋଟି ଟାର୍ଗେଟ ଥିବା ବେଳେ ଆଦାୟ ହୋଇଛି ମାତ୍ର ୨୭ କୋଟି । ଉତ୍ତର ଜୋରେ ୪୯.୪୬ କୋଟି ଟାର୍ଗେଟରୁ ମାତ୍ର ୩୨ କୋଟି ଟଙ୍କା ଆଦାୟ ହୋଇଛି ।

କ୍ୟାପିଟାଲ ହସ୍ପିଟାଲରୁ ଏସ୍‌ସିବିକୁ ୪୦ 'ଆମ ବସ୍'

ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): 'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍ । ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକ ଏସ୍‌ସିବି ମେଡିକାଲ ଯିବା ପାଇଁ ସରକାର ଗଡାଇବେ ଇ-ବସ୍। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆ ରୁଟ୍ । ଏହା ଦ୍ୱାରା ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର । ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ମଧ୍ୟ ଇ-ବସ୍ ଚାଲିବ । ଗତକାଲି ଭୁବନେଶ୍ୱର ଗାଢ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ ଇ-ବସର ଉଦଘାଟନ କରିଛନ୍ତି । ଏନେଇ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡିଶାକୁ ୪୦୦ ଇ-ବସ୍ ଯୋଗାଇବେ । ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ ।

ଶ୍ରୀମନ୍ଦିର ସେବାୟତଙ୍କୁ ଶୃଙ୍ଖଳା ପ୍ରଶିକ୍ଷଣ

ପୁରୀ,୪।୪ (ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ଦୈନନ୍ଦିନ ସେବାକୁ ଆହୁରି ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ଶୁକ୍ରବାର ସେବାୟତମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଶିବିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକମାନଙ୍କୁ ଉତ୍ତମ ଆଚରଣ ଏବଂ ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଶିବର ୪ ଏବଂ ୫ ତାରିଖ ଦୁଇ ଦିନ ଧରି ଚାଲିବ। ଜିଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଶିବିର ଆରମ୍ଭ ହୋଇଛି।ସୂଚନା ଯୋଗ୍ୟ, ଶିବିରରେ ପ୍ରଶିକ୍ଷଣ ନେବା ନେଇ ସେବକମାନେ ନିଜ ନାମ ପଞ୍ଜୀକରଣ କରିଥିଲେ। ଏଥିରେ ପଞ୍ଜୀକୃତ ସମସ୍ତ ସେବାୟତଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଆମ୍ବୁଲାନ୍ସରେ ଫାଟିଲା ଅକ୍ସିଜେନ ସିଲିଣ୍ଡର, ବାପା ସମେତ ୩ ଗୁରୁତର

ଟିଟିଲାଗଡ,୪।୪ (ସଂଚାର ବ୍ୟୁରୋ) : ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ହସ୍ପିଟାଲ ସମ୍ମୁଖରେ ଥିବା ଏକ ଆମ୍ବୁଲାନ୍ସ ଭିତରେ ହଠାତ ବିସ୍ଫୋରଣ ହେବା ଫଳରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ କାହିଁକି ଓ କ'ଣ ପାଇଁ ହେଲା ବିସ୍ଫୋରଣ ଘଟିଛି, ସେନେଇ କିଛି ଜଣାପଡ଼ିନଥିବା ବେଳେ ଘଟଣାର ତଦନ୍ତ କରୁଛି ଟିଟିଲାଗଡ ପୁଲିସ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଘଟଣା ଘଟିଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ମିଳିଥିବା ସୂଚନାନୁସାରେ, ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ହସ୍ପିଟାଲର ମାତୃ ଓ ଶିଶୁ ହସ୍ପିଟାଲରେ ମୁରିବାହାଲ ବ୍ଲକ ମାଲେଶିରା ପଞ୍ଚାୟତର ରୁଷବ ଜାନି ତାଙ୍କ ଗର୍ଭବତୀ ପତ୍ନୀଙ୍କୁ ଟିଟିଲାଗଡ ମାତୃ ଓ ଶିଶୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆଜି ସକାଳେ ମହିଳା ଜଣଙ୍କ ଯାଁଳା ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କାର୍ଯ୍ୟରତ ଡଠାକ୍ତର ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏଥିସକାଶେ ୧୦୮ ଆମ୍ବୁଲାନ୍ସ ହସ୍ପିଟାଲ ସମ୍ମୁଖରେ ଛିଡା ହୋଇଗଲା। ଦୁଇ ନବଜାତ ଶିଶୁ କନ୍ୟା ସହ ମା', ବାପା ଓ ଆଈ ଆମ୍ବୁଲାନ୍ସରେ ବସିଥିଲେ। ତେବେ ଗାଡି ଷ୍ଟାର୍ଟ ହେବା ମାତ୍ରେ ଆମ୍ବୁଲାନ୍ସରେ ଥିବା ଅକ୍ସିଜେନ ସିଲିଣ୍ଡରଟି ଭୀଷଣ ଶବ୍ଦ କରି ଫାଟିଥିଲା। ଏଥିରେ ରୁଷିବ ଓ ତାଙ୍କ ପତ୍ନୀ ଏବଂ ଜଣେ ସମ୍ପର୍କୀୟ ଗୁରୁତର ଭାବେ ଆହତ ହୋଇଥିଲେ। ବିସ୍ଫୋରଣ ଫଳରେ ସେମାନଙ୍କ ହାତ, ଗୋଡ଼ ଓ ଶରୀରର ଅନ୍ୟାନ୍ୟ ସ୍ଥାନ ପୋଡ଼ିଯାଇଥିବା ବେଳେ ରୁଷବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସମସ୍ତେ ବଲାଙ୍ଗୀରରେ ଚିକିତ୍ସିତ ହେଉଛନ୍ତି। ତେବେ ଏହି ବିସ୍ଫୋରଣ ପାଇଁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଦାୟୀ କରିଛନ୍ତି।

ପ୍ରେମିକାର ଭଡ଼ାଘରେ ଝୁଲିପଡ଼ିଲା ପ୍ରେମିକ

● ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ପ୍ରେମିକା ଆଗରେ ଝୁଲି ପଡ଼ିଲା ପ୍ରେମିକ। ରାଜଧାନୀରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ପ୍ରେମିକାର ଭଡ଼ା ଘରେ ଝୁଲି ପଡ଼ିଥିବା ପ୍ରେମିକ ଜଣଙ୍କ କେନ୍ଦ୍ରାପଡ଼ାର ପ୍ରଭୁ ମହିମା ବେହେରା ବୋଲି ଜଣାପଡ଼ିଛି। ଗତକାଲି ରାତିରେ ଗୋଠପାଟଣା ଅଞ୍ଚଳରେ ଏହି ଘଟଣା ଘଟିଥିବା ବେଳେ ପ୍ରଭୁଙ୍କ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଚନ୍ଦକା ଥାନା ପୁଲିସ ମାମଲାର ଯାଞ୍ଚ୍ ଆରମ୍ଭ କରିଛି।ମିଳିଥିବା ସୂଚନାନୁସାରେ, ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା। ହେଲେ ଗତକାଲି ସନ୍ଧ୍ୟାରେ ପ୍ରେମିକା ରହୁଥିବା ଭଡ଼ା ଘରକୁ ପ୍ରଭୁ ଯାଇଥିଲେ। ସେପଟେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପ୍ରେମିକା ଓ ତା'ର ସାଙ୍ଗମାନେ ପ୍ରଭୁଙ୍କୁ ହତ୍ୟା କରିଥିବା ସେମାନେ ଅଭିଯୋଗ କରିଛନ୍ତି। କିନ୍ତୁ ପ୍ରଭୁଙ୍କ ବେକରେ କୌଣସି ଦାଗ ନ ଥିବାରୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

୧୦ ହଜାର ଲାଞ୍ଚ ନେଇ ବନ୍ଧା ହେଲେ ସହକାରୀ ଯନ୍ତ୍ରୀ ଓ ଦଲାଲ

ବାଲିଅନ୍ତା,୪।୪ (ସଂଚାର ବ୍ୟୁରୋ): ହାତପାଣ୍ଠି ଅର୍ଥରେ ନିର୍ମିତ ଏକ କୋଠଘର ଶେଷ ବିଲ କରାଇ ଦେବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ବାଲିଅନ୍ତା ବ୍ଲକର ସହକାରୀ ଯନ୍ତ୍ରୀ ଓ ତାଙ୍କର ସହଯୋଗୀ । ରେଡ ହ୍ୟାଣ୍ଡେଡ ଧରା ପଡ଼ିଥିବା ଅଭିଯୁକ୍ତ ଦ୍ୱୟ ହେଲେ ସହକାରୀ ଯନ୍ତ୍ରୀ ସଂଘମିତ୍ର ପଟ୍ଟନାୟକ ଏବଂ ତାଙ୍କର ସହଯୋଗୀ ସ୍ଥାନୀୟ ପଟୁପଡ଼ା ଗ୍ରାମର ବେଣୁଧର ପରିଡ଼ା। ଭିଜିଲାନ୍ସ ଟିମ ସଂଘମିତ୍ରଙ୍କ ହାତରୁ କେମିକାଲ ବୋଳା ୧୦ ହଜାର ଟଙ୍କା ଜବତ କରିଛି। ଏନେଇ ଭିଜିଲାନ୍ସ ଟିମ ନଂ ୬/୨୫ ଦଫା ୭ ଏବଂ ୧୨ ପିସି ରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଯଶୁଆପୁର ଗ୍ରାମରେ ବିଧାୟକ ଆଞ୍ଚଳିକ ପାଣ୍ଠି ଅର୍ଥରେ ନିର୍ମିତ ଏକ କୋ୦ ଘର ଶେଷ ୱିଲ ବାବଦରେ ଥିବା ୪୨ ହଜାର ଟଙ୍କା ୱିଲ କରାଇ ଦେବାକୁ ସଂଘମିତ୍ର ରଶ୍ମିରଞ୍ଜନ ମହାପାତ୍ର ନାମକ ଜଣେ ଠିକାଦାରଙ୍କୁ ହଇରାଣ ହରକତ କରୁଥିଲେ। ଏନେଇ ରଶ୍ମି ରଞ୍ଜନ ଭୁବନେଶ୍ୱର ଭିଜିଲାନ୍ସ ଟିମ ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ସହଯୋଗୀ ନେଶୁଧର ରଶ୍ମିରଞ୍ଜନଙ୍କ ଠାରୁ ୧୦ ହଜାର ଲାଞ୍ଚ ନେଇ ସଂଘମିତ୍ରଙ୍କୁ ଦେବା ବେଳେ ପୂର୍ବରୁ ଛକି ବସିଥିବା ଭିଜିଲାନ୍ସ ଟିମ ଉଭୟ ସଂଘମିତ୍ର ଏବଂ ଦଲାଲ ବେଣୁଧରକୁ କାବୁ କରି ନେଇଥିଲେ।



ବ୍ଲାକମେଲ୍ କରି ନାଇଜେରୀୟ ଗିରଫ ଘଟଣା

ଶତାଧିକ ଯୁବତୀଙ୍କଠାରୁ ନେଇଛି କୋଟିଏରୁ ଅଧିକ ଟଙ୍କା

କଟକ,୪।୪(ସଂଚାର ବ୍ୟୁରୋ): କଟକର ଜନୈକା ଯୁବତୀଙ୍କୁ ବ୍ଲାକ୍‌ମେଲ୍ କରିବା ଓ ଉକ୍ତ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିବା ଘଟଣାରେ ଗିରଫ ହୋଇଥିବା ନାଇଜେରିଆ ଯୁବକଙ୍କୁ ରିମାଣ୍ଡରେ ଆଣିବା ପରେ ପୁଲିସ ତା'ଠାରୁ ବହୁ ଗୁରୁତ୍ୱପୁର୍ଣ୍ଣ ତଥ୍ୟ ହାସଲ କରିଛି। ଉକ୍ତ ନାଇଜେରିଆ ଯୁବକ ଜେଜେ ରେମଣ୍ଡ ସୋସିଆଲ ମିଡିଆରେ ବନ୍ଧୁତା କରିବା ପରେ କୌଶଳ କ୍ରମେ ଯୁବତୀମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ହାତେଇ ସେମାନଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ କରୁଥିଲା। ଏହିଭଳି ସେ ଶତାଧିକ ଯୁବତୀଙ୍କୁ ବ୍ଲାକ୍‌ମେଲ କରି କୋଟିଏରୁ ଅଧିକ ଟଙ୍କା ଆଦାୟ କରିଥିବା ପଚରାଉଚରା ସମୟରେ ପୁଲିସ୍ ଜାଣିବାକୁ ପାଇଛି। ନାଇଜେରୀୟ ଯୁବକର ବ୍ୟାଙ୍କ କାରବାରର ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି। ଏଥିସହ କେତେକ ଭାରତୀୟ ଯୁବତୀଙ୍କ ସମେତ ଅନ୍ୟ ପ୍ରାୟ ୬ଟି ଦେଶର ଯୁବତୀ ଏହି ତା'ର ଜାଲରେ ଫସିଥିବା ଜଣାପଡିଛି। ରେମଣ୍ଡ ଗିରଫ ହେବା ସମୟରେ ତା'ଠାରୁ ୨ଟି ଦେଶର ପାସପୋର୍ଟ ଜବତ ହୋଇଥିଲା। ସେଥିରୁ ଗୋଟିଏ ନାଇଜେରିଆର ହୋଇଥିବା ବେଳେ ଅନ୍ୟଟି ଆଇଭରୀ କୋଷ୍ଟର ବୋଲି ଜଣାପଡିଥିଲା। ଏହି ଦୁଇଟି ପାସପୋର୍ଟ ସମ୍ପର୍କରେ ଅଧିକ ସୂଚନା ପାଇଁ ପୁଲିସ ଦୁଇଟିଯାକ ଦେଶର ପାସପୋର୍ଟ ବିଭାଗକୁ ଇ-ମେଲ ପଠାଇଛି। ରେମଣ୍ଡଠାରୁ ଜବତ ମୋବାଇଲ ଫୋନ୍ ଓ ଲାପଟପ୍‌ର ଫୋରେନସିକ ଆନାଲିସିସ୍ ଜାରି ରହିଛି। ରେମଣ୍ଡର ସବୁ ବ୍ୟାଙ୍କ ଆକାଉଣ୍ଟକୁ ପୁଲିସ ଫ୍ରିଜ କରିଛି।

ରାଜଧାନୀ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ପ୍ୟାରେଡ୍ ଓ ନୃତ୍ୟଗୀତ ପ୍ରତିଯୋଗିତା ଆୟୋଜନ ନିଷ୍ପତ୍ତି

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଆସନ୍ତା ୧୩ ଓ ୧୪ ତାରିଖରେ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏଥିନିମନ୍ତେ ପୂର୍ବରୁ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଆଡ଼ମ୍ବର ସହକାରେ ପାଳନ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ୟାରେଡ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି।

ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥିଲେ। ଏହାକୁ କାର୍ଯ୍ୟକ୍ଷମ କରିବା ସକାଶେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କ୍ୟାପିଟାଲ୍ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କେବଳ ବିଭିନ୍ନ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ୟାରେଡ୍ ଅନୁଷ୍ଠିତ ହେବ। ପ୍ୟାରେଡ୍ ବ୍ୟାଣ୍ଡ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇପାରିବେ। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଆମ ରାଜଧାନୀ' ଉପରେ ନୃତ୍ୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବା ସହ ଉକ୍ତ ଦୁଇ ଦିନ ସନ୍ଧ୍ୟାରେ ଉଜ୍ଜଳ ମଞ୍ଚପଠାରେ ସଭା କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ଆଇନଶୃଙ୍ଖଳା, ପାନୀୟ ଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ସମସ୍ତ ସରକାରୀ ଓ ବେସରକାରୀ, ବାଣିଜ୍ୟକ ପ୍ରତିଷ୍ଠାନ କୋଠାଗୁଡ଼ିକର ଆଲୋକୀକରଣ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ପୂର୍ବରୁ ଉକ୍ତ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ଆୟୋଜନ କମିଟିର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଏହି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର କେ. ଗଣେଶ, ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ବେହେରା, ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ସାନ୍ଧ୍ୟରାଣୀ ରାଉତ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅନୁପମା ମଙ୍ଗରାଜ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଶିକ୍ଷକଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ ।

● ରାଜା ଚକ୍ରଙ୍କ ଓକିଲଙ୍କୁ ମନମୋହନଙ୍କ ଜବାବ

ମୋ ଜୀବନ ଖୋଲା ବହି, ସବୁକିଛି ଯାଞ୍ଚ ହେଉ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): କେନ୍ଦୁଝରର ବିଜେଡି ନେତା ତଥା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବ୍ୟାପକ ଦୁର୍ନୀତି ପରିପ୍ରେକ୍ଷୀରେ ଗିରଫ ହୋଇଥିବା ରାଜା ଚକ୍ରଙ୍କ ଓକିଲଙ୍କ ଅଭିଯୋଗର ଜବାବ ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ତାଙ୍କ ଜୀବନ ଏକ ଖୋଲା ବହି। ତେଣୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ, ଦଳର ବ୍ୟାଙ୍କର ଆକାଉଣ୍ଟ ଯାଞ୍ଚ କରାଯିବା ଦରକାର। ଏଥିସହ ଦାୟିତ୍ୱହୀନ ମନ୍ତବ୍ୟ ଗଣମାଧ୍ୟମରେ ପ୍ରକାଶିତ ହେବା ପୂର୍ବରୁ ଏହାର ସତ୍ୟାସତ୍ୟ ପରଖାଯିବା ଆବଶ୍ୟକ ବୋଲି ଶ୍ରୀ ସାମଲ କହିଛନ୍ତି। ସେ ମଧ୍ୟ ସିବିଆଇ ତଦନ୍ତ ଦାବିକୁ ସ୍ୱାଗତ କରିଛନ୍ତି। ଗତକାଲି ରାଜା ଚକ୍ରଙ୍କ ଓକିଲ ଗତବର୍ଷ ଜୁନ-ଜୁଲାଇରେ ରାଜା ଚକ୍ରଙ୍କ ସମ୍ପୃକ୍ତି ଥିବା ସଂସ୍ଥାରୁ ଏକ କୋଟିରୁ ଅଧିକ ଟଙ୍କା ଦେଣନେଣ ହୋଇଥିବା ନେଇ ଓକିଲ ଅଭିଯୋଗ କରିଥିଲେ।। ତେବେ କାହା ପାଖକୁ ଟଙ୍କା ଯାଇଥିଲା ସେନେଇ କିଛି ବି କହିନଥିଲେ। ଆଜି ଏହି ପ୍ରସଙ୍ଗରେ ଶ୍ରୀ ସାମଲ ତାଙ୍କ ପ୍ରତିକ୍ରିୟା ରଖିବା ସହ ତାଙ୍କ ଆକାଉଣ୍ଟ ନମ୍ବର ନେଇ ଯାଞ୍ଚ କରିବାକୁ ସେ ଆମନ୍ତ୍ରଣ କରିଛନ୍ତି।

ସେ କହିଛନ୍ତି ଯେ ବିଜେପିର ଭାବମୂର୍ତ୍ତି ବହୁ ତ୍ୟାଗ ଓ ତପସ୍ୟା ପରେ ତିଆରି ହୋଇଛି। ଏମିତି ଦାୟିତ୍ୱହୀନ କଥା ଗଣମାଧ୍ୟମକୁ ନଆସୁ। ପରୀକ୍ଷାନିରୀକ୍ଷା କରାଯାଉ। ମୋ ଆକାଉଣ୍ଟ ନମ୍ବର ନେଇ ଚେକ୍ କରନ୍ତୁ। ଦଳ ଆକାଉଣ୍ଟ ବି ଖୋଲା ଅଛି। ତାଙ୍କ ଜୀବନରେ ଲୁଚାଇବା ଭଳି କିଛି ବି ନାହିଁ। ଦଳର ନେତାମାନଙ୍କ ଜୀବନ ବି ଖୋଲା ବହି। ଦାୟିତ୍ୱହୀନ ମନ୍ତବ୍ୟ ଗଣମାଧ୍ୟମରେ ପ୍ରକାଶିତ ହେବା ପୂର୍ବରୁ ଏହାର ସତ୍ୟାସତ୍ୟ ପରଖାଯିବାର ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ଗଣମାଧ୍ୟମମାନେ ନିଜର ବିଶ୍ୱସନୀୟତା ହରାଇବା ନିଶ୍ଚିତ। ଯଦି ବ୍ୟାଙ୍କ ମାଧ୍ୟମରେ ଟଙ୍କା ଦେଣନେଣ ହୋଇଛି, ତେବେ

ଆଜିର ସୁନା ଦର

ଚମକୁଛି ସୁନା, ବଢୁଛି ଦର। ବିଶ୍ୱ ବଜାରରେ ଅସ୍ଥିରତା ଓ ଅନିଶ୍ଚତତା ମଧ୍ୟରେ ସୁନାର ଚମକ ବଢ଼ିଚାଲିଛି। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୧ ହଜାର ୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୪ ହଜାର ୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୧ ହଜାର ୬୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୪, ୦୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୧, ୬୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୪,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୧, ୭୯୦ ଟଙ୍କା ଓ ୨୨ କ୍ୟାରେଟ୍ ୮୪, ୧୫୦ ଟଙ୍କା ରହିଛି ୮୪, ୧୫୦ ଟଙ୍କା। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୧, ୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୪,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୧,୬୪୦ଓ ୮୪, ୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୮,୦୦୦ ଟଙ୍କା ହୋଇଛି।



ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଟ୍ରମ୍ପଙ୍କୁ ଚୀନ୍‌ର କଡ଼ା ଜବାବ

ଆମେରିକୀୟ ସାମଗ୍ରୀ ଉପରେ ୩୪% ଅତିରିକ୍ତ ଶୁଳ୍କ

ନୂଆଦିଲ୍ଲୀ, ୪।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ଟାରିଫ୍ ଯୁଦ୍ଧ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଛି। ଚୀନ୍ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ଶୁଳ୍କ ବିରୋଧରେ ଜବାବ ଦେଇଛି ଡ୍ରାଗନ। ଏବେ ଚୀନ୍ ଆମେରିକା ଉତ୍ପାଦ ଉପରେ ଅତିରିକ୍ତ ୩୪ ପ୍ରତିଶତ ଶୁଳ୍କ ଲାଗୁ କରିଛି। ବେଜିଂର ଏହି ନୂଆ ନିୟମ ଏପ୍ରିଲ ୧୦ରୁ ଲାଗୁ ହେବ। କିନ୍ତୁ ଏବେ ସୁଦ୍ଧା ଆମେରିକାରୁ ରାପ୍ତାନୀ ହୋଇସାରିଥିବା ଉତ୍ପାଦ ଉପରେ ନୂଆ ନିୟମ ଲାଗୁ ହେବ ନାହିଁ। ଚୀନ୍ ଶୁକ୍ରବାର ଘୋଷଣା କରିଛି ଯେ, ଏପ୍ରିଲ ୧୦ରୁ ସମସ୍ତ ଆମେରିକୀୟ ସାମଗ୍ରୀ ଉପରେ ୩୪% ଅତିରିକ୍ତ ଶୁଳ୍କ ଲାଗୁ କରିବ। ଏହା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଅନେକ ଦେଶ ଉପରେ ପାଲଟା ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଥିଲେ। ସେ ଚୀନ୍ ଉପରେ ସର୍ବାଧିକ ୩୪ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଥିଲେ। ଏବେ ବେଜିଂ ମଧ୍ୟ ଆମେରିକା ଉତ୍ପାଦ ଉପରେ ଅତିରିକ୍ତ ୩୪ ପ୍ରତିଶତ ଶୁଳ୍କ ଲାଗୁ କରିଛି।

ଏହି ଶୁଳ୍କ ବିଶେଷ କରି ସାମାରିୟମ, ଗାଡୋଲିନିୟମ, ଟେରବିୟମ, ଡିସପ୍ରୋସିୟମ, ଲ୍ୟୁଟେଟିୟମ, ସ୍କାନଡିୟମ ଏବଂ ଇଟ୍ରିୟମ ଭଳି ବିରଳ ଉପାଦାନ ଉପରେ ମଧ୍ୟ ଲାଗୁ ହେବ। ଏହା ସହିତ, ଚୀନ୍ ରପ୍ତାନୀ ଉପରେ ନିୟନ୍ତ୍ରଣ ନେଇ ଘୋଷଣା କରିଛି। ଆମେରିକାରୁ ଆସୁଥିବା ସମସ୍ତ ଆମଦାନୀ ସାମଗ୍ରୀ ପାଇଁ, ବର୍ତ୍ତମାନର ପ୍ରଯୁଜ୍ୟ ଶୁଳ୍କ ହାର ଉପରେ ୩୪ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବ ବୋଲି ଶୁକ୍ରବାର ବେଜିଂର ଅର୍ଥ ମନ୍ତ୍ରଣାଳୟ ଘୋଷଣା କରିଛି। ଏସିଆନ ଏବଂ ୟୁରୋପୀୟ ସଂଘ ପରେ ଆମେରିକାକୁ ତୃତୀୟ ସର୍ବାଧିକ ସାମଗ୍ରୀ ରାପ୍ତାନୀ କରୁଛି ଚୀନ୍। ତଥ୍ୟ ଅନୁଯାୟୀ, ୨୦୨୪ରେ ଚୀନ୍ ସହିତ ଆମେରିକାର ମୋଟ ବାଣିଜ୍ୟ ପ୍ରାୟ ୫୮୨.୪ ବିଲିୟନ ଡଲାର ଥିଲା। ସେହି ବର୍ଷ ଚୀନ୍‌କୁ ୧୪୩.୫ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା ଆମେରିକା। ସେହିଭଳି ଚୀନ୍‌ରୁ ଆମେରିକା ମୋଟ ୪୩୮.୯ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ୨୦୨୪ରେ ଚୀନ୍ ସହିତ ଆମେରିକାର ବାଣିଜ୍ୟିକ ନିଅଣ୍ଟ ୨୯୫.୪ ବିଲିୟନ ଡଲାର ଥିଲା।

ବିଶ୍ୱ ଜିଡିପିକୁ ମହଙ୍ଗାପଡ଼ିବ ଟ୍ରମ୍ପଙ୍କ ପାଗଳାମି

୧.୩%କୁ ଖସିଯିବ ବିଶ୍ୱ ରପ୍ତାନି ଅଭିବୃଦ୍ଧି

ନୂଆଦିଲ୍ଲୀ,୪।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେପରୁଆ ବାଣିଜ୍ୟ ନୀତି ସମଗ୍ର ବିଶ୍ୱ ଅର୍ଥବ୍ୟବସ୍ଥାକୁ କରିବ ଲାଇନବ୍ୟୁତ। ଏଥିରୁ ନିଜେ ବି ବର୍ତ୍ତିପାରିବନି ଖୋଦ୍ ଆମେରିକା। ଟ୍ରମ୍ପଙ୍କ ପାଗଳାମି ବିଶ୍ୱ ଅର୍ଥବ୍ୟବସ୍ଥା ପାଇଁ ମହଙ୍ଗା ପଡ଼ିବାକୁ ଯାଉଛି। ଲିବରେଶନ ଡେ' ନାଁରେ ଆମେରିକା ରାଷ୍ଟ୍ରପତି ଦେଇଥିବା ଶୁଳ୍କ ଚୋଟ୍ ଏକ ବଡ଼ ଧରଣର ମାନ୍ଦାବସ୍ଥାକୁ ଡାକି ଆଣିବ ବୋଲି କହିଛନ୍ତି ପ୍ରମୁଖ ଅର୍ଥନୀତିଜ୍ଞ ସ୍ୱାମୀନାଥନ ଆୟର। ଟ୍ରମ୍ପଙ୍କ ଯେସାକୁ ତେସା ଆମଦାନୀ ଶୁଳ୍କ ନୀତି ଯୋଗୁ ଘମାଘୋଟ ହେବ ବାଣିଜ୍ୟ ଯୁଦ୍ଧ। 'ଲିବରେଶନ୍ ଡେ' କହି ବିଭିନ୍ନ ରାଷ୍ଟ୍ରଗୁଡ଼ିକ ଉପରେ ତଗ୍‌ଡ଼ା ଶୁଳ୍କ ଘୋଷଣା କରିଛନ୍ତି ଟ୍ରମ୍ପ। ଏହାକୁ ସେ 'ଲିବରେଶନ୍ ଡେ' ବଦଳରେ 'ରିସେସନ୍ ଡେ' କହିବା ଯଥାର୍ଥ ହେବ ବୋଲି ଶ୍ରୀ ଆୟର କହିଛନ୍ତି।

ଆୟର କହିଛନ୍ତି ଯେ, ଆମେରିକାର ଏହି ନୀତି ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରିବା ସହ ଅର୍ଥନୈତିକ ବିକାଶ ଆଗରେ ବାଧକ ସାଜିବ। ଏହାସହିତ ବିଶ୍ୱ ଅର୍ଥନୀତିକୁ ମାନ୍ଦାବସ୍ଥାକୁ ଠେଲିଦେବ। ଟ୍ରମ୍ପଙ୍କ ଏ ନୀତିକୁ ଶ୍ରୀ ଆୟର 'ଆର୍ଥିକ ପାଗଳାମି' ବୋଲି ସମ୍ବୋଧିତ କରିଛନ୍ତି। ଏହାକୁ ସେ ୧୯୩୦ ଦଶକର ସୁରକ୍ଷାବାଦୀ ସ୍ମୁଥ୍-ହଲି ଶୁଳ୍କ ସହ ତୁଳନା କରିଛନ୍ତି। ପ୍ରକାଶଯୋଗ୍ୟ, ୧୯୩୦ର ଏହି ନୀତି ଦ୍ୱାରା ବଡ଼ ଧରଣର ମାନ୍ଦାବସ୍ଥାର ସୂତ୍ରପାତ ହୋଇଥିଲା, ଯାହା ଆମେରିକା ସହ ସମଗ୍ର ବିଶ୍ୱ ଅର୍ଥନୀତିକୁ ବର୍‌ବାଦ କରିଦେଇଥିଲା। ଟ୍ରମ୍ପଙ୍କ ଶୁଳ୍କ ନୀତି ବାଣିଜ୍ୟ ଯୁଦ୍ଧକୁ ତୀବ୍ର କରିବା ସହ ବଡ଼ ଧରଣର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ସୂତ୍ରପାତ କରିବ ବୋଲି ଆୟର କରିଛନ୍ତି। ଟ୍ରମ୍ପଙ୍କ ନୂଆ ନୀତି ଅଧୀନରେ ଆମେରିକାକୁ ଭାରତର ରପ୍ତାନି ଉପରେ ୨୭% ଶୁଳ୍କ ଲାଗିବ। ଚୀନ୍ ଉପରେ ୩୪% ଶୁଳ୍କ ଲଦିଛି ଆମେରିକା। ଭିଏତ୍‌ନାମ ଉପରେ ୪୬% ଏବଂ ୟୁରୋପୀୟ ସଂଘ ଉପରେ ୨୦% ଶୁଳ୍କ ଘୋଷଣା କରିଛନ୍ତି ଟ୍ରମ୍ପ। ପ୍ରଭାବିତ ହେବାକୁ ଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଦକ୍ଷିଣ କୋରିଆ ଉପରେ ୨୫%, ଜାପାନ ଉପରେ ୨୪%, ତାଇୱାନ ଉପରେ ୩୨% ଏବଂ ବ୍ରିଟେନ୍ ଉପରେ ୧୦% ଶୁଳ୍କ ଘୋଷଣା ହୋଇଛି। ସୁଇଜରଲାଣ୍ଡ ଏବଂ ବ୍ରାଜିଲ ଯଥାକ୍ରମେ ୩୪% ଏବଂ ୧୦% ଶୁଳ୍କ ଗଣିବେ। ଏହାସହିତ ଆମେରିକା ସମସ୍ତ ଆମଦାନି ଉପରେ ୧୦%ର ମୂଳ ସୁଧ ପ୍ରଚଳନ କରିବ।

ଏସବୁ ପଦକ୍ଷେପ ଦ୍ୱାରା ଆମେରିକା ସର୍ବବୃହତ୍ ବିନିର୍ମାଣ ଶକ୍ତି ପାଲଟିବ ବୋଲି ଟ୍ରମ୍ପ ଦାବି କରୁଥିବାବେଳେ ଏହାକୁ ଖାରଜ କରିଛନ୍ତି ଆୟର। ସେ କହିଛନ୍ତି ଯେ, ଏହା ଏକ ବିପର୍ଯ୍ୟୟ। ଆର୍ଥିକ ସୁଧାର ବଦଳରେ ଏହା ଆଣିବ ଆର୍ଥିକ ବିପତ୍ତି। ବିଶ୍ୱ ଅର୍ଥନୀତି ପୂର୍ବରୁ ହିଁ ଆହ୍ୱାନର ସାମ୍ନା କରୁଛି। ଅର୍ଥନୀତିଜ୍ଞମାନେ ମାନ୍ଦାବସ୍ଥାର ପୂର୍ବାନୁମାନ କରୁଛନ୍ତି। ବର୍ତ୍ତମାନ ଆମେରିକାର ଏହି ଶୁଳ୍କ ବାଣ ଯୋଗୁ ବିଶ୍ୱ ଜିଡିପି ଖସିବ, ଆମେରିକା ଏବଂ ଭାରତର ଜିଡିପି ବି ଖସିବ। ଶ୍ରୀ ଆୟର ଆଇଫୋନ୍ ନିର୍ମାତା ଆପଲ୍‌ର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତରେ ଏହାର ଏକ ବିଶାଳ ପ୍ଲାଣ୍ଟ ରହିଛି। କିନ୍ତୁ ଉଚ୍ଚ ଶୁଳ୍କ ଯୋଗୁ ଏହା ରପ୍ତାନି କରିବାକୁ ସମର୍ଥ ହେବ କି? ଏହା ଅତ୍ୟନ୍ତ କଷ୍ଟକର ହେବ। ସବୁ ପ୍ରକାର କ୍ଷେତ୍ର ପ୍ରଭାବିତ ହେବ। ଫଳସ୍ୱରୂପ ଭାରତ, ଆମେରିକା ଏବଂ ମୋଟାମୋଟି ଭାବେ ବିଶ୍ୱ ଅର୍ଥନୀତି ବର୍‌ବାଦ ହୋଇଯିବ।

ଏଚ୍‌ଏସ୍‌ବିସି ରିସର୍ଚ୍ଚର ଏକ ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ଆମେରିକାରେ ଚାହିଦା ପ୍ରଭାବିତ ହେବ। ଏହା ଦ୍ୱାରା ବିଶ୍ୱ ରପ୍ତାନି ଅଭିବୃଦ୍ଧି ୨୦୨୫-୨୬ରେ ୧.୩%କୁ ଖସିଯିବ, ଯାହାକି ୨୦୨୪ରେ ୨.୯% ଥିଲା। ଅନିଶ୍ଚିତତା ଯୋଗୁ ବିଶ୍ୱ ବଜାରରେ ନିବେଶ ପ୍ରଭାବିତ ହେବ ଏବଂ ଅର୍ଥନୀତିଗୁଡ଼ିକ ଉପରେ ନିବେଶକଙ୍କ ଆସ୍ଥା କମିଯିବ। ଶ୍ରୀ ଆୟର କହିଛନ୍ତି, ଶେଷରେ ଏହା କୁହାଯିବ ଯେ, ଭାରତ ଏହି ସଂକଟ ଦ୍ୱାରା ଭୟଙ୍କର ଭାବେ ପ୍ରଭାବିତ ହେବ। ଆମେରିକୀୟ ବାଣିଜ୍ୟ ନୀତିକୁ ନେଇ ଅନିଶ୍ଚିତତା ଯୋଗୁ ଭାରତର ରପ୍ତାନିଭିତ୍ତିକ କ୍ଷେତ୍ରରେ ନିବେଶ କରିବା ପାଇଁ ବିଦେଶୀ ଉତ୍ପାଦନକାରୀମାନେ ଦୂରେଇ ରହିବେ। ଭାରତର ମହତ୍ୱାକାଂକ୍ଷୀ ପିଏଲ୍‌ଆଇ ସ୍କିମ୍‌କୁ ଆମେରିକାର ଶୁଳ୍କନୀତି ପ୍ରଭାବିତ କରିବ। ଆପଲ୍ ଭଳି କମ୍ପାନିଗୁଡ଼ିକ ଭାରତରେ ସେମାନଙ୍କ ନିବେଶ ଯୋଜନା ଉପରେ ପୁନର୍ବିଚାର କରିପାରନ୍ତି।

ଶେୟାର ବଜାର କ୍ରାସ

ବୁଡିଗଲା ନିବେଶକଙ୍କ ୯.୫ଲକ୍ଷ କୋଟି ଟଙ୍କା

ମୁମ୍ବାଇ ୪।୪: ଭାରତୀୟ ସେୟାର ବଜାର ପାଇଁ ୪ ଏପ୍ରିଲ ଶୁକ୍ରବାର 'ବ୍ଲାକ୍ ଫ୍ରାଇଡେ' ସାବ୍ୟସ୍ତ ହୋଇଛି। ସେନସେକ୍ସ ଓ ନିଫ୍ଟି ୧%ରୁ ଅଧିକ କ୍ରାସ ହୋଇଛି। ଗ୍ଲୋବାଲ ଟ୍ରେଡ ୱାର ଆରମ୍ଭ ହେବା ଆଶଙ୍କା ନିବେଶକଙ୍କ ମନବଳ ହ୍ରାସ କରିଛି। ଏଣୁ ବଜାରରେ ବିକ୍ରି ଦେଖାଦେଇଥିବା ବେଳେ କାରବାର ଶେଷ ବେଳକୁ ସେନସେକ୍ସ ୯୩୦ ପଏଣ୍ଟ ହ୍ରାସ ସହ ୭୫,୩୬୪ସ୍ତରରେ ଓ ନିଫ୍ଟି ୩୪୫ ପଏଣ୍ଟ ହ୍ରାସ ସହ ୨୨,୯୦୪ ସ୍ତରରେ ବନ୍ଦ ହୋଇଛି। ସେହିପରି କାରବାର କାଳରେ ଶୁକ୍ରବାର ସେନସେକ୍ସ ୧,୦୦୯ ପଏଣ୍ଟ ଅର୍ଥାତ ୧.୩୨% ହ୍ରାସ ହୋଇ ୭୫,୨୮୬ ସ୍ତରକୁ ଖସି ଥିଲା। ନିଫ୍ଟି ମଧ୍ୟ ୩୭୫ ପଏଣ୍ଟ ଅର୍ଥାତ ୧.୬୧ ପ୍ରତିଶତ ହ୍ରାସ ସହ ୨୨,୮୭୪ ସ୍ତରକୁ ପହଞ୍ଚି ଯାଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଲିଷ୍ଟେଡ କମ୍ପାନୀଙ୍କ ମୋଟ ମାର୍କେଟ ଭାଲ୍ୟୁରେ ପାଖାପାଖି ୯.୫ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଶେଷ କରି ଆଇଟି ଓ ମେଟାଲ ସେୟାର ଗୁରୁତର ପ୍ରଭାବିତ ହୋଇଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଫାର୍ମା ଉତ୍ପାଦ ଉପରେ ଟାରିଫ ଲଗାଇବାର ସଂକେତ ଯୋଗୁ ଫାର୍ମା ସେୟାରରେ ହ୍ରାସ ଦେଖାଯାଇଛି। ଅନ୍ୟପଟେ ଆମେରିକା ଟେକ୍ ସେୟାର କମଜୋର ହେବା ଯୋଗୁ ଭାରତୀୟ ଆଇଟି କମ୍ପାନୀଙ୍କ ସେୟାରରେ ହ୍ରାସ ଦେଖାଯାଇଛି। ନିଫ୍ଟିରେ ଆଇଟି ଇଣ୍ଡେକ୍ସ ୨%ହ୍ରାସ ହୋଇଛି। ସେହିପରି ଟ୍ରେଡ ବ୍ୟାରିୟର ବଢିବା ଭୟରେ ମେଟାଲ ସେୟାରରେ ବିକ୍ରି ଦେଖାଯାଇଛି। ବିଦେଶୀ ସଂସ୍ଥାଗତ ନିବେଶ (ଏଫଆଇଆଇ) ଗୁରୁବାର ୨,୮୦୬କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ଏହି ସମୟରେ ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ) ମାତ୍ର ୨୨୧ କୋଟିର ସେୟାର କିଣିଛନ୍ତି।

ଭୋଗ୍ସ୍ୱାଗନର 'ମାଇଁ୨୦୨୪' କାର୍ ଉପରେ ଦେଢ଼ ଲକ୍ଷ ରିହାତି

ନୂଆଦିଲ୍ଲୀ, ୪।୪: ଆପଣ ଏକ ନୂଆ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଆପଣଙ୍କ ପାଇଁ ଗୁଡ୍ ନ୍ୟୁଜ୍। ଭୋଗ୍ସ୍ୱାଗନ ଏପ୍ରିଲ୍ ୨୦୨୫ ରେ ନିଜର ମାଇଁ୨୦୨୪ ଷ୍ଟକ୍‌କୁ ଖାଲି କରିବା ପାଇଁ ସିଧାସଳଖ ୧.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ଅଫର କରୁଛି। ଏହା ବ୍ୟତୀତ, କମ୍ପାନୀ ମାଇଁ୨୦୨୪ ମଡେଲ୍ ଉପରେ ମଧ୍ୟ ଗ୍ରାହକଙ୍କୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଡସକାଉଣ୍ଟ ମଧ୍ୟ ଦେଉଛି। ଏହି ଅଫର ସୀମିତ ସମୟ ପାଇଁ ରହିଛି ଏବଂ ଷ୍ଟକ୍‌ସ ଆଭେଲେବିଲ୍‌ଟି ଉପରେ ବେସ୍ କରି ଚେଞ୍ଜ ହୋଇପାରେ। ଯଦି ଆପଣ ମାଇଁ୨୦୨୪ ମଡେଲଟି କିଣନ୍ତି, ତେବେ ଆପଣ ୧.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ପାଇପାରିବେ। ଏହି ଡିସକାଉଣ୍ଟରେ କ୍ୟାସ୍ ଡିସକାଉଣ୍ଟ, ଏକ୍ସଚେଞ୍ଜ ବୋନସ୍, ସ୍କ୍ରାପେଜ୍ ଏବଂ ଲୟାଲ୍ଟି ବୋନସ୍ ଭଳି ଆକର୍ଷଣୀୟ ଡିଲ୍ ସାମିଲ୍ ଅଛି। ଏଥି ସହ ଯଦି ଆପଣ ମାଇଁ୨୦୨୪ ମଡେଲ୍ କିଣିବାକୁ ଚାହୁଁଛନ୍ତି, ତେବେ ଆପଣ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। ହେଲେ ଏହି ଡିସକାଉଣ୍ଟ ମାଇଁ୨୦୨୪ ତୁଳନାରେ କମ୍ କିନ୍ତୁ ଏହା ଏକ ଭଲ ଡିଲ୍ ପ୍ରମାଣିତ ହୋଇପାରେ। ଭୋଗ୍ସ୍ୱାଗନ ଭର୍ଟିଅସର ପ୍ରାଇସ୍ ୧୦.୪୪ ଲକ୍ଷ ଟଙ୍କା (ବେସ୍ ମହେଲ୍, ମାଇଁ୨୦୨୪) ରୁ ଆରମ୍ଭ ଏବଂ ୧୯ ଲକ୍ଷ ଟଙ୍କା (ଟପ୍ ମଡେଲ୍, ମାଇଁ୨୦୨୪) ପର୍ଯ୍ୟନ୍ତ ଯାଇଥାଏ। ଏହି ମୂଲ୍ୟଗୁଡ଼ିକ ହେଉଛି ଦିଲ୍ଲୀର ଏକ୍ସ-ଶୋରୁମ୍ ପ୍ରାଇସ୍। ଏହାକୁ କିଣିବା ପାଇଁ ଏକ ଭଲ ସୁଯୋଗ ଅଛି। ଏହି କାରଟି ସେଫ୍ଟି ଦୃଷ୍ଟରୁ ମଧ୍ୟ ବହୁତ ଭଲ ରହିଛି, କାରଣ ଏହାକୁ ୫-ଷ୍ଟାର ଏନସିଏପି ସେଫ୍ଟି ରେଟିଂ ମିଳିଛି। ଏହା ବ୍ୟତୀତ, ଭୋଗ୍ସ୍ୱାଗନ ଭର୍ଟିଅସର ପ୍ରିମିୟମ୍ ଲୁକ୍ ଏବଂ ଆଡଭାନ୍ସ ଫିଚର୍ସ ଏହାକୁ ଏକ ପାୱାରଫୁଲ୍ କାର୍ କରିଥାଏ। ଏଥିରେ ଦମଦାର୍ ଡିଜାଇନ୍ ସହିତ କଟିଙ୍ଗ ଏଜ୍ ଟେକ୍ନୋଲୋଜିର ମଧ୍ୟ ବ୍ୟବହାର କରାଯାଇଛି। ପରଫରମାନ୍ସ ଦୃଷ୍ଟିରୁ ଏଥିରେ ପାୱାରଫୁଲ୍ ଇଞ୍ଜିନ୍ ଦିଆଯାଇଛି, ଯାହା ସ୍ମୁଥ୍ ଡ୍ରାଇଭିଂ ଏକ୍ସପେରିୟନ୍ସ ଦେଇଥାଏ। ଯଦି ଆପଣ ଫାଇନାନ୍ସ ଅପ୍ସନ ଖୋଜୁଛନ୍ତି, ତେବେ ଏହି କାର୍ ଉପରେ ଇଏମଆଇ ଏବଂ ଲୋନ୍ ର ସହଜ ଡିଲ୍ ମଧ୍ୟ ଉପଲବ୍ଧ ରହିଛି। ଏଥିପାଇଁ ଯଦି ଆପଣ ଭୋଗ୍ସ୍ୱାଗନ ଭର୍ଟିଅସ କିଣିବାକୁ ଭାବୁଛନ୍ତି , ତେବେ ଏହା ସଠିକ୍ ସମୟ ହୋଇପାରେ।

ଖୁବ୍‌ଶୀଘ୍ର ଭାରତର ଆକାଶରେ ଉଡ଼ିବ ଏୟାର ଟ୍ୟାକ୍ସି

ମହିନ୍ଦ୍ରା, ମାରୁତୀ ସମସ୍ତେ ଲଞ୍ଚ୍ କରିବେ କାର୍

ନୂଆଦିଲ୍ଲୀ, ୪।୪: ଖୁବ୍‌ଶୀଘ୍ର ଭାରତର ଆକାଶରେ ଉଡ଼ିବ ଏୟାର ଟ୍ୟାକ୍ସି। ଜଳ ପଥ ପରେ ଛୋଟ ଛୋଟ ଜାଗାକୁ ଯିବା ପାଇଁ ଏହି ଏୟାର ଟ୍ୟାକ୍ସି ହଁ ହେବ ସାଧନ। ଆଜି (୩ ଏପ୍ରିଲ) ଷ୍ଟାର୍ଟଅପ୍ ମହାକୁମ୍ଭରେ ଏହାର ଝଲକ ଦେଖିବାକୁ ମିଳିଛି। ଏରୋସ୍ପେସ୍ ଷ୍ଟାର୍ଟଅପ୍ ସର୍ଲା ଆଭିଏସନ୍ ଏହାର ପ୍ରୋଟୋଟାଇପ୍ ଏୟାର ଟ୍ୟାକ୍ସି 'ଶୂନ୍ୟ' ପ୍ରଦର୍ଶନ କରିଛି। ଏହି ଟ୍ୟାକ୍ସି ଥରକେ ୧୬୦ କିଲୋମିଟର ପର୍ଯ୍ୟନ୍ତ ଉଡ଼ିପାରିବ। କିନ୍ତୁ ଏହାକୁ ୨୦-୩୦ କିଲୋମିଟରର ଛୋଟ-ଛୋଟ ଯାତ୍ରା ପାଇଁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। କମ୍ପାନୀ କହିଛି ଯେ ଏହି ଏୟାର ଟ୍ୟାକ୍ସି ଏହା ଘଣ୍ଟା ପ୍ରତି ୨୫୦ କିଲୋମିଟର ବେଗରେ ଉଡ଼ିପାରିବ। ମାତ୍ର ୨୦ ମିନିଟର ଚାର୍ଜ ହେଲେ କାର୍ ଉଡ଼ାଣ ଭରିପାରିବ। ଶୂନ୍ୟ ଫ୍ଲାଇଁ ଟ୍ୟାକ୍ସିଗୁଡ଼ିକ ଭିଡ଼ ଅଞ୍ଚଳରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏଥିରେ ପାଇଲଟଙ୍କ ସମେତ ୭ ଜଣ ବସିପାରିବେ। କମ୍ପାନୀ ଜାନୁଆରୀରେ ଅନୁଷ୍ଠିତ ଇଣ୍ଡିଆ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ପ୍ରଥମ ଥର ପାଇଁ ଏହାକୁ ପ୍ରଦର୍ଶନ କରିଥିଲା। କମ୍ପାନୀର ସହ-ପ୍ରତିଷ୍ଠାତା ଶିବମ ଚୌହାନ ଦୈନିକ ଭାସ୍କରକୁ କହିଛନ୍ତି ଯେ ସେ ୨୦୨୮ ସୁଦ୍ଧା ବେଙ୍ଗାଲ

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସ୍ଥଗିତ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଦୀର୍ଘ ୨୫ ଦିନ ଧରି ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓ ସଂଘର ୬ ଜଣିଆ ପ୍ରତିନିଧି ମଣ୍ଡଳୀ ସମେତ ସଂଘର ଉପଦେଷ୍ଟା ଜଗନ୍ନାଥ ପ୍ରଧାନଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ସଂଘ ନିଷ୍ପତ୍ତି ନେଇଥିଲା। ବୈଠକରେ ସଂଘର ସଭାପତି ଅନିରୁଦ୍ଧ ପଣ୍ଡା ଦୀର୍ଘ ୨୦ ବର୍ଷ ହେଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ମାନେ କିଭଳି କାର୍ଯ୍ୟ କରୁଛନ୍ତି ଆଉ ସେମାନଙ୍କ ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ କିଭଳି ଜାତୀୟ ସ୍ତରରେ ପ୍ରଶଂସିତ ଓ ପୁରସ୍କୃତ ହେଉଛି ସେ ବିଷୟରେ କହିବା ସହିତ କିଭଳି ଭାବେ ସ୍ୱଳ୍প ଦରମା, ଠିକା ଚାକିରି କାରଣରୁ ଦୁଃଖ ଦୁର୍ଦ୍ଦଶା ଯନ୍ତ୍ରଣାରେ କାଳତିପାତ କରୁଛନ୍ତି କହିଥିଲେ। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ପଲିସି ଅନୁଯାୟୀ ୨୦୧୯ ଓ ୨୦୨୨ ରେ ସ୍ୱାସ୍ଥ୍ୟ ମିଶନ ରେ ନିଯୁକ୍ତି ପାଇଥିବା ପାଖାପାଖି ୬୦୦୦ ଠିକା କର୍ମଚାରୀ ସ୍ଥାୟୀ ନିଯୁକ୍ତି ପାଇଥିବା ବେଳେ ବାକିଥିବା କର୍ମଚାରୀଙ୍କୁ ଅବହେଳା କଣ ପାଇଁ ବୋଲି ସଂଘର ପ୍ରତିନିଧି ମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ପାଇଁ ହୋଇଥିବା ଅଗ୍ରଗତି ସମ୍ପର୍କରେ ସମସ୍ତ ଦସ୍ତାବିଜ ସଂଘର ସଭାପତି ଅନିରୁଦ୍ଧ ପଣ୍ଡା ଓ କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର ଉପସ୍ଥାପନା କରିଥିଲେ। ମନ୍ତ୍ରୀ ଡ. ମୁକେଶ ମହଲିଙ୍ଗ ସ୍ୱୀକାର କରିଥିଲେ କି ବାସ୍ତବରେ ଖାଲି ସ୍ୱାସ୍ଥ୍ୟ ବିଭାଗ ନୁହେଁ ବରଂ ଯେତେ ବିଭାଗ ଅଛି ସବୁଠାରୁ ଅଧିକ କାମ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ମାନେ କରୁଛନ୍ତି ତାହା ପୁଣି ସ୍ୱଳ୍ପ ଦରମାରେ। ସଂଘର ଉପଦେଷ୍ଟା ଜଗନ୍ନାଥ ପ୍ରଧାନ ମଧ୍ୟ ଏମାନଙ୍କ ଦାବୀ ଯୁକ୍ତିଯୁକ୍ତ ତେଣୁ ତାଙ୍କୁ ତୁରନ୍ତ ବିଚାରକୁ ନେଇ ସମାଧାନ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶେଷରେ ମାନ୍ୟବର ମନ୍ତ୍ରୀ କହିଥିଲେ କି ଆୟୁଷ୍ମାନ କାର୍ଡ ଯୋଜନା ଶୁଭାରମ୍ଭ ପରେ ନିଶ୍ଚିତ ଏହା ଉପରେ ଆଉ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ସଂଘର ପ୍ରତିନିଧିଙ୍କୁ ଧାରଣାକୁ ସ୍ଥଗିତ ରଖିବା ପାଇଁ କହିଥିଲେ। ଏଥି ସହିତ ଉପଦେଷ୍ଟା ଶ୍ରୀ ପ୍ରଧାନ ଓ ବିଧାୟକ ବାବୁ ସିଂ ସରକାରଙ୍କ ପ୍ରତିନିଧି ହିସାବରେ ଧାରଣା ସ୍ଥଳକୁ ଆସି ଆନ୍ଦୋଳନରତ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ଏହା ପରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର କର୍ମକର୍ତା ମାନେ ନିଜ ଭିତରେ ଆଲୋଚନା କରି ପ୍ରଥମ ଥର ନୂତନ ସରକାରଙ୍କୁ ବିଶ୍ୱାସକୁ ନେଇ ଦୀର୍ଘ ୧୦ ମାର୍ଚ୍ଚ ରୁ ଆରମ୍ଭ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇ ପତ୍ର ମାଧ୍ୟମରେ ସରକାରଙ୍କ ସମେତ ସମସ୍ତଙ୍କୁ ଅବଗତି କରାଇଥିଲେ।

ଗଞ୍ଜେଇ ଚୋରାଚାଲାଣ ହବ୍ ପାଲଟିଛି ସୁବର୍ଣ୍ଣପୁର

ସୁବର୍ଣ୍ଣପୁର,୪।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଏବେ ଗଞ୍ଜେଇ ଚୋରାଚାଲାଣ ପାଇଁ ପାଲଟିଛି ହବ୍। ବାହାର ରାଜ୍ୟକୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରପ୍ରଦେଶ ମଧ୍ୟରେ ଗଞ୍ଜେଇ ପହଞ୍ଚାଇବାର ମୁଖ୍ୟ ସଡ଼କ ହେଉଛି ସୁବର୍ଣ୍ଣପୁର ଜିଲ୍ଲା। କାରଣ ଭୌଗୋଳିକ ଦୃଷ୍ଟି କୋଣରୁ ସୁବର୍ଣ୍ଣପୁର ଜିଲ୍ଲାର ଘଞ୍ଚ ଜଙ୍ଗଲ ଥିବା ତରଭା ବ୍ଲକକୁ ଗୋଟିଏ ପଟେ ବୌଦ୍ଧ ଓ ଅନ୍ୟ ପଟେ କନ୍ଧମାଳ ଘେରି ରହିଛି। ଏଠାରେ ପ୍ରବଳମାତ୍ରାରେ ଗଞ୍ଜେଇ ଚାଷ ହୋଇଥାଏ। ଏଠାରେ ବଡ଼ ବଡ଼ ମାଫିଆ ମାନେ ବ୍ୟବସାୟ କରୁଥିବା ବେଳେ ଛୋଟ ଛୋଟ ଲୋକ ଅତି କମ ପରିମାଣରେ ଧରା ପଡ଼ିଥାଏ। ତରଭା, ସୋନପୁର ଅଞ୍ଚଳରେ ଅନେକ ରାଜନୈତିକ ସମ୍ପର୍କ ଥିବା ଲୋକ ମଧ୍ୟ ଟଙ୍କା ଲୋଭରେ ଏହି ବ୍ୟବସାୟ କରୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଦେଇ ଗଞ୍ଜେଇ ଚାଲାଣ ହେବା ସହ ସୁବର୍ଣ୍ଣପୁର ଜିଲ୍ଲା ଓ ବୌଦ୍ଧ ଜିଲ୍ଲା ର ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟ ସମ୍ପୃକ୍ତି ରହୁଛି। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ମଝିରେ ମଝିରେ ଧରପଗଡ଼ ମଧ୍ୟ କରୁଛି। ଏହି ବର୍ଷ ପାଖାପାଖି ୩କୋଟି ଟଙ୍କାର ଗଞ୍ଜେଇ ଧରାପଡ଼ିଛି। ଅଧିକାଂଶ ସମୟରେ ବାହାର ରାଜ୍ୟର ଦୁର୍ଦ୍ଦାନ୍ତ ଅପରାଧୀ ମାନେ ଆଧୁନିକ ଅସ୍ତ୍ର ଧରି ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଆଉ ଲୋକ ଅଭିଯୋଗ କରିଛନ୍ତି ପୋଲିସ ଓ ଅବକାରୀ ବିଭାଗ ବଡ଼ବଡିଆ ଦେଖି ଛାଡି ଦେଉଛି ବୋଲି। ବାହାର ରାଜ୍ୟରେ ଓଡିଶାରୁ ଚାଲାଣ ହେଉଥିବା ଗଞ୍ଜେଇର ଚାହିଦା ସବୁଠୁ ବେଶୀ। ଏଣୁ ମାଫିଆ ମାନେ ସୁବର୍ଣ୍ଣପୁର ଦେଇ ଗଞ୍ଜେଇ ଚାଲାଣ କରିବା ପାଇଁ ସୁବିଧା ବାଟ ପାଇଛନ୍ତି । ଏହା ଉପରେ ନଜର ରଖିବା ଅବକାରୀ ବିଭାଗ ଓ ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ଓଡ଼ିଆ ପକ୍ଷର ଚତୁର୍ଥ ଦିନରେ ନାମଫଳକ ସଚେତନତା ପଦଯାତ୍ରା

ସୁନ୍ଦରଗଡ଼,୪।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିବସରେ ଶୁକ୍ରବାର ଜିଲ୍ଲାରେ ଓଡ଼ିଆରେ ନାମଫଳକ ଲେଖାଯିବା ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ମହାଜନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗ ଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ଜନ ସଚେତନତା ସୃଷ୍ଟି କରିଥିଲା। ଏହା ସହ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆରେ ନାମଫଳକ ଲେଖି ଓଡ଼ିଆ ଭାଷାକୁ ଆହୁରି ସମୃଦ୍ଧ କରିବାକୁ ମଧ୍ୟ ସଚେତନତା କରାଯାଇଥିଲା। ସେହିଭଳି ଦୋକାନ ଓ ବ୍ୟବସାୟୀକ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆରେ ନାମ ଫଳକ ସମ୍ବନ୍ଧିତ ଓଡ଼ିଶା ସରକାରଙ୍କ ଅଧିନିୟମର କାର୍ଯ୍ୟାନ୍ୱୟନ ଏବଂ ଏହି ନିୟମର ଖିଲାପ କଲେ ଥିବା ଜରିମାନା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସଚେତନତା କରାଯାଇଥିଲା। ଏହି ଶୋଭାଯାତ୍ରାରେ ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ସହକାରୀ ଶ୍ରମ ଅଧିକାରୀ ଗୌରହରି ତାଣ୍ଡି ସୁନ ଦରଗଡ଼ ଅନ୍ୟାନ୍ୟ କର୍ମଚାରୀ, ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନ, ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେହିଭଳି ରାଉରକେଲା ମହାନଗର ନିଗମ ତଥା ଅନ୍ୟାନ୍ୟ ଅଞ୍ଚଳ ରେ ମଧ୍ୟ ଆଜି ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆରେ ନାମଫଳକ ଅଭିଯାନ ଅନ୍ତର୍ଗତ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା।

ହୁମ୍ମା ସାପ୍ତାହିକ ହାଟ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର

ଜିଲ୍ଲାପାଳଙ୍କୁ ଭେଟିଲେ ପଞ୍ଚାୟତବାସୀ

ଛତ୍ରପୁର,୪।୪(ସଂଚାର ବ୍ୟୁରୋ): ଛତ୍ରପୁର ଉପକଣ୍ଠ ହୁମ୍ମାଠାରେ ରହିଥିବା ସାପ୍ତାହିକ ହାଟ ଏବେ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ହୁମ୍ମା ପଞ୍ଚାୟତ ବାସିନ୍ଦାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ହାଟ ପୂର୍ବାବସ୍ଥା ବଜୟୀ ରଖିବା ଦାବି ନେଇ ଶୁକ୍ରବାର ହୁମ୍ମା ପଞ୍ଚାୟତବାସୀ ଗଞ୍ଜାମ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଜକୁ ଦୀର୍ଘ ୬୦ ବର୍ଷ ଧରି ହୁମ୍ମାଠାରେ ଶୁଖୁଆ ହାଟ ବସି ହେବା ଯୋଗୁ ସ୍ଥାନୀୟ ବାସିନ୍ଦା ପନିପରିବା କ୍ରୟ ବିକ୍ରୟ କରିବା ସହ ହାଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶୁଖୁଆ ଆସି ଏଠାରେ ବିକ୍ରୟ ଯୋଗୁ ଏଠାରୁ ହିଁ ରାଜସ୍ୱ ଆଦାୟ କରାଯାଇ ହୁମ୍ମା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲାଗି ଆସୁଛି । ଖାଲି ସେତିକି ନୁହେଁ ପ୍ରତି ବର୍ଷ ଏଠାରେ ହୁମ୍ମାର ଐତିହାସିକ ପଞ୍ଚୁଦୋଳ ହୋଇଆସୁଛି। କିନ୍ତୁ ଏବେ ମତ୍ସ୍ୟ ବିଭାଗକୁ ଏହା ହସ୍ତାନ୍ତର କରାଯିବା ଫଳରେ ପଞ୍ଚାୟତର ରାଜସ୍ୱ ହାନି ଘଟିବା ସହ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ବୋଲି ହୁମ୍ମା ପଞ୍ଚାୟତ ବାସିନ୍ଦା ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଗୁହାରି କରିଛନ୍ତି। ଏହା ସହ ଏକ ସ୍ମାରକ ତ୍ର ମଧ୍ୟ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ହୁମ୍ମା ପଞ୍ଚାୟତର ସରପଞ୍ଚ ଜାନକୀ ଦାସ, ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ଗଞ୍ଜାମ ବ୍ଲକର ପୂର୍ବତନ ଅଧକ୍ଷ ରଘୁନାଥ ସାହୁ, ପ୍ରଶାନ୍ତ ପରିଡ଼ା, ସୁରେନ୍ଦ୍ର ମାଳି, ଜିତେନ୍ଦ୍ର ମୁଳି, ମୋଚିରାମ ଗୌଡ଼, ଅରୁଣ ପଲାଇ, ଅନାଥ ସାହୁ ଲକ୍ଷ୍ମୀ ଦାସ, କାଳୁ ବେହେରାଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

୧୦୦ କୋଟିର କାମ ପାଇଁ ମାତ୍ର ୬ ଯନ୍ତ୍ରୀ

ନବରଙ୍ଗପୁର,୪।୪(ସଂଚାର ବ୍ୟୁରୋ): ବଦଳୁଛି ସରକାର ପରେ ସରକାର। ସରକାରୀ ଦପ୍ତରଗୁଡିକର ରଙ୍ଗ ବି ବଦଳି ଯାଉଛି। ଅଥଚ ବଦଳିପାରୁନି ପୁରୁଣା ଢାଞ୍ଚା ଆଗରୁ ଯେଉଁ ଢାଞ୍ଚାରେ ବିଭାଗର କାମ ହେଉଥିଲା, ଏବେ ବି ସେମିତି ଚାଲିଛି। ମାନବ ସମ୍ବଳ ପରିଚାଳନାରେ ଦେଖାଦେଇଛି ବ୍ୟାପକ ବଦଳିପାରୁନି ପୁରୁଣା ଢାଞ୍ଚା, ଦୁର୍ନୀତି ଅଭିଯୋଗ ନେଇ ଚର୍ଚ୍ଚାରେ ଆଇଟିଡିଏ ଅସଙ୍ଗତି। ଖୋଦ୍ ଜିଲ୍ଲା ଆଇଟିଡିଏ ବିଭାଗ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। କମ୍ ମାନବ ସମ୍ବଳରେ ଗଦା ଗଦା ଉନ୍ନୟନ କାମ। ତା ଉପରେ ଲଦି ଦିଆଯାଉଛି ଠିକା କାମ। ବର୍ଷକୁ ଶହେରୁ ଅଧିକ କୋଟିର କାମ ହେଉଛି ଏହି ବିଭାଗ ଦ୍ୱାରା। ଅଥଚ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ସମୟରେ ବିଭିନ୍ନ ନିର୍ମାଣ କାମକୁ ନେଇ ଜିଲ୍ଲାସ୍ତରୀୟ ବୈଠକଗୁଡିକରେ ତମ୍ବିତୋଫାନ ହେଉଛି। ପରବର୍ତ୍ତ ସମୟରେ ନିଆଯାଉନି କୌଣସି ପଦକ୍ଷେପ। ଅବସ୍ଥା ଯଥା ପୂର୍ବଂ ତଥା ପରଂ। ଏହାର ମୂଳ କାରଣ ହେଲା, ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରଙ୍କ ଗୋହ୍ଲା ବିଭାଗ ସାଜିଆସିଛି ଆଇଟିଡିଏ।।ଆଇଟି ଡିଏର ନିଜସ୍ୱ ପାଣ୍ଠିରୁ ଉନ୍ନୟନ କାମ ହେଉଛି। ଏଥିସହ ସାଂସଦ ଓ ବିଧାୟକ ପାଣ୍ଠିଗୁଡିକୁ ମଧ୍ୟ ଏହି ବିଭାଗ ମାଧ୍ୟମରେ ଖର୍ଚ୍ଚ କରାଯାଉଛି। କର୍ମୀମାନଙ୍କୁ ଠିକାକାମ ଦେଇ ଥଇଥାନ କରାଯାଇ ସନ୍ତୁଷ୍ଟ କରାଯାଉଛି। ଏମିତିରେ ଆଇଟିଡିଏ ବାର୍ଷିକ ପ୍ରାୟ ୧୦୦ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ କରୁଛି। ଏହାକୁ ତଦାରଖ କରିବାକୁ ଅଛନ୍ତି ମାତ୍ର ୬ ଜଣ ଇଞ୍ଜିନିୟର। ଅଥଚ ଗୋଟିଏ ଗୋଟିଏ ବ୍ଲକ ପକ୍ଷରୁ ବାର୍ଷିକ ୧୫ କୋଟିରୁ ଅଧିକ ଟଙ୍କାର ଉନ୍ନୟନ କାମ ପାଇଁ କେଉଁଠି ୪ ତ ଆଉ କେଉଁଠି ୫ ଜଣ ଲେଖାଏଁ ଇଞ୍ଜିନିୟରଙ୍କ ଆବଶ୍ୟକତା ପଡୁଛି। ଏଭଳି ଜିଲ୍ଲାର ୧୦ଟି ବ୍ଲକରେ ବାର୍ଷିକ ପ୍ରାୟ ୧୫୦ କୋଟି ଟଙ୍କାର ଉନ୍ନୟନ କାମ ହେଉଛି। ଏସବୁର ତଦାରଖ ଲାଗି ୫୦ ଜଣ ଇଞ୍ଜିନିୟର ବି ଫେଲ୍ ମାରୁଛନ୍ତି। ପ୍ରତି ବ୍ଲକରେ ଇଞ୍ଜିନିୟରଙ୍କୁ ବାଦ୍ ଦେଲେ ଜିଆରଏସ୍, ପିଇଓ ଏବଂ ଅନ୍ୟ କର୍ମଚାରୀ ମିଶିଲେ ପ୍ରାୟ ୧୫୦ ରହିଛନ୍ତି।

ଜଳିଗଲା ୭ ଏକର ଜଙ୍ଗଲ ଜମି

ନିରାକାରପୁର,୪।୪(ସଂଚାର ବ୍ୟୁରୋ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧିନସ୍ଥ ରାମେଶ୍ୱରଠାରେ ଥିବା ଜଙ୍ଗଲ ଜମିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୭ ଏକର ଜମି ଜଳି ପୋଡ଼ି ପାଉଁଶ ହୋଇଥିବା ଜଣାଯାଇଛି। ଏହି ଅଗ୍ନିକାଣ୍ଡରେ ସାପ, ଠେକୁଆ ଆଦି କିଛି ଜଙ୍ଗଲୀ ଜୀବଜନ୍ତୁ ଜଳି ପୋଡ଼ି ଯାଇଥିବା ଆଶଙ୍କା କରାଯାଉଛି। ଅନୁରୂପ ଭାବେ ଶହ ଶହ ସଂଖ୍ୟାରେ ଆକାଶିଆ, ପଟାସ, ନିମ୍ବ ସମେତ ଅନ୍ୟାନ୍ୟ ବୃକ୍ଷଲତା ଜଳି ପୋଡ଼ି ଯାଇଥିବା ମଧ୍ୟ ଜଣାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ଦାୟିତ୍ୱରେ ଥିବା କିଛି ବେସରକାରୀ ଜଙ୍ଗଲ ସୁରକ୍ଷାକର୍ମୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଟାଙ୍ଗୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

ଯୌତୁକ ନିଶା: ସ୍ୱାମୀ ମାଡ଼ରେ ସ୍ତ୍ରୀ ଓ ଶାଶୂ ଗୁରୁତର

କାମାକ୍ଷାନଗର,୪।୪(ସଂଚାର ବ୍ୟୁରୋ): ଭଲପାଇ ବାହା ହୋଇଥିଲେ। ଅନେକ ସୁନେଲି ସ୍ୱପ୍ନ ଦେଖାଇଥିଲେ। ଅନେକ ଆଶା ଦେଖାଇ ପ୍ରେମିକାରୁ ସ୍ତ୍ରୀ କରିଥିଲେ। ଘର ସଂସାର କରି ସାରା ଜୀବନ ସ୍ତ୍ରୀ ସହ ଖୁସିରେ କାଟିବେ ବୋଲି ପ୍ରତିଶ୍ରୁତି ବି ଦେଇଥିଲେ। ହେଲେ ସ୍ୱପ୍ନ ଅଧା ରହିଗଲା। କାରଣ ମୁଣ୍ଡରେ ଯୌତୁକ ନିଶା ପଶିବାରୁ ସେ କ୍ରମଶଃ ମଣିଷରୁ ପଶୁ ପାଲଟିଗଲେ। ଏଠାରେ ଆମେ ଏପରି ଏକ ପ୍ରେମ ବିବାହର କରୁଣ ପରିଣତି ସମ୍ପର୍କରେ କହୁଛି, ଯେଉଁଠିରେ ପ୍ରେମିକ ଓ ପ୍ରେମିକା ଘରୁ ଲୁଚି ପଳାଇ ପରସ୍ପରକୁ ବିବାହ କରିଥିଲେ। କିନ୍ତୁ ଭଲ ପାଇ ବିବାହ କରିଥିବା ସ୍ୱାମୀ ଯୌତୁକ ନିଶାରେ ନିଜର ସ୍ତ୍ରୀ ଓ ଶାଶୂଙ୍କୁ ନିର୍ଯାତନା ଦେବାକୁ ପଛାଇନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମରେ ଦେଖିବାକୁ ମିଳିଛି। ମହୁଲପାଳର ସରିତା ନାୟକ ୭ ବର୍ଷ ତଳେ ଉକ୍ତ ସେହି ଗ୍ରାମର ଗିରୀଶ ଚନ୍ଦ୍ର ନାୟକଙ୍କୁ ଭଲ ପାଇ ଘରୁ ଲୁଚି ପଳାଇଥିଲେ। ତା'ପରଠାରୁ କିଛି ଦିନ ଉଭୟଙ୍କ ଭିତରେ ପାରିବାରିକ ସମ୍ପର୍କ ବେଶ୍ ଭଲରେ କଟିଥିଲା। କିନ୍ତୁ କିଛି ଦିନ ଯିବା ପରେ ଗିରିଶ ମୁଣ୍ଡରେ ଯୌତୁକ ନିଶା ଚଢ଼ିଥିଲା ଓ ସେ ପତ୍ନୀ ଉପରେ ତାଙ୍କ ବାପଘରୁ ଯୌତୁକ ଆଣିବା ସକାଶେ ଚାପ ପକାଇଥିଲା। ଏପରିକି ସ୍ତ୍ରୀକୁ ଅନେକ ସମୟରେ ସେ ମାଡ଼ ମାରୁଥିଲେ। ଏପରିକି ନିକଟରେ ସେ ତାଙ୍କ ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ ବି କରିଥିଲେ। ଏହାକୁ ନେଇ କିଛି ମାସ ତଳେ ଉଭୟ ପରିବାର ମଧ୍ୟରେ ଭଦ୍ର ଲୋକଙ୍କ ମାଧ୍ୟମରେ କୋର୍ଟ ପେପରରେ ଲେଖା ହୋଇ ଆପୋଷ ବୁଝାମଣା କରାଯାଇଥିଲା। ଆଉ କେବେ ସ୍ତ୍ରୀ ସରିତା ଉପରେ ହାତ ଉଠାଇବ ନାହିଁ କି ମାଡ଼ ମାରିବାକୁ ଉକ୍ତ ପେପର୍‌ରେ ଗିରୀଶ ରାଜି ହୋଇଥିଲେ। କିନ୍ତୁ କିଛି ଦିନ ପରେ ସେ ପୁଣି ନିର୍ଯାତନା ଆରମ୍ଭ କରିଦେଇଥିଲେ।

ଯାଇ ପାରିଲାନି ଆମ୍ବୁଲାନ୍ସ ଦୋଳାରେ ବୁହାହୋଲେ ରୋଗୀ

ଅଭିଶପ୍ତ ଜୀବନ ବିତାଉଛି ଦୁର୍ଗମ ପାଜିଖାଲ

କଳାହାଣ୍ଡି,୪।୪(ସଂଚାର ବ୍ୟୁରୋ): ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନି। ଏଣୁ ଗର୍ଭବତୀ ମହିଳା ଅବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାପାଇଁ ଖଟିଆ କିମ୍ବା ଦୋଳାର ସାହାଯ୍ୟ ନେବାକୁ ପଡୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତର ଦୁର୍ଗମ ଗାଁ ପାଜିଖାଲରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଏହି ଗାଁର ସୁନ୍ଦରୁ ମାଝୀଙ୍କ ସ୍ତ୍ରୀ ମାହାରି ମାଝୀ (୪୫) କିଛିଦିନ ହେବ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେ ଗୁରୁତର ହେବା ଦେଖି ସିଙ୍ଗା ମାଝୀ, କାଳିଆ ମାଝୀ ଏବଂ କୁରୁ ମାଝୀ ପ୍ରମୁଖ ଡାକ୍ତରଖାନା ନେବାକୁ ବାହାରିଥିଲେ। ଏଥିପାଇଁ ପ୍ରାୟ ୫ କିଲୋମିଟର ଦୋଳାରେ ବୋହିବାକୁ ପଡ଼ିଥିଲା।କଳାହାଣ୍ଡି-ରାୟଗଡ଼ା ସୀମାନ୍ତ କଲ୍ୟାଣସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ସିଲେଟ-କଲ୍ୟାଣସିଂପୁର ମୁଖ୍ୟ ରାସ୍ତାକୁ ଦୋଳାରେ ଆଣିବାକୁ ପଡ଼ିଥିଲା। ସେଠାରୁ ଏକ ଘରୋଇ ଗାଡି ମାଧ୍ୟମରେ ଡାକ୍ତରଖାନା ନେଇଥିଲେ। ଏଭଳି ଅନେକ ଉଦାହରଣ ରହିଛି। ଏହି ଗ୍ରାମବାସୀଙ୍କ ପାଇଁ ଏଭଳି ସମସ

SANCHAR ସଂଚାର
ଶନିବାର ୫ ଏପ୍ରିଲ ୨୦୨୫

ନାରୀ

ଏବେ ବି ମହିଳାଙ୍କ ପ୍ରିୟ ପଥର ତିଆରି ଘରକରଣା

କୁହାଯାଏ, ସେକାଳ ପଖାଳ ଆଉନାହିଁ। ଅର୍ଥାତ୍ ପୁରୁଣା କଥା ଏବେ ବେଶ୍ ଅପ୍ରାସଙ୍ଗିକ। କିନ୍ତୁ ପଥର ଘୋରଣାର ବିରି ଓ ଚାଉଳ ବଟା ହେଉ ବା ପଥର ଶିଳ ବଟା ବେସର ଯିଏ ଏସବୁ ଖାଇଛି, ସେ ଆଜିକାଲିକା ଇଲେକ୍ଟ୍ରିକ୍ ଗ୍ରାଇଣ୍ଡରରେ ସେପରି ସୁଆଦ ଆଉ ପାଇବନି। ବିବାହ ସମୟରେ ଜାଇ ରଗଡ଼ା ରୀତି ହେଉ ବା ଝିଅ ଭାରରେ ଘୋରଣା, ପେଷଣା, ଶିଳ, ଶିଳପୁଆ ଓ ଖଲ ଆଦି ଯିବା ପରମ୍ପରା; ସେ ବୁଧେଇ ଓଷା, ଷଠୀଓଷା, ମାଣବସା ଗୁରୁବାର ହେଉ ବା ଶାମ୍ବ ଦଶମୀ, ଶିଳ ପୁଆ ବିନା ଏହି ସବୁ ପର୍ବ ଯେମିତି ଅସମ୍ପୂର୍ଣ୍ଣ। କେବଳ ସ୍ୱାଦ ବା ପରମ୍ପରା ପାଇଁ ନୁହେଁ, ଦୈନନ୍ଦିନ ଜୀବନରେ ବିଭିନ୍ନ ଘର କାମରେ ଏ ସବୁର ବ୍ୟବହାର ମହିଳାଙ୍କୁ ସୁସ୍ଥ ଓ ଫୂର୍ତ୍ତି ରଖିବାରେ ସାହାଯ୍ୟ କରୁଥିଲା। ଏବେ ମହିଳାମାନେ ଜିମ୍ ଯାଇ ଟଙ୍କା ଖର୍ଚ୍ଚ କରି ବ୍ୟାୟାମ କରୁଥିବା ବେଳେ ଆଗକାଳର ମହିଳାଙ୍କ ପାଇଁ ଢିଙ୍କି, ହେମଦସ୍ତା, ଶିଳ ଆଦି ଘରୋଇ ଜିମ୍‌ର କାମ କରୁଥିଲା।

ହଜିନି ପରମ୍ପରା

ବଢୁଛି ଆଦର

ଶୁଭକାମରେ ଲୋଡ଼ା ପଥର ସାମଗ୍ରୀ

ଜାଗମରାସ୍ଥିତ ଜଣେ ଦୋକାନୀ ସୁରେନର ପାତ୍ର କୁହନ୍ତି ଏହି ପଥର ତିଆରି ସାମଗ୍ରୀ ହେଉଛି ଘରର ଲକ୍ଷ୍ମୀ। ଏ ସବୁ ବିନା ଜଣେ କୌଣସି କାମ ଆରମ୍ଭ କରିପାରିବ ନାହିଁ। ଘରର ଶୁଭ ଦେବାଠାରୁ ଆରମ୍ଭ କରି ବାହାଘର ବ୍ରତଘର ସବୁ କାର୍ଯ୍ୟରେ ଏହାର ଖୋଜା ପଡ଼ିଥାଏ। ଧୀରେ ଧୀରେ ଏହାର ବ୍ୟବହାର କମିଯାଉଛି। ଅଧିକାଂଶ ଲୋକେ ଘରେ ଗ୍ରାଇଣ୍ଡରକୁ ବ୍ୟବହାର କରି କମ୍ ସମୟରେ କାର୍ଯ୍ୟକୁ ସାରୁଛନ୍ତି। ବିଭିନ୍ନ ଘରକରଣା ସାମଗ୍ରୀ ପାଇଁ ବଉଳମାଳା, କଳା ମୁଗୁନି, ଧଳା ବଗଡ଼ା ଭଳି ପଥରକୁ ବ୍ୟବହାର କରାଯାଏ। ପଥର ମିସ୍ତ୍ରିଙ୍କ ସଂଖ୍ୟା କମିଯାଉଥିବାରୁ ଉପକରଣ ତିଆରି କରିବାରେ କଷ୍ଟ ହେଉଛି ଯାହା ଫଳରେ ଏହାର ଦାମ୍ ଆକାଶଛୁଆଁ ରହୁଛି। ଶିଳ, ଚକି ଭଳି ଜିନିଷର ଦାମ୍ ୧୧୦୦ରୁ ୧୫୦୦ ଟଙ୍କା ରହିଥିବା ବେଳେ ଖଲଗୁଡ଼ିକ ୩୦୦ ଟଙ୍କା, ଜଳଯନ୍ତ୍ର ଚାରିଟିକୁ ୬୦୦ ଟଙ୍କା ଓ ପଦ୍ମଫୁଲ ଦାମ୍ ୮୦୦ ଟଙ୍କା ରହିଛି। ପଥରର ମୂଲ୍ୟ ଅନୁସାରେ ସାମଗ୍ରୀର ଜିନିଷ ଉପରେ ପ୍ରଭାବ ପଡ଼ିଥାଏ। ଏ ସବୁ ସାମଗ୍ରୀ ବିଶେଷ ଭାବରେ ନୀଳଗିରି, ଯାଜପୁର, ଗଞ୍ଜାମ, ନୟାଗଡ଼ ପ୍ରଭୃତି ସ୍ଥାନରୁ ଆସୁଛି।

ଉପାଦେୟ

ମହିଳାମାନେ ସାଧାରଣତଃ ବଟାବଟି କରୁଥିବାରୁ ସେମାନଙ୍କ ମାଂସପେଶୀର ଶକ୍ତି ଠିକ୍ ରହିଥାଏ। ଆଣ୍ଠୁଗଣ୍ଠି ବାତ ସମସ୍ୟା, ସ୍ପଣ୍ଡିଲାଇଟ୍, ରୁମାଟିଜିମ୍ ଭଳି ସମସ୍ୟା କମ୍ ଦେଖାଯାଏ ଏବଂ ବିଭିନ୍ନ ଚର୍ମ ସମସ୍ୟା ଓ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ। ଏବେ ଏହାର ବ୍ୟବହାର କମ୍ ହୋଇଯାଉଥିବାରୁ ମହିଳାଙ୍କ କସରତ ମଧ୍ୟ କମିଯାଉଛି। ଯାହାଫଳରେ ଏଭଳି ରୋଗ ଅଧିକ ଦେଖାଯାଉଛି। ଏହାସହିତ ପଥରରେ ମସଲା ବଟା, ଆଣରେ ସାମଗ୍ରୀର ସମସ୍ତ ପ୍ରାକୃତିକ ଅଂଶ ମିଳିଥାଏ। ମଞ୍ଜି ଓ ଶସ୍ୟର ସମସ୍ତ ଅଂଶକୁ ଆମେ ପାଇଥାଉ। ପଥର ଗ୍ରାଇଣ୍ଡର୍‌ରେ ବାଟିବାଦ୍ୱାରା ମସଲାର ତେଲକୁ ମୁକ୍ତ କରିଥାଏ ଏବଂ ଏକ ଅଦ୍ଭୁତ ମସୃଣ ଓ କ୍ରିମି ଉତ୍ପାଦ ସୃଷ୍ଟି କରିଥାଏ ଯାହା ପାଟିକୁ ସ୍ୱାଦ ଦେବାରେ ସାହାଯ୍ୟ କରିଥାଏ। ଏହା ସହିତ ବିଭିନ୍ନ ବୈଜ୍ଞାନିକମାନଙ୍କର ମତ ଯେ, ପଥର ଗ୍ରାଇଣ୍ଡିଂ ପ୍ରକ୍ରିୟାରେ ଅଧିକ ତନ୍ତୁଯୁକ୍ତ ଅଟା, ଅଧିକ ଭିଟାମିନ୍ ଓ ଖଣିଜ ପଦାର୍ଥ ଉତ୍ପନ୍ନ ହୋଇଥାଏ, ଯାହା ମନୁଷ୍ୟ ବ୍ୟବହାର ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟକର।

ନାରୀ ସଶକ୍ତୀକରଣର ନୂଆ ଧାରା

'ଦୁହିତା ମିଳନ ଉତ୍ସବ'

ନାରୀଟିଏ ଦୁଇ କୁଳକୁ ହିତା। ଏଣୁ ସେ ଉଭୟ ବାପଘର ଓ ଶାଶୂଘରକୁ ଗୁରୁତ୍ୱ ଦିଏ। ଭଲମନ୍ଦ ବୁଝିବା ସହ ଆବେଗର ଡୋରିରେ ସମସ୍ତଙ୍କୁ ବାନ୍ଧି ରଖେ। ସେଇଥିପାଇଁ ନାରୀକୁ 'ଦୁହିତା'ର ଆଖ୍ୟା ଦିଆଯାଇଛି। ହେଲେ ପରିତାପର ବିଷୟ; ଆମ ସମାଜରେ ନାରୀକୁ ଯେତିକି ସମ୍ମାନ ମିଳିବା କଥା, ସେତିକି ମିଳିନି। ଭଦ୍ରକ ଜିଲ୍ଲା ତହିଡ଼ି ବ୍ଲକ୍ ବାମନବିନ୍ଧା ପଞ୍ଚାୟତ ଅଧୀନ ଖେଦରପୁର ଗାଁ'ର ଝିଅମାନେ ବୋହୂ ହେବା ପରେ ଦାୟିତ୍ୱ ଓ କର୍ତ୍ତବ୍ୟବୋଧର ନିଦର୍ଶନ ସାଜିଛନ୍ତି। 'ଦୁହିତା' ଶବ୍ଦକୁ ସାର୍ଥକ କରିଛନ୍ତି। ବାପଘର ସହ ଶାଶୂଘରର ଭଲମନ୍ଦ କଥା ବୁଝିବା ସହ ଉଭୟ ପରିବାରର ସଦସ୍ୟଙ୍କ ସାହାରା ବନିଛନ୍ତି। ହେଲେ ସେମାନଙ୍କୁ ଆଖପାଖରେ ରହୁଥିବା ଲୋକେ ନା ଚିହ୍ନନ୍ତି ନା ସମ୍ମାନ ପ୍ରଦର୍ଶନ କରନ୍ତି। ଏପରି ସମୟରେ ଖେଦରପୁରବାସୀ ଗାଁ ଝିଅଙ୍କ ମହାନୁଭବତାକୁ ସ୍ୱୀକୃତି ଦେବା ପାଇଁ ନିଆରା ଉଦ୍ୟମଟିଏ କରିଛନ୍ତି। କଟକ ଜିଲ୍ଲା ଟାଙ୍ଗୀରେ ବିବାହ କରିଥିବା ଅନିତା ମହାନ୍ତି ଏବଂ ନିଜ ଗାଁରେ ବିବାହ କରିଥିବା ସୁଜିତା ମହାନ୍ତିଙ୍କ ଉଦ୍ୟମ ଯୋଗୁଁ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା 'ଦୁହିତା ମିଳନ ଉତ୍ସବ'। ପ୍ରତିବର୍ଷ ଡିସେମ୍ବର ମାସରେ ଉତ୍ସବ ଆୟୋଜନ ହୋଇଥାଏ। ଏଥିପାଇଁ ପ୍ରଥମେ ତାରିଖ ସ୍ଥିର ହୁଏ ଏବଂ ବିବାହିତା ଝିଅମାନଙ୍କୁ ନିମନ୍ତ୍ରଣ କରାଯାଏ। ସମସ୍ତେ ନିର୍ଦ୍ଧାରିତ ଦିନ ଗାଁରେ ପହଞ୍ଚି ଯାଆନ୍ତି। ସକାଳୁ ସଂଧ୍ୟା ଯାଏ ଆଲୋଚନା ପର୍ବଠାରୁ ଆରମ୍ଭ କରି ମିଳନ ପର୍ବ ଓ ସାଂସ୍କୃତିକ ପର୍ବ ହୋଇଥାଏ। ସମସ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରନ୍ତି। ସେହିପରି ଖାଦ୍ୟପେୟର ମଧ୍ୟ ବ୍ୟବସ୍ଥା ଥାଏ। ନିକଟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୋଟ ୫୨ ଜଣ ବିବାହିତ ଗାଁ ଝିଅ ସେଥିରେ ଯୋଗଦେଇଥିଲେ। ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ କୋହ୍ନରେ ବିବାହ କରିଥିବା ଉପଦେଷ୍ଟା ସରସ୍ୱତୀ ମହାପାତ୍ର, ଖେଦରପୁରରେ ବିବାହ କରିଥିବା ରଶ୍ମିରେଖା ମହାନ୍ତି ଏବଂ କୋହ୍ନରେ ବିବାହ କରିଥିବା ସଦସ୍ୟ କେତକୀ ପରିଡ଼ାଙ୍କ ସହ ବାଲେଶ୍ୱର ଜିଲ୍ଲା ମାର୍କୋଣାରେ ବିବାହ କରିଥିବା ସାବିତ୍ରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି। ସାମାଜିକ ସଂଗଠନ ଜିଏମ୍‌ଏସ୍‌ପି ଦ୍ୱାରା ଓଡ଼ିଶାରେ ଏକ ସର୍ଭେ କରାଯାଇଥିଲା। ସର୍ଭେ ଅନୁସାରେ, ୯୮ ପ୍ରତିଶତ ବିବାହିତା ମହିଳା ବାପଘରର ସୁବିଧାଅସୁବିଧା ବେଳେ ପାଖରେ ଛିଡ଼ା ହେଉଛନ୍ତି। ସେମାନେ ଆର୍ଥିକ ଓ ଶାରୀରିକ ସହାୟତା ଯୋଗାଉଛନ୍ତି। ଯାହା ସୁସ୍ଥ ସାମାଜିକ ଜୀବନ ଦୃଷ୍ଟିକୋଣରୁ ଉତ୍ସାହ କଲା ଭଳି ଏକ ଖବର ନିଶ୍ଚୟ। ତେବେ ଆମେ ଆଶା କରିବା, ଆଗାମୀ ଦିନ 'ଦୁହିତା ମିଳନ ଉତ୍ସବ' ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ପୁରୁଷପ୍ରାଧାନ୍ୟ ସମାଜରେ ନାରୀଙ୍କ ସ୍ଥାନ ସଂରକ୍ଷିତ ରହିବ। ସମସ୍ତେ କହିବେ, ଆମ ଝିଅ ବି କିଛି କମ୍ ନୁହେଁ।

ସୁଆଦିଆ ସରବତ

ତରଭୁଜ ସରବତ: ୨ କପ୍ ମଞ୍ଜି କଢ଼ାହୋଇ ଛୋଟ ଛୋଟ କଟା ହୋଇଥିବା ତରଭୁଜ, ୫/୬ଟି ପୁଦିନା ପତ୍ର, ଦୁଇଚାମଚ ଚିନି, ଅଳ୍ପ କଳାଲୁଣ, ଗୋଟେ ଚାମଚ ଲେମ୍ବୁରସ, ଦୁଇତିନି ଖଣ୍ଡ ବରଫ, ଅଧାକପ୍ ପାଣି ଦେଇ ଭଲରେ ଗ୍ରାଇଣ୍ଡ୍ କରିଦିଅନ୍ତୁ। ତା'ପରେ ମିଶ୍ରଣକୁ ସରୁ ଜାଲିରେ ଛାଣିଦିଅନ୍ତୁ। ଲମ୍ବା କାଚ ଗ୍ଲାସ୍‌ରେ ଅତି ଛୋଟ ଖଣ୍ଡରେ କଟା ହୋଇଥିବା କିଛି ତରଭୁଜ ଖଣ୍ଡ, ଟୁକୁଡ଼ା ବରଫ, କିଛି ଚାଟ୍ ମସଲା ଦେଇ ଆବଶ୍ୟକ ମୁତାବକ ପାଣି ମିଶାଇ ଗ୍ଲାସ୍‌ରେ ଢାଳନ୍ତୁ। ଆପଣ ଚାହିଁଲେ ଏହାକୁ ବିନା ଚିନିରେ ମଧ୍ୟ କରିପାରିବେ।

କଞ୍ଚା ଆମ୍ବ ସରବତ: ଗୋଟେଏ ମଧମ ଆକାରର ଛୋଟ ଛୋଟ କଟା କଞ୍ଚା ଆମ୍ବ, ଦୁଇ ଚାମଚ ଚିନି, ଗୋଟେ ଚା' ଚାମଚ କଳାଲୁଣ, ୧/୨ଟି କଞ୍ଚାଲଙ୍କା, ଅଧ ଚାମଚ ଭଜା ଜିରାଗୁଣ୍ଡ, କିଛି ପୋଦିନା ବା ଧନିଆ ପତ୍ର, କିଛି ବରଫ ଖଣ୍ଡ ପକାଇ ଗ୍ରାଇଣ୍ଡ୍ କରିନିଅନ୍ତୁ। ମିଶ୍ରଣକୁ ଛାଣି ଦିଅନ୍ତୁ। ଏହି ଖଦଡ଼ା ଅଂଶକୁ ଚଟଣୀ ବା ଖଟାରେ ବ୍ୟବହାର କରିପାରିବେ। ଚିନି, ଲୁଣ ପରଖି ନିଅନ୍ତୁ। ଗ୍ଲାସରେ ବରଫ ଖଣ୍ଡ ପକେଇ ପରିବେଷଣ କରନ୍ତୁ। ଛୋଟ ପିଲାଙ୍କ ପାଇଁ କରୁଥିଲେ ଲଙ୍କା ପକାଇବେନି। ତୋତାପୁରୀ ଶ୍ରେଣୀୟ ମାଂସଳ ଆମ୍ବରେ ଏହି ସରବତଟି ଭଲ ହୁଏ। ଆମ୍ ପନ୍ନା ପରି ଆମ୍ବକୁ ନ ସିଝେଇ ବି ଚଟାପଟ୍ ଏମିତି ବନେଇପାରିବେ।

ଲେମନ୍ ମିଣ୍ଟ୍ ସରବତ: ଗୋଟେ କାଚ ଗ୍ଲାସ୍‌ରେ କିଛି ସରୁସରୁ କଟା ଲେମ୍ବୁ ସ୍ଲାଇସ୍, ୩/୪ଟି ପୁଦିନା ପତ୍ର, ଗୋଟେ ବଡ଼ ଚାମଚ ଚିନି ନେଇ କାଠ ଚାମଚରେ ଛେଚିଲା ପରି କ୍ରସ୍ କରନ୍ତୁ, ଯେପରି ଲେମ୍ବୁ ଓ ପୋଦିନାର ସ୍ୱାଦ ଓ ବାସ୍ନା ଭଲରେ ଆସିବ। କେହି କେହି 'ପୋଲୋ' ଚକୋଲେଟ୍‌କୁ ସର୍ବତ ପ୍ରସ୍ତୁତିରେ ବ୍ୟବହାର କରନ୍ତି। ଏଥର ଗ୍ଲାସ୍‌ରେ ଦୁଇତିନି ଖଣ୍ଡ ବରଫ ଦିଅନ୍ତୁ ଏବଂ ଏହା ଉପରେ ବଜାରରେ ମିଳୁଥିବା ସାଦା ସୋଡ଼ା ବା ସ୍ପ୍ରାଇଟ୍ ଢାଳି ଉପରେ ପୋଦିନା ପତ୍ର ପକାଇ ପରିବେଷଣ କରନ୍ତୁ 'ଭର୍ଜିନ୍ ମୋହିତୋ'।

ଗୁଡ଼ ପଣା: ଭଲ ଗୁଡ଼ ଦୁଇତିନି ବଡ଼ ଚାମଚ, ତିନି ଚାରିଟି ପୋଦିନା ପତ୍ର, ଅଳ୍ପ କଳାଲୁଣ, ଗୋଟେ ଚାମଚ ଲେମ୍ବୁରସ, କିଛି ଟୁକୁରା ବରଫ ମିଶେଇ ଗ୍ରାଇଣ୍ଡ୍ କରନ୍ତୁ। ଏଥରେ ଥଣ୍ଡା ପାଣି ମିଶେଇ ଗ୍ଲାସ୍‌ରେ ପରିବେଷଣ କରନ୍ତୁ ଗୁଡ଼ ପଣା। ଆଗ କାଳରେ ଖରାରେ ବାହାରୁ ଘରକୁ ଫେରିଲେ ଗୁଡ଼ଟେଲା ସହ ପାଣିଗ୍ଲାସେ ଦିଆଯାଉଥିଲା ଖରା ତାତିରୁ ଉପଶମ ପାଇବା ପାଇଁ।

ମସଲା ଦହି ସରବତ: ଚାରି ଚାମଚ ବସା ଦହି, ଗୋଟେ କଞ୍ଚାଲଙ୍କା, ଟୁକୁରାଏ ଅଦା, ଦୁଇତିନିଟି ପୋଦିନା ପତ୍ର ଓ ଧନିଆ ପତ୍ର, ଛୋଟ ଚା' ଚାମଚ ଚାଟ୍ ମସଲା, ଛୋଟ ଚା' ଚାମଚ ଭଜା ଜିରାଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ/ କଳାଲୁଣ, କିଛି ବରଫ ଖଣ୍ଡ ମିଶାଇ ଗ୍ରାଇଣ୍ଡ୍ କରନ୍ତୁ। ଥଣ୍ଡା ପାଣି ମିଶେଇ ଗ୍ଲାସ୍‌ରେ ଢାଳି ପରିବେଷଣ କରନ୍ତୁ। ଏହି ମସଲା ସର୍ବତ୍ ପିଇଲେ ଗରମରୁ ମୁକ୍ତି ମିଳିବା ସହିତ ଭୋକ ମଧ୍ୟ ନିୟନ୍ତ୍ରଣ ହୁଏ।

ଛତୁଆ ପଣା: ଭଲ ବୁଟ ଛତୁଆ ଦୁଇ ବଡ଼ ଚାମଚ, ଅଳ୍ପ ଧନିଆପତ୍ର ଓ ପୋଦିନା ପତ୍ର କଟା, ଗୋଟେ ଚାମଚ ଲେମ୍ବୁରସ, ଅଳ୍ପ ଲଙ୍କାଗୁଣ୍ଡ/ କଞ୍ଚାଲଙ୍କା/ ଗୋଲମରିଚ ଗୁଣ୍ଡ, ଅଧା ଚା' ଚାମଚ ଜିରାଗୁଣ୍ଡ, ଟିକେ କଳାଲୁଣ ସବୁ ମିଶେଇ କାଚଗ୍ଲାସ୍‌ରେ ରଖି ଏକ କାଠ ଚାମଚରେ କ୍ରସ୍ କରିଦିଅନ୍ତୁ। ତା'ପରେ ସେଥିରେ ପାଣି ମିଶାନ୍ତୁ। ଚାହିଁଲେ ପାଣିଆ ବା ବହଳିଆ ପଣା କରିପାରିବେ। ଉଭୟ ଭୋକ ଓ ଶୋଷ ମେଣ୍ଟାଇବା ପାଇଁ ଏହି ପଣା ଏକ ଉପଯୁକ୍ତ ବିକଳ୍ପ।

ସର୍ବତ୍ ପରିବେଷଣ କରିବା ପାଇଁ ଆପଣ ଚାହିଁଲେ ଦୁଇତିନି ଚାମଚ ଗୁଣ୍ଡ ଚିନି, ଅଳ୍ପ ଲୁଣ, କିଛି ଲଙ୍କାଗୁଣ୍ଡ ମିଶେଇକି ଗୋଟେ ଚଟକା ପ୍ଲେଟ୍‌ରେ ରଖି ସର୍ବତ୍ ଢାଳିବା ପୂର୍ବରୁ ଗ୍ଲାସ୍‌ର ଅଗ୍ରଭାଗକୁ ସେଥିରେ ବୁଡ଼େଇ ଦିଅନ୍ତୁ। ପରେ ସର୍ବତ୍ ଢାଳନ୍ତୁ, ଦେଖିବାକୁ ଭଲ ଲାଗିବ। ବଜାରରେ ମିଳୁଥିବା ସୁନ୍ଦର ସୁନ୍ଦର ଷ୍ଟ୍ରକ୍' ଓ ସରୁ କଟା ଲେମ୍ବୁ ସ୍ଲାଇସ୍‌ରେ ଗ୍ଲାସ୍‌କୁ ସଜେଇ ସରବତ ପରଷିଲେ ଅତିଥି ଖୁସିହେବେ।

କର୍ପୋରେଟ୍‌ରେ ମହିଳାଙ୍କ ଦଖଲ

ଏବେ ମହିଳାମାନଙ୍କ ଭାଗୀଦାରି ପ୍ରତ୍ୟେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଳାଇ ମହିଳାମାନେ ଚାଲୁଛନ୍ତି। ଘରକାମ ବ୍ୟତୀତ ମହିଳାମାନେ ଚାକିରି, ଉଡ଼ାଜାହଜ ଉଡ଼ାଣରେ ପୁରୁଷମାନଙ୍କୁ ପଛରେ ପକାଇବା ପୁରୁଣା ହୋଇଗଲାଣି। ଏବେ ବ୍ୟବସାୟ ତଥା କର୍ପୋରେଟ୍ କ୍ଷେତ୍ରରେ ମହିଳାମାନଙ୍କ ଆଖିଦୃଶିଆ ଉପସ୍ଥାନ ଦେଖିବାକୁ ମିଳିଲାଣି। କେବଳ ସାଧାରଣ କର୍ମଚାରୀ ନୁହନ୍ତି ବରଂ ସବୁ ବର୍ଗର ମହିଳାଙ୍କ ସଂଖ୍ୟା ବଢୁଛି। 'ହର୍‌କି' ନାମକ ସଂସ୍ଥା ପକ୍ଷରୁ ହୋଇଥିବା ଏକ ଗବେଷଣା ଅନୁସାରେ, ୨୦୨୧ ପରଠାରୁ ଏହି ସଂଖ୍ୟାରେ ଉନ୍ନତି ଘଟିଛି। କର୍ପୋରେଟ୍ ଜଗତ ଶ୍ରମ ଶକ୍ତିରେ ମହିଳାମାନଙ୍କ ଅଂଶ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨-୨୩ ମଧ୍ୟରେ ପ୍ରାୟ ୩୦୦ କମ୍ପାନିରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାହୋଇଛି ବୋଲି ହର୍‌କି ପକ୍ଷରୁ କୁହାଯାଇଛି। ୨୦୨୧ ତୁଳନାରେ ଏଥିରେ ୧୭ ପ୍ରତିଶତ ବୃଦ୍ଧି ଘଟିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ବରିଷ୍ଠ ତଥା ନେତୃତ୍ୱ ବର୍ଗର ମହିଳାମାନଙ୍କର ୩୭ ପ୍ରତିଶତର ସବୁଠୁ ବଡ଼ ଭାଗ ରହିଛି।

ଅନେକ କମ୍ପାନିଙ୍କ ମତରେ, ସେମାନେ ଲିଙ୍ଗଗତ ବିବିଧତା ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରି ନିଯୁକ୍ତି ଦେଉଛନ୍ତି। ସେହି ଆଧାରରେ ମହିଳା କର୍ମଚାରୀଙ୍କ ନିଯୁକ୍ତିରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି। ଏହାସହିତ ମହିଳାମାନଙ୍କ ଅବସର ସମୟରେ ରୋଜଗାର ପାଇଁ ୫୭ ପ୍ରତିଶତ ବଡ଼ କମ୍ପାନି ଏବଂ ୪୩ ପ୍ରତିଶତ ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୫୧ ପ୍ରତିଶତ ସଂସ୍ଥା ମହିଳାମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ନିଯୁକ୍ତି ପ୍ଲାଟ୍‌ଫର୍ମ ସହିତ ଯୋଡ଼ି ହୋଇଛନ୍ତି। ତେବେ କଥା ହେଉଛି, କୋଭିଡ୍ ସମୟରେ ଘରୁ କାମ କରିବାର ଅଭ୍ୟାସ ଏବେ ପ୍ରାୟ କୌଣସି ମହିଳାଙ୍କ ପସନ୍ଦଯୋଗ୍ୟ ହୋଇରହିନାହିଁ। ୨୦୧୯ରେ ୱର୍କ ଫ୍ରମ୍ ହୋମ୍ ହାର ୫୯ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ସବୁଠାରୁ ନଗଣ୍ୟ ସ୍ତରରେ ରହିଛି। ତେବେ କର୍ପୋରେଟ୍ ଜଗତରେ ମହିଳାମାନଙ୍କ ଭାଗୀଦାରି ବଢ଼ିବା ନିଶ୍ଚିତ ପକ୍ଷେ ଅର୍ଥନୀତି ପାଇଁ ଶୁଭଙ୍କର।

ଚମକିବ ପୁରୁଣା ଗହଣା

- ସୁନା କିମ୍ବା ରୂପା ଅଳଙ୍କାରକୁ ଚମକାଇବା ଲାଗି ଏକ ପାତ୍ରରେ କପେ ପାଣି ନିଅନ୍ତୁ। ଏଥିରେ କିଛି ଡିସ୍‌ୱାସ୍ ପାଉଡର୍, ଗୋଟେ ଚାମଚ ହଳଦୀ ଗୁଣ୍ଡ ପକାଇ ପାଣିକୁ ଦୁଇତିନି ମିନିଟ୍ ଗ୍ୟାସ୍‌ରେ ଫୁଟାଇ ଥଣ୍ଡା କରନ୍ତୁ। କିଛି ସମୟ ରଖିଲା ପରେ ବ୍ରଶ୍ ସାହାଯ୍ୟରେ ଘଷି ଅଳଙ୍କାରରେ ଜମା ହୋଇଥିବା ମଇଳା ସଫା କରନ୍ତୁ।
- ପୁରୁଣା ଗହଣାର ଚମକ ଫେରାଇ ଆଣିବା ଲାଗି ଟୁଥ୍‌ପେଷ୍ଟ ବ୍ୟବହାର କରିପାରିବେ। ଗହଣାରେ ଟୁଥ୍‌ପେଷ୍ଟ ଲଗାଇ ପନ୍ଦର ମିନିଟ୍ ପରେ ଟୁଥ୍‌ବ୍ରଶ୍ ସାହାଯ୍ୟରେ ଏହାକୁ ଭଲଭାବେ ଘଷନ୍ତୁ। ମଇଳା ଛାଡ଼ିଯିବ, ଗହଣାର ଚମକ ଫେରିଆସିବ।
- କିଛି ଗହଣାରେ ଆପଣ ପାରମ୍ପରିକ ଉପାୟରେ ଲୁଣ ଘଷି ବା ଲୁଣପାଣି ବ୍ୟବହାର କରି ସଫା କରିପାରିବେ।
- ଗୋଟିଏ ଗିନାରେ ଗରମ ପାଣି ନେଇ ଲେମ୍ବୁ ରସ ପକାନ୍ତୁ। ଏହାପରେ ସେଥିରେ ଲିକ୍ୱିଡ୍ ଡିସ୍ ୱାସ୍ ମିଶାନ୍ତୁ। ଏହି ମିଶ୍ରଣରେ ଗହଣାକୁ ପକାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଟୁଥ୍‌ବ୍ରଶ୍ ସାହାଯ୍ୟରେ ଗହଣାକୁ ଘଷି ସଫା କରନ୍ତୁ। ଚମକ ଫେରି ଆସିବ।
- ଗହଣାକୁ ସବୁବେଳେ ଅଲଗା ଅଲଗା ରଖନ୍ତୁ। ସେଥିପାଇଁ ଭିନ୍ନ ପାଉଚ୍, ଡବା ଇତ୍ୟାଦି ବ୍ୟବହାର କରନ୍ତୁ। ଦାମିକା ଗହଣାକୁ ଭେଲ୍‌ଭେଟ୍ କପଡ଼ାରେ ଗୁଡ଼େଇ ବା ଭେଲ୍‌ଭେଟ୍ ବାକ୍ସରେ ରଖିଲେ ଜଡ଼ାଉ ବା ପଥରବସା ଗହଣାର ଚମକ ଅକ୍ଷୁଣ୍ଣ ରହେ। ସବୁବେଳେ ପର୍‌ଫ୍ୟୁମ୍ ଲଗାଇ ସାରି ଇମିଟେସନ୍ ଗହଣା ପିନ୍ଧନ୍ତୁ।

ଜିଲ୍ଲା ୱେବ ମିଡିଆ ସଂଘର ସାଧାରଣ ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର,୪।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ୱେବ ମିଡ଼ିଆ ସଙ୍ଘ ପକ୍ଷରୁ ଶୁକ୍ରବାର ସୋନପୁର ସଦର ପ୍ରୋଗ୍ରେସିନ ହୋଟେଲ ଠାରେ ସଙ୍ଘ ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଜିଲ୍ଲାରେ ସଙ୍ଘ କିପରି ତାର ଭୂମିକା ନିର୍ବାହ କରିବ ଓ ୱେବ ମିଡ଼ିଆ ର କର୍ମକର୍ତ୍ତା ମାନେ କିପରି ତାଙ୍କର କର୍ତ୍ତବ୍ୟ ନିର୍ବାହ କରିବେ ସେ ଦିଗରେ ଆଲୋଚନା ହୋଇଥିଲା। ପରେ ସଙ୍ଘ ର ବରିଷ୍ଠ ସାମ୍ବାଦିକ ରାଜେଶ ସେଠି ନିର୍ବାଚନ ଅଧ୍ୟକ୍ଷ ଭାବରେ ରହିଥିବା ବେଳେ ନୂତନ ଭାବେ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ତେବେ ସଭାପତି ଭାବେ ପୁଣି ଥରେ ପିତାମ୍ବର ମହାପାତ୍ର ଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଶାନ୍ତ ସେଠୀ, ପ୍ରହ୍ଲାଦ ଦାସ, ଆର୍ତ୍ତତ୍ରାଣ ପାଣିଗ୍ରାହୀ ଓ ସମ୍ପାଦକ ଭାବେ ଶରତ ମହାପାତ୍ର ଚୟନ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଗୁରୁଦେବ ମେହେର ଓ ମୁରଲୀ ସାହୁ ସେହିପରି କୋଷାଧ୍ୟକ୍ଷ ଭାବେ ପୁଣି ଥରେ ସଞ୍ଜୟ ସାହୁ ଙ୍କୁ ଚୟନ କରାଯାଇଥିଲା। ତେବେ ଉପଦେଷ୍ଟା ମଣ୍ଡଳୀ ରେ ତୀର୍ଥବାସି ପଣ୍ଡା, ରାଜେଶ ସେଠି, ଆଶୁତୋଷ ପୂଜାହାରି, ସହଦେବ ମେହେର ଙ୍କୁ ସଙ୍ଘ ପକ୍ଷରୁ ଚୟନ କରାଯାଇଥିବା ସଭାପତି ସୂଚନା ଦେଇଥିଲେ। ତେବେ ଏହି ବୈଠକରେ ସମସ୍ତ ବ୍ଲକ ରୁ ରଞ୍ଜନ ହୋତା, ଭାସ୍କର ବାବୁ ଶ୍ରଦ୍ଧାକର ଦାସ, ରାମ ଭକ୍ତ ଷଡ଼ଙ୍ଗୀ, ପୁର୍ଣ୍ଣଚନ୍ଦ୍ର ପଣ୍ଡା, ନରେଶ ପଧାନ, ସୁଦାମ ମେହେର, ରଞ୍ଜନ ବାରିକ, ଉମାକାନ୍ତ ବାଘ, ଅବକାଶ ବିଦ୍ୟାଧର, ରାଜୀବ ମିଶ୍ର, ସୁଶାନ୍ତ ପଣ୍ଡା, କିଶୋର ସାହୁ, ସୁଶାନ୍ତ ସାହୁ, ପବିତ୍ର ସିଂ ବରିହା, ମାନଭଞ୍ଜନ ପୂଝାରୀ, ସର୍ଜନ ପାଣ୍ଡେ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ସଭ୍ୟ ଯୋଗ ଦେଇ ବୈଠକ କୁ ସଫଳ କରିଥିଲେ ।

ଥଣ୍ଡା ପାନୀୟ ନା ବିଷ ; ଅଧିକାଂଶ କମ୍ପାନୀର ନାହିଁ ମାନ

● ନିଘୋଡ଼ ନିଦରେ ଫୁଡ୍ ଇନ୍ସପେକ୍ଟର

କଳାହାଣ୍ଡି,୪।୪(ସଂଚାର ବ୍ୟୁରୋ): ଖରାଦିନ ଆସିଲେ ଯେଉଁଠି ସେଠି ଥଣ୍ଡାପାନୀୟ। ନାନା ରକମର ଥଣ୍ଡାପାନୀୟ ଲୋକେ ପିଇଥାନ୍ତି। ଏହାର ସୁଯୋଗ ନେଇ ବିଭିନ୍ନ ନାମରେ କୋଲ୍ଡ ଡ୍ରିଙ୍କସ୍ ବଜାରରେ ମିଳୁଥିବାବେଳେ ଏହା ଆମପାଇଁ ସ୍ଲୋ ପଏଜନର କାମ କରୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଛତୁ ଫୁଟିଲା ଭଳି କୋଲ୍ଡ ଡ୍ରିଙ୍କସ୍ ସବୁ ଦୋକାନରେ ମିଳୁଥିବାବେଳେ ଏହାର ଯାଞ୍ଚ କରିବା ପାଇଁ ଫୁଡ୍ ଇନ୍ସପେକ୍ଟର ଆସୁନାହାନ୍ତି। ଦୋକାନରେ ମିଳୁଥିବା ଥଣ୍ଡା ପାନୀୟର ମାନକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଦୋକାନର ଲୋକାଲ ମେଡ୍ ଥଣ୍ଡା ପାନୀୟ ସବୁ ମିଳୁଥିବା ବ ବେଳେ କିଛି ଟଙ୍କାଦେଇ ଲୋକେ ଏହାକୁ କିଣି ପିଉଛନ୍ତି। ଏହାର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭହେଉଥିବାରୁ ସମେସ୍ତ ଏହାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ଥଣ୍ଡାପାନୀୟର କୌଣସି ମାନ ନାହିଁ। ଏପରିକି ଏହାକୁ ପ୍ରସ୍ତୁତ କରୁଥିବା କିଛି ସଂସ୍ଥା ତାର ଏକ୍ସପାୟରୀ ଡେଟ୍ ମଧ୍ୟ ଉଲ୍ଲେଖ କରୁନାହାନ୍ତି ଓ ଦୋମାନୀମାନେ ମଧ୍ୟ ଏହାକୁ ମାସମାସ ଫ୍ରିଜରରେ ରଖି ବିକ୍ରି କରୁଛନ୍ତି ଓ ଜନସାଧାରଣ ଏହି ସବୁ ବିଷୟରୁ ଅଜ୍ଞାରହି କିଣି ପିଉଛନ୍ତି। ଦୁଃଖର କଥାଯେ ଧର୍ମଗଡ଼ ସହରରେ ଖୋଲା ଖୋଲି ଭାବେ ଏହି ବେପାର ଚାଲିଥିବାବେଳେ ଖାଦ୍ୟ ନିରାପତ୍ତା ଅଧିକାରୀ ବା ଫୁଡ୍ ଇନ୍ସପେକ୍ଟର ଏହାକୁ ଯାଞ୍ଚ କରୁନାହାନ୍ତି ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ଏହି ବେପାରୀମା ମନଇଚ୍ଛା ତାଙ୍କର ବେପାର ଚଳାଇଛନ୍ତି। ଖାଦ୍ୟ ନିରାପତ୍ତା ଅଧିକାରୀ ଏ ଦିଗରେ ଧ୍ୟାନ ଦେଇ ଧର୍ମଗଡ଼ ସହର ତଥା ଗାଁ ମାନଙ୍କ ରେ ଥିବା ଦୋକାନରେ ଚଢ଼ଉ କରିବାକୁ ଦାବି ହେଉଛି।

ଓଡିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ନୀଳଗିରି,୪।୪(ସଂଚାର ବ୍ୟୁରୋ): ଓଡିଆ ପକ୍ଷ ପାଳନ ଅବସରରେ ଓଡିଶାସରକାରଙ୍କ ଶ୍ରମ ଓ କର୍ମଚାରି ରାଜ୍ୟ ବୀମାବିଭାଗ ଦ୍ୱାରା ବାଲେଶ୍ୱର ଜିଲ୍ଲା ଶ୍ରମବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ଓଡିଆରେ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳ ୯ ଘଟିକାରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ସଚେତନତା ପଦଯାତ୍ରା ବାହାରି ବଜାର ପରିକ୍ରମା କରିସାରିବା ପରେ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସଚେତନତାର ପ୍ଲାକାର୍ଡ ସହିତ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବିଶେଷକରି ଓଡ଼ିଆଭାଷାକୁ ଉଦ୍ଭାବିତ କରିବା ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ କୁହାଯାଉଥିବା ବେଳେ ପ୍ରତ୍ୟକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଘରୋଇ ସଂସ୍ଥାରେ ବ୍ୟବହୃତ ନାମ ଫଳକ ଇଂରାଜୀ ବା ଅନ୍ୟ ଭାଷାରେ ନ ଲେଖି ଓଡ଼ିଆ ଭାଷାରେ ଲେଖିବାକୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳଗିରି ସହକାରୀ ଶ୍ରମଅଧିକାରୀ ଶ୍ରୀହରି ସ୍ୱୟଂ ସାମଲ, କର୍ମଚାରୀ ମଧୁସୂଦନ ଷଣ୍ଢ, ସରୋଜିନୀ ନାୟକ, ମହାବୀର ନିର୍ମାଣ ଶ୍ରମିକସଂଘର ସଭାପତି କେଶବ ଲେଙ୍କା, ସମ୍ପାଦକ କୈଳାଶ ଚନ୍ଦ୍ର ଲେଙ୍କା, ଯଦୁନାଥ ବେହେରା, ରାଜେନ୍ଦ୍ର ଜେନା, ନାରୀନେତ୍ରୀ ସଂଯୁକ୍ତା ଓଝା, ନିରଞ୍ଜନ ମହୁରୀ, ସୁରେନ୍ଦ୍ର ବିଶ୍ୱାଳ, ନୃସିଂହ ନାୟକ, ବାପୁନୁ ସିଂ, ବାଦଲ ସିଂ, ଶକୁନ୍ତଳା ବାରିକ, ଭୀମ ପାତ୍ର, ସରୋଜିନୀ ସିଂ, ଗୋପାଳ ପାତ୍ର, ଭାରତ ପାତ୍ର ପ୍ରମୁଖ ନୀଳଗିରି ଅଞ୍ଚଳର ବହୁ ନିର୍ମାଣ ଶ୍ରମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଶହୀଦ ରଘୁ-ଦିବାକରଙ୍କ ଆତ୍ମବଳିଦାନ ଅତୁଳନୀୟ

ରାଜଧାନୀରେ ପ୍ରତିଷ୍ଠା ହେବ ଭବ୍ୟ ପ୍ରତିମୂର୍ତ୍ତି-ବାଚସ୍ପତି

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରଣପୁର ପ୍ରଜା ଆନ୍ଦୋଳନରେ ଶହୀଦ ହୋଇଥିବା ଯୁବ ଅମ୍ଲାନ କବି, ବିପ୍ଳବୀ, ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଶହୀଦ ରଘୁ-ଦିବାକରଙ୍କ ୮୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ମାନନୀୟା ବାଚସ୍ପତି ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ତଥା ସଂଯୋଜକ ଭାବରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂଗଠନର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ପ୍ରାଣ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବରେ ସରକାରଙ୍କ ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହ ଶହୀଦଙ୍କ ଦେଶ ମାତୃକା ପ୍ରତି ଥିବା ସମର୍ପିତ ପ୍ରାଣ, ନିଷ୍ଠା ତଥା ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ମାନନୀୟା ବାଚସ୍ପତି ଶ୍ରୀମତୀ ପାଢ଼ୀ ତତ୍କାଳୀନ ରାଜାଙ୍କ ଅତ୍ୟାଚାର ବିରୋଧରେ ଶହଦୀ ରଘୁ-ଦିବାକରଙ୍କ ସଂଗ୍ରାମ ଆଜିବି ସ୍ୱତନ୍ତ୍ର ଭାବରେ ସମସ୍ତଙ୍କ ହୃଦୟରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଦ୍ୟୁମ୍ନ ବାବୁ ରାଜଧାନୀରେ ଶହୀଦଙ୍କ ଭବ୍ୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ସରକାର ଓ ମାନନୀୟା ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ରାଜଧାନୀରେ ଶହୀଦଙ୍କ ଭବ୍ୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବାଚସ୍ପତି ଦୃଢ଼ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଇକଗୁରୁ କବିରାଜ ପ୍ରଧାନ, ସାମ୍ବାଦିକ ବିଜ୍ଞାନ କୁମାର ବିଶ୍ୱାଳଙ୍କୁ ଶହୀଦ ରଘୁ-ଦିବାକର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରମେଶ ପାତାଳ ସିଂ, ଗିରିଜା ମହାପାତ୍ର, ନାରାୟଣ ଖୁଣ୍ଟିଆ, କବି ରାମଚନ୍ଦ୍ର ଦାଶ, ରାଧାମୋହନ ମହାପାତ୍ର, ମନୋରଞ୍ଜନ ମହାନ୍ତି, ସୀତାଂଶୁ ଶେଖର ମହାରଣା, କଣ୍ଟୁରା ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରି ଥିଲେ।

ରଙ୍ଗ ତୂଳୀରେ ରୁକୁଣା ରଥ



ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଆଜି ଅଶୋକାଷ୍ଟମୀ। ଏକାମ୍ର ଅଧୀଶ୍ୱର ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏ ଥିପାଇଁ ଉତ୍ସବ ମୁଖରିତ ହୋଇ ଉଠିଛି ଏକାମ୍ରକ୍ଷେତ୍ର। ସମଗ୍ର ପରିବେଶ ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ ଗୁଞ୍ଜରିତ ହୋଇ ଉଠିବ। ଭଉଣୀକୁ ସାଙ୍ଗରେ ନେଇ ମାଉସୀ ଘରକୁ ଯିବେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ। ରୁକୁଣା ରଥରେ ବିଜେ କରି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିବେ। ସାଙ୍ଗରେ ଦୋଳଗୋବିନ୍ଦ ଏବଂ ଭଉଣୀ ରୁକୁଣୀ ମଧ୍ୟ ବିରାଜମାନ କରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାକ୍ତିସ୍ୱରୂପ ଶ୍ରଦ୍ଧା ଓ ଭକ୍ତିର ସହ ରଙ୍ଗ ତୂଳୀରେ ମହାପ୍ରଭୁଙ୍କ ରୁକୁଣା ରଥର ଚିତ୍ର ଆଙ୍କି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଶୁଭକାମନା ଜଣାଇଛନ୍ତି।

ପୋଖରୀରେ ବୁଡି ନାବାଳିକାଙ୍କ ମୃତ୍ୟୁ

କଣାସ,୪।୪(ସଂଚାର ବ୍ୟୁରୋ): କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର ଆଳିବାଡ ଗ୍ରାମର ପ୍ରଦିପ ପରିଡ଼ାଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ସାନ ଝିଅ ପ୍ରଜ୍ଞାସିନୀ ପରିଡ଼ା ଗତକାଲି ପୋଖରୀରେ ଗାଧୋଉଥିବାବେଳେ ବୁଡିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରଜ୍ଞାସିନୀଗ୍ରାମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସକାଳୁଆ ସ୍କୁଲ ହୋଇଯାଇଥିବାରୁ ପ୍ରଭାତରୁ ଗ୍ରାମ ପୋଖରୀକୁ ଗାଧୋଇ ଯାଇଥିଲା। ଗାଧୋଇବା ସମୟରେ ଗଭୀର ଜଳକୁ ଚାଲିଯିବାରୁ ବୁଡିଯାଇଥିଲା। କିଛି ସମୟ ଧରି ଝିଅ ଘରକୁ ନଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜା ଖୋଜି କରି ଝିଅର ନିଖୋଜ ଶରୀର ପାଇବା ପରେ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ପ୍ରଜ୍ଞାସିନୀର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ।

ବନ ବିଭାଗ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ

ବେତନଟୀ,୪।୪(ସଂଚାର ବ୍ୟୁରୋ): ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ବେତନଟୀ ବନ ବିଭାଗ ପକ୍ଷରୁ ଶୁକ୍ରବାର ଦିନ କାର୍ଯ୍ୟାଳୟ ସମ୍ମୁଖରେ ଜଳ ଛତ୍ର ବ୍ୟବସ୍ଥାର ଶୁଭାରମ୍ଭ ହୋଇଯାଇଛି। ଏହି ଜଳଛତ୍ରକୁ ବେତନଟୀ ବନ ଉପଖଣ୍ଡ ରେଞ୍ଜର ମନଓ୍ୱର ଖାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ପ୍ରବଳ ଗରମରେ ବାହାରୁ ବେତନଟୀକୁ ଆସୁଥିବା ପଥଚାରୀମାନେ ଶୋଷ ଲାଗିଲେ ବନ ବିଭାଗ ସମ୍ମୁଖରେ ମାଠିଆରେ ଥିବା ଥଣ୍ଡା ପାନୀୟ ଜଳର ସୁବିଧା ପାଇପାରିବେ। ଏହି ସେବାର ଶୁଭାରମ୍ଭ ସମୟରେ ବେତନଟୀ ଫରେଷ୍ଟର ପ୍ରଶାନ୍ତ ସିଂଙ୍କ ବନ ବିଭାଗ ଅଧୀନ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ପରମ୍ପରା ସମୃଦ୍ଧି ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

ନାମଫଳକ ଅଭିଯାନ ନିମନ୍ତେ ପଦଯାତ୍ରା

ସୁବର୍ଣ୍ଣପୁର,୪।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌର ପରିଷଦ, ବିନିକା ଏବଂ ତରଭା ବିଜ୍ଞାପିତ ଅଞ୍ଚଳରେ ଶ୍ରମ ବିଭାଗ ସୁବର୍ଣ୍ଣପୁର ଓ ଜିଲ୍ଲା ପ୍ରଶାସନ ର ମିଳିତ ଅନୁକୂଲ୍ୟରେ ଓଡିଶା ପକ୍ଷ ପାଳନ ଅବସରରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ସଚେତନତା ପଦଯାତ୍ରା କରାଯାଇଥିଲା ଓ ସୋନପୁରରେ କରାଯାଇଥିବା ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମଝି ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ ଋଷି ମାଝୀ, ଆଞ୍ଚଳିକ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ଓ ସମସ୍ତ ଟ୍ରେଡ଼ ୟୁନିଅନ ର କର୍ମକର୍ତ୍ତା ଯୋଗ ଦେଇଥିଲେ ଓ ସେହିପରି ବିନିକା ବିଜ୍ଞାପିତ ଅଞ୍ଚଳରେ କରାଯାଇଥିବା ସଚେତନତା ପଦଯାତ୍ରାରେ ବିନିକା ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ଭୁଏ, ମୁଖ୍ୟ ଅତିଥି ନିର୍ବାହୀ ଅଧିକାରୀ, ବିନିକା ତଥା ବ୍ଲକ ଉନ୍ନୟନ ଅଧିକାରୀ, ବିନିକା ମଣ୍ଡୁ ଖମାରି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ, ତାଙ୍କ ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ବାଙ୍କା ବିହାରୀ ମହଲା, ବଲ୍ଲଭ ନାଗ, ଙ୍କ ସହିତ ବିଭିନ୍ନ ଟ୍ରେଡ଼ ୟୁନିଅନ ର କର୍ମକର୍ତ୍ତା ଯଥା ସୂର୍ଯ୍ୟକାନ୍ତ ରାଉଳ, ମୁରଲୀଧର ସାହୁ, ରମେଶ ନନ୍ଦ ଓ ଦେବରାଜ ବେହେରା ଙ୍କ ସମେତ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମାନେ ମଧ୍ୟ ଏହି ପଦଯାତ୍ରାରେ ସାମିଲ ହୋଇ ଏହି ପଦଯାତ୍ରାକୁ ସଫଳ କରିଥିଲେ ଓ ଏଥି ସହିତ ତରଭା ଠାରେ ଅନୁଷ୍ଠିତ ହୋଇଥିବା ସଚେତନତା ପଦଯାତ୍ରା ସ୍ନିନିତା କୁମାରୀ ଦେବୀ ଙ୍କ ଅଧ୍ୟକ୍ଷତାରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଓ ଶ୍ରମ କାର୍ଯ୍ୟାଳୟର ମଙ୍ଗଳ ଅଧିକାରୀ ଅନିତା ନାଗ, ନାରାୟଣ ବିଶି ଙ୍କ ସହିତ ଅନ୍ୟାନ୍ୟ ଟ୍ରେଡ଼ ୟୁନିଅନ ର କର୍ମକର୍ତ୍ତା ଯଥା କୁଶଳେଶ୍ୱର ସୁନା, ତ୍ରିନାଥ ସୁନା, ରଶ୍ମିତା ପଧାନ, ଅରୁଣ ବାଦି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଏଥିରେ ବିଶେଷ ଭାବରେ ସହଯୋଗ କରିଥିଲେ ।

ଲୋକଙ୍କୁ ନ୍ୟାୟ ଦେବାକୁ ସଂଗ୍ରାମ କରିବ ମାନବିକ ଅଧିକାର ସଂଗଠନ

କଳିଙ୍ଗନଗର,୪।୪(ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ମାନବଅଧିକାର କମିଶନର ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଯାଜପୁର ଜିଲ୍ଲା ବ୍ୟାସ ନଗର ସ୍ଥିତ ହୋଟେଲ ଦାୟଲ ରେ ଅନୁଷ୍ଠିତ ହୋଇଯାଇଛି, ଆଜିର ଏହି ବୈଠକ ଆରମ୍ଭରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା, ଏହାପରେ ଉପସ୍ଥିତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ଏହି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯାଜପୁର ଜିଲ୍ଲାରେ ବିଶ୍ୱ ମାନବ ଅଧିକାର ସଂଗଠନ କିପରି ମଜବୁତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା, ଜିଲ୍ଲା ରେ ଗାଁ ଠାରୁ ଆରମ୍ଭ କରି ସହର ଓ ବିଶେଷ ଭାବେ ଶିଳ୍ପ ଖଣି ଅଞ୍ଚଳରେ ଜନସାଧାରଣ କିପରି ନିର୍ଯାତନାର ଶିକାର ହେଉଛନ୍ତି, ସେମାନଙ୍କର ମାନବିକ ଅଧିକାର ଉଲ୍ଲଘଂନ ହେଉଛି, ସେମାନଙ୍କୁ ଉଚିତ ନ୍ୟାୟ ମିଳିପାରୁନାହିଁ, ଶିଶୁ, ମହିଳା, ଶ୍ରମିକ, ଖଟିଖିଆ, ଦିନ ମଜୁରିଆ ମାନେ ବାରମ୍ବାର ଅବହେଳିତ ଓ ଶୋଷିତ ହେଉଛନ୍ତି ସେ ବିଷୟରେ ସମସ୍ତେ ଜାଣି ସୁଦ୍ଧା ନୀରବ ରହୁଛନ୍ତି, ଏ ପରି ସମାଜରେ ରହୁଥିବା ଲୋକ

ମାନଙ୍କ ପାଇଁ ଏ ବିଶ୍ୱ ମାନବ ଅଧିକାର ସଂଗଠନ ଲଢେଇ କରିବ ବୋଲି ଉପସ୍ଥିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ନେତୃ ମଣ୍ଡଳୀ ମାନେ ନିଜ ବକ୍ତବ୍ୟରେ କହିଥିଲେ, ଶିଳ୍ପ କାରଖାନାର ପ୍ରଦୂଷଣ ଓ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ମାନବ ଅଧିକାର କମିଶନ ପକ୍ଷରୁ ଆଗାମୀ ଦିନରେ ଚିଠି କରାଯାଇ ଦାଗିତ କରାଯିବ ବୋଲି ସୂଚନା ଦିଆଯାଇଥିଲା, ଯେତେ ବଡ଼ ରାଜନୈତିକ ବ୍ୟକ୍ତି ବିଶେଷ ହୁଅନ୍ତୁ କି ଧନଶାଳି କି ବାହୁବଳୀ ଯିଏ ବି ଗରିବ ଲୋକମାନଙ୍କ ମା